# ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସମ୍ପର୍କିତ ଅଧ୍ୟୟନ

ସୁନ୍ଦରଗଡ଼ ଜିଲ୍ଲାରେ ଡି.ଏମ.ଏଫ. ପାଣ୍ଠି ଅଧୀନରେ ୦/୦୦ କି: ମି: ରୁ ୮/୦୦ କି:ମି: ପର୍ଯ୍ୟନ୍ତ କୋଇଡା ବାଇପାସ୍ ରାସ୍ତା ନିର୍ମାଣ ପାଇଁ ସୁନ୍ଦରଗଡ଼ ଜିଲ୍ଲାର କୋଇଡା ତହସିଲ ଅନ୍ତର୍ଗତ କୋଇଡା ଗ୍ରାମରୁ ୦.୧୦୦୦ ଏକର ଘରୋଇ ଜମି ଅଧିଗ୍ରହଣ ପାଇଁ ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସମ୍ପର୍କିତ ଅଧ୍ୟୟନ ରିପୋର୍ଟ (ଟି.ଓ.ଆର.-୧୨୩-୦୦୦୦୧)







RICOR

ସୁନ୍ଦରଗଡ଼ ଜିଲ୍ଲାରେ  ଡି.ଏମ.ଏଫ.  ପାଣ୍ଠି ଅଧୀନରେ ୦/୦୦ କିଲୋମିଟରରୁ ୮/୦୦ କିଲୋମିଟର ପର୍ଯ୍ୟନ୍ତ କୋଇଡା ବାଇପାସ୍ ରାସ୍ତା ନିର୍ମାଣ ପାଇଁ ସୁନ୍ଦରଗଡ଼ ଜିଲ୍ଲାର କୋଇଡା ତହସିଲ ଅନ୍ତର୍ଗତ କୋଇଡା ଗ୍ରାମରୁ ୦.୧୦୦୦ ଏକର ଘରୋଇ ଜମି ଅଧିଗ୍ରହଣ ପାଇଁ ସାମାଜିକ ପ୍ରଭାବ ନିର୍ଦ୍ଧାରଣ ଅଧ୍ୟୟନ

(ଟି.ଓ.ଆର.-୧୨୩-୦୦୦୦୧)

# ପ୍ରାପ୍ତି ସ୍ୱୀକାର

ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର (ଏନ.ସି.ଡି.ଏସ.) ର ରାଜ୍ୟ ଏସ.ଆଇ.ଏ. ୟୁନିଟ୍ ଏବଂ ଏହାର ସଂଯୋଜକ ଡକ୍ଟର ରାଜକୁମାର ଖୋସଲା,  ରିସର୍ଚ୍ଚ ଆଣ୍ଡ ଇନଫର୍ମେଶନ ସେଣ୍ଟର ଫର ଓଡିଶା (ରାଇକର) ଉପରେ ବିଶ୍ୱାସ ପ୍ରକଟ କରି ସଂଗଠନକୁ ଏହି ଅଧ୍ୟୟନ କାର୍ଯ୍ୟର ଦାୟୀତ୍ୱ ହସ୍ତାନ୍ତର କରିଥିବାରୁ ଆମେ ଚିର କୃତଜ୍ଞ ।

ଅଧ୍ୟୟନ ପରିଚାଳନା ପାଇଁ ଆମକୁ ସମସ୍ତ ସହଯୋଗ ଏବଂ ସହାୟତା ପ୍ରଦାନ କରିଥିବାରୁ ଆମେ ଜିଲ୍ଲା ମାଜିଷ୍ଟ୍ରେଟ୍ ଆଣ୍ଡ କଲେକ୍ଟର, ସୁନ୍ଦରଗଡ଼ ଏବଂ ତାଙ୍କର ଅଧିକାରୀଙ୍କ ଦଳକୁ ଆମର କୃତଜ୍ଞତା ଜଣାଉଅଛୁ । କ୍ଷେତ୍ର ସର୍ଭେ କାର୍ଯ୍ୟ ସମୟରେ ସମ୍ପୂର୍ଣ ସହଯୋଗ ଏବଂ ସହାୟତା ପାଇଁ ଆମେ ସ୍ୱତନ୍ତ୍ର ଜମି ଅଧିଗ୍ରହଣ ଅଧିକାରୀ,  ସୁନ୍ଦରଗଡ଼ ଏବଂ ତାଙ୍କ ସହକର୍ମୀ ମାନଙ୍କୁ ଧନ୍ୟବାଦ ଦେଉଛୁ ।

ସମ୍ପୃକ୍ତ ୱାର୍ଡରେ ସାମାଜିକ-ଅର୍ଥନୈତିକ ସର୍ବେକ୍ଷଣ କାର୍ଯ୍ୟ ସମୟରେ ୱାର୍ଡ କାଉନସିଲର ଏବଂ ଗ୍ରାମ ଗୁଡିକର ଜଣାଶୁଣା ନେତୃ ସ୍ଥାନୀୟ ବ୍ୟକ୍ତି ଯେପରି ଭାବରେ ସହଯୋଗ ଓ ସମର୍ଥନ ଯୋଗାଇଛନ୍ତି ଆମେ ସେଥିପାଇଁ ସେମାନଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଉଅଛୁ  ।

ଆମେ ଆମର କର୍ତ୍ତବ୍ୟରେ ଅବହେଳା କରିବୁ, ଯଦି ଆମେ ପ୍ରଭାବିତ ଗ୍ରାମ କୋଇଡାର ଗ୍ରାମବାସୀଙ୍କୁ ଧନ୍ୟବାଦ ଜଣାଉନାହୁଁ ଯେଉଁମାନେ କି କ୍ଷେତ୍ର ସର୍ଭେ କାର୍ଯ୍ୟ ସମୟରେ ସହଯୋଗ ଓ ସହାୟତା ପ୍ରଦାନ କରିବା ସହ ଆବଶ୍ୟକୀୟ ସୂଚନା ଯୋଗାଇ ଦେଇଥିଲେ ।

ଆମ ଅନୁଷ୍ଠାନର କ୍ଷେତ୍ର ଅନୁସନ୍ଧାନକାରୀ ଏବଂ ସୁପରଭାଇଜର ମାନେ କଠିନ ଏବଂ ଆନ୍ତରିକତା ସହ କାର୍ଯ୍ୟ କରିଥିବାରୁ ତାଙ୍କୁ ଆମେ ଆନ୍ତରିକ ଧନ୍ୟବାଦ ଜଣାଉଅଛୁ 1 ପରିଶେଷରେ ଆମ କାର୍ଯ୍ୟାଳୟର ଯେଉଁ କର୍ମଚାରୀମାନେ ଏହି କାର୍ଯ୍ୟଟିର ଶେଷ ପର୍ଯ୍ୟନ୍ତ ସବୁ ସମୟରେ ସହଯୋଗ ଓ ସମର୍ଥନ ଯୋଗାଇଛନ୍ତି ସେମାନଙ୍କୁ ଆମେ ପ୍ରଶଂସା କରୁଅଛୁ  ।

**(ଏ. କେ. ବେହେରା)**
**କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, ରାଇକର**

# ସୂଚୀପତ୍ର


| @¤d | ahd | _Â |
|---|---|---|
| | **କାର୍ଯ୍ୟନିର୍ବାହୀ ସାରାଂଶ** | i - xvi |
| **@¤d-1** | ଉପକ୍ରମଣିକା ଓ ପ୍ରକଳ୍ପ ପୃଷ୍ଠଭୂମି | 1 |
| 1.1 | ଉପକ୍ରମଣିକା | 1 |
| 1.2 | ପ୍ରକଳ୍ପ ପୃଷ୍ଠଭୂମି: | 1 |
| 1.3 | ପ୍ରକଳ୍ପ ସ୍ଥାନ | 2 |
| 1.4 | ପ୍ରକଳ୍ପର ଯୁକ୍ତିସଙ୍ଗତତା | 3 |
| 1.5 | ସର୍ବସାଧାରଣ ଉଦ୍ଦେଶ୍ୟ | 3 |
| 1.6 | ବିକଳ୍ପ ସ୍ଥାନର ପରୀକ୍ଷା | 4 |
| 1.7 | ପ୍ରକଳ୍ପ ବିକାଶକାରୀ ସଂସ୍ଥାର ପୃଷ୍ଠଭୂମି ଓ ପରିଚାଳନା ପ୍ରଣାଳୀ | 4 |
| 1.8 | ପ୍ରକଳ୍ପ ପରିଚାଳନାର ଗଠନାତ୍ମକ ଢାଞ୍ଚା | 4 |
| 1.9 | ପ୍ରକଳ୍ପ ନିର୍ମାଣର ପର୍ଯ୍ୟାୟ | 5 |
| 1.10 | ପକଳ୍ପର ମୁଖ୍ୟ ଡିଜାଇନ୍ ବୈଶିଷ୍ଟ୍ୟ ଏବଂ ସୁବିଧାଗୁଡ଼ିକ | 5 |
| ୧.୧୧ | ଆନୁଷଙ୍ଗିକ ଭିତ୍ତିଭୂମି ଆବଶ୍ୟକତା | 6 |
| ୧.୧୨ | କର୍ମଶକ୍ତି ଆବଶ୍ୟକତା | 6 |
| 1.13 | ପୂର୍ବ "ସାମାଜିକ ପ୍ରଭାବ ଆକଳନ କିମ୍ବା ବୈଷୟିକ ସମ୍ଭାବ୍ୟତା ଅଧ୍ୟୟନ | 6 |
| ୧.୧୪ | ପ୍ରକଳ୍ପ ସମ୍ବନ୍ଧରେ ଯଦି ପୂର୍ବରୁ କୌଣସି ସାମାଜିକ ଓ ଅର୍ଥନୈତିକ ପ୍ରଭାବ ଆକଳନ ଅଧ୍ୟୟନ ହୋଇଥାଏ, ତେବେ ତାହାର ବିବରଣୀ | 6 |
| ୧.୧୫ | ପ୍ରଯୁଜ୍ୟ ଆଇନଗତ ନିୟମ ଏବଂ ନୀତି | 6 |
| **@¤d-2** | **ସାମାଜିକ ଓ ଅର୍ଥନୈତିକ ପ୍ରଭାବ ଆକଳନ ଅଧ୍ୟୟନ ଦଳ ଗଠନ ଏବଂ ଅଧ୍ୟୟନର ମାର୍ଗ ଓ ପଦ୍ଧତି** | 8 |
| 2.1 | ଉପକ୍ରମ | 8 |
| 2.2 | ସାମାଜିକ ପ୍ରଭାବ ଆକଳନ ଦଳ | 8 |
| 2.3 | ସାମାଜିକ ପ୍ରଭାବ ଆକଳନ କରିବା ନିମନ୍ତେ ତଥ୍ୟ ସଂଗ୍ରହ ପାଇଁ ବ୍ୟବହୃତ ମାର୍ଗ ଓ ପଦ୍ଧତି | 9 |
| 2.3.1 | ମାର୍ଗ: | 9 |
| 2.3.2 | ପଦ୍ଧତି | 10 |

| @¤ïd | ahd | _Âï |
|---|---|---|
| 2.4 | ବ୍ୟବହୃତ କାର୍ଯ୍ୟ ପଦ୍ଧତିର ନମୁନା | 11 |
| 2.4.1 | ସାମାଜିକ-ଅର୍ଥନୈତିକପ୍ରଭାବ ଆକଳନ ସମ୍ବନ୍ଧୀୟ ତଥ୍ୟ ସଂଗ୍ରହ | 11 |
| 2.4.2 | ତଥ୍ୟ ସଂଗ୍ରହ ପାଇଁ ଉପକରଣ | 11 |
| 2.5 | ବ୍ୟବହୃତ ସୂଚନା କିମ୍ବା ତଥ୍ୟ ଉତ୍ସଗୁଡ଼ିକର ସମୀକ୍ଷା | 12 |
| 2.6 | ଜନସାଧାରଣ ଏବଂ ପ୍ରମୁଖ ହିତାଧିକାରୀ ସହିତ ପରାମର୍ଶର କାର୍ଯ୍ୟସୂଚୀ | 15 |
| 2.7 | ସାମାଜିକ ପ୍ରଭାବ ନିର୍ଦ୍ଧାରଣ ରିପୋର୍ଟ ଉପରେ ଜନଶୁଣାଣି | 16 |
| 2.7.1 | ଉପକ୍ରମ | 16 |
| 2.7.2 | ଜନଶୁଣାଣୀର ଉଦ୍ଦେଶ୍ୟ | 17 |
| 2.7.3 | ଅନୁସୃତ ପ୍ରକ୍ରିୟା | 17 |
| 2.7.4 | ଜନଶୁଣାଣୀ ର ବିବରଣୀ | 18 |
| **ଅଧ୍ୟାୟ -୩** | **ଜମି ମୂଲ୍ୟାଙ୍କନ** | 21 |
| 3.1 | C_Kc | 21 |
| 3.2 | ପ୍ରକଳ୍ପ ପ୍ରଭାବିତ କ୍ଷେତ୍ରର ମାନଚିତ୍ର | 21 |
| 3.3 | ଅଧିଗ୍ରହଣ ହେବାକୁ ଥିବା ଜମିର ପରିମାଣ ଓ ଅବସ୍ଥାନ | 22 |
| 3.4 | ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ସର୍ବନିମ୍ନ ଆବଶ୍ୟକତା | 22 |
| 3.5 | ପ୍ରକଳ୍ପ ପାଇଁ ସମ୍ଭାବ୍ୟ ବିକଳ୍ପ ସ୍ଥାନ | 22 |
| 3.6 | ଶେଷ ଉପାୟ ଭାବରେ ଅନୁସୂଚିତ ଅଞ୍ଚଳରେ ଅଧିଗ୍ରହଣ | 23 |
| 3.7 | ପୂର୍ବରୁ ଅଧିଗ୍ରହଣ କରାଯାଇଥିବା, ବିଚ୍ଛିନ୍ନକରାଯାଇଥିବା, କିମ୍ବା ଲିଜ୍ ଦିଆଯାଇଥିବା ଜମି | 23 |
| 3.8 | ସାର୍ବଜନୀନ କିମ୍ବା ଅବ୍ୟବହୃତ ଜମି ବ୍ୟବହାରର ପରିସର | 23 |
| 3.9 | ଅଧିଗ୍ରହଣ ହେବାକୁ ଥିବା ଜମିର ଶ୍ରେଣୀକରଣ, ପ୍ରକାର ଓ ବର୍ତ୍ତମାନର ବ୍ୟବହାର | 23 |
| 3.10 | ପ୍ରସ୍ତାବିତ ଜମି ଅଧିଗ୍ରହଣରେ ଖାଦ୍ୟ ନିରାପତ୍ତା ଆଇନର ବ୍ୟବସ୍ଥା | 24 |
| 3.11 | ଜମିର ଆକାର, ମାଲିକାନା ଢାଞ୍ଚା ଏବଂ ଭିତ୍ତିଭୂମି | 24 |
| 3.11.1 | ଜମି ମାଲିକାନା ପରିମାଣରେ ପରିବର୍ତ୍ତନ | 24 |
| 3.11.2 | ଜମି ବଣ୍ଟନ | 25 |
| 3.11.3 | ଭିତ୍ତିଭୂମି ଏବଂ ସେବାଗୁଡିକର ସ୍ଥିତି | 26 |
| 3.11.4 | **ଗ୍ରାମ ସ୍ତରୀୟ ଅନୁଷ୍ଠାନ** | 26 |
| 3.11.5 | **ବିକ୍ରୟ ଏବଂ ସେବା କେନ୍ଦ୍ରଗୁଡିକ** | 27 |
| 3.12 | **ଜମି ମୂଲ୍ୟ ଏବଂ ମାଲିକାନାର ପରିବର୍ତ୍ତନ** | 27 |

| @¤d | ahd | _Â |
|---|---|---|
| **@¤d-4** | ପ୍ରଭାବିତ ପରିବାର ଓ ସମ୍ପତ୍ତିର ଆକଳନ | 28 |
| 4.1 | C_Kc | 28 |
| 4.2 | ପରିବାରଗୁଡ଼ିକର ଗଣନା | 28 |
| 4.3 | ପ୍ରକଳ୍ପ ପ୍ରଭାବିତ ଜମି ମାଲିକଙ୍କ ଉପରେ ପ୍ରଭାବ | 29 |
| 4.3.1 | ଜମି ଅଧିଗ୍ରହଣ ପରେ ଜମି ମାଲିକାନା ଢାଞ୍ଚାରେ ପରିବର୍ତ୍ତନ | 29 |
| 4.3.2 | **RiZ j i iaùe** ଅଧିଗ୍ରହଣ ପରବର୍ତ୍ତି ପରିବର୍ତ୍ତନ | 29 |
| **@¤d-5** | **i icRK _bia ^¡ieY** | 30 |
| 5.1 | C_Kc | 30 |
| 5.2 | ପ୍ରକଳ୍ପ ପ୍ରଭାବିତ ଗ୍ରାମର ଜନ ସାଂଖ୍ୟିକ ସ୍ଥିତି | 30 |
| 5.2.1 | ପ୍ରକଳ୍ପ ପ୍ରଭାବିତ ପରିବାର ଏବଂ ଜନସଂଖ୍ୟା | 31 |
| 5.2.1 | ପ୍ରକଳ୍ପ ପ୍ରଭାବିତ ପରିବାର ଗୁଡିକର ଆକାର ଏବଂ ଲିଙ୍ଗ ଅନୁପାତ | 32 |
| 5.2.3 | ପ୍ରକଳ୍ପ ପ୍ରଭାବିତ ବ୍ୟକ୍ତି ମାନଙ୍କର ବୟସ ଓ ବୈବାହିକସ୍ଥିତି | 32 |
| 5.3 | ପ୍ରକଳ୍ପ ପ୍ରଭାବିତ ବ୍ୟକ୍ତି ମାନଙ୍କ ଧର୍ମ | 32 |
| 5.4 | ପ୍ରକଳ୍ପ ପ୍ରଭାବିତ ବ୍ୟକ୍ତି ମାନଙ୍କ ଜାତି | 33 |
| 5.5 | ପରିବାର ଗୁଡ଼ିକର ବୈଶିଷ୍ଟ୍ୟ | 34 |
| 5.5.1 | ପରିବାରର ଆକାର | 35 |
| 5.5.2 | ପ୍ରକଳ୍ପ ପ୍ରଭାବିତ ପରିବାରର ମୁଖ୍ୟ | 36 |
| 5.6 | ଶିକ୍ଷା ସ୍ଥିତି | 36 |
| 5.7 | ଆୟ ଏବଂ ଦାରିଦ୍ର୍ୟ ସ୍ତର | 38 |
| 5.7.1 | ବୃତ୍ତିଗତ ଢାଞ୍ଚା | 38 |
| 5.7.2 | ପାରିବାରିକ ଆୟ | 39 |
| 5.8 | ପରିସମ୍ପତ୍ତି ଏବଂ ସ୍ଥାୟୀ ବ୍ୟବହାର୍ଯ୍ୟ ସାମଗ୍ରୀ | 40 |
| 5.9 | ପରିସମ୍ପତ୍ତି ଏବଂ ସ୍ଥାୟୀ ବ୍ୟବହାର୍ଯ୍ୟ ସାମଗ୍ରୀ | 41 |
| 5.9.1 | ପରିବାରର ଖର୍ଚ୍ଚ | 41 |
| 5.9.2 | ପରିବାରଗୁଡିକର ଋଣ ସମ୍ବନ୍ଧୀୟ ତଥ୍ୟ | 41 |

| @¤d | ahd | _Âi |
|---|---|---|
| 5.10 | ବାସସ୍ଥାନ ସ୍ଥିତି | 42 |
| 5.11 | ସାର୍ବଜନୀନ ସେବା ସଂସ୍ଥାନ ପ୍ରାପ୍ତ | 43 |
| 5.12 | ସ୍ୱାସ୍ଥ୍ୟ ସ୍ଥିତି | 43 |
| 5.13 | ନିରାଶ୍ରୟ  ଗୋଷ୍ଠୀ | 44 |
| 5.14 | ଭୂ-ବିନିଯୋଗ ଢାଞ୍ଚା ଏବଂ ଜୀବିକା | 45 |
| 5.14.1 | ପ୍ରକଳ୍ପ ପ୍ରଭାବିତ ତହସିଲରେ ଜମିର ବ୍ୟବହାର ପ୍ରକାର | 45 |
| 5.15 | ଜୀବିକା | 46 |
| 5.16 | ସ୍ଥାନୀୟ ଅର୍ଥନୈତିକ କାର୍ଯ୍ୟକଳାପ ଉପରେ ପ୍ରଭାବ | 47 |
| 5.17 | ସ୍ଥାନୀୟ ଜୀବିକା ନିମନ୍ତେ ସହାୟକ ହେଉଥିବା କେତେକ କାରଣ | 48 |
| 5.18 | ସମ୍ପର୍କ ଢାଞ୍ଚା ଏବଂ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ | 48 |
| 5.18.1 | ସମ୍ପର୍କ ଢାଞ୍ଚା | 48 |
| 5.18.2 | ସାମାଜିକ-ସାଂସ୍କୃତିକ ସଂଗଠନ | 49 |
| 5.18.3 | ଧାର୍ମିକ ଓ ପବିତ୍ର ସ୍ଥାନ | 49 |
| 5.18.4 | ପ୍ରଶାସନିକ, ରାଜନୈତିକ, ସମ୍ପ୍ରଦାୟ ଭିତ୍ତିକ ଏବଂ ସାମାଜିକ ସଂଗଠନ | 49 |
| 5.18.5 | ଆଞ୍ଚଳିକ ଗତିଶୀଳତା ଏବଂ ଐତିହାସିକ ପରିବର୍ତ୍ତନ ପ୍ରକ୍ରିୟା | 50 |
| 5.19 | ସମ୍ବଳ ମାନଚିତ୍ର | 50 |
| 5.20 | ଅଣ-ପ୍ରଭାବିତ ପରିବାର | 50 |
| 5.21 | ଅଣ ପ୍ରଭାବିତ ପରିବାର ଗୁଡିକର ସାମାଜିକ-ଅର୍ଥନୈତିକ ସ୍ଥିତି | 51 |
| 5.21.1 | ଅଣ-ପ୍ରଭାବିତ ପରିବାରର ଜନସାଂଖ୍ୟିକ ଚିତ୍ର | 51 |
| 5.21.2 | ବୃତ୍ତି ଏବଂ ଜୀବିକା | 52 |
| 5.21.3 | ଅଣ-ପ୍ରଭାବିତ ପରିବାର ମାନଙ୍କର ଆୟ ଏବଂ ବ୍ୟୟ | 52 |
| 5.21.4 | ଅଣ-ପ୍ରଭାବିତ ପରିବାରଙ୍କ ଜାତି ବଣ୍ଟନ | 53 |
| 5.21.5 | ଅଣ-ପ୍ରଭାବିତ ପରିବାରର ମୁଖ୍ୟ | 55 |
| 5.21.6 | ଶିକ୍ଷା | 55 |
| 5.21.7 | ସ୍ୱାସ୍ଥ୍ୟ ସ୍ଥିତି | 56 |

| @¤d | ahd | _Âi |
|---|---|---|
| **@¤d-6** | **i icRK _bia _ePik^i ù~iR^i** | 57 |
| 6.1 | C_Kc | 57 |
| 6.1.1 | ପ୍ରଭାବ ଚିହ୍ନଟ ପାଇଁ ଢାଞ୍ଚା ଏବଂ ଆଭିମୁଖ୍ୟ | 57 |
| 6.1.2 | ସାମାଜିକ ପ୍ରଭାବର ଶ୍ରେଣୀକରଣ | 58 |
| 6.2 | ପ୍ରକଳ୍ପ ନିର୍ମାଣ ଚକ୍ରର ବିଭିନ୍ନ ପର୍ଯ୍ୟାୟରେ ପ୍ରଭାବର ବର୍ଣ୍ଣନା | 58 |
| 6.3 | ସାମୁଦାୟୀକ ସ୍ୱାସ୍ଥ୍ୟ ଉପରେ ବିପଦ | 59 |
| 6.4 | ଜୀବିକା ଓ ସଂସ୍କୃତି ଉପର ପ୍ରଭାବ | 59 |
| 6.5 | ପ୍ରକଳ୍ପ ପ୍ରଭାବିତ ଜମି ମାଲିକାନା ଉପରେ ପ୍ରଭାବ | 59 |
| 6.6 | **@^ iPZ RiZ / R^RiZ _eaieu ùjC[ai bcji^** | 60 |
| 6.7 | **biMPihi I Kh gcKci^u C_ùe _bia** | 61 |
| 6.8 | **^eigd ùMiÂi C_ùe _bia** | 61 |
| 6.9 | **R^RiZ _iw** | 62 |
| 6.10 | **fwbଓK _iw** | 62 |
| 6.11 | ପରିବହନ ଓ ଗମନାଗମନ ବ୍ୟବସ୍ଥା ଉପରେ ପ୍ରଭାବ | 63 |
| 6.12 | ପ୍ରାଣୀ ପାଳନ ଉପରେ ପ୍ରଭାବ | 63 |
| 6.13 | ସାମାଜିକ ପ୍ରଭାବ ପରିଚାଳନା ଯୋଜନା | 64 |
| 6.14 | କେନ୍ଦ୍ରୀଭୂତ ଗୋଷ୍ଠୀ ଆଲୋଚନାର ନିଷ୍କର୍ଷ | 66 |
| 6.14.1 | ପ୍ରକଳ୍ପ ବିଷୟରେ ପ୍ରଭାବିତ ପରିବାର ମାନଙ୍କର ଧାରଣା ଏବଂ ସାଧାରଣ ଭାବନା | 67 |
| 6.14.2 | ପ୍ରକଳ୍ପ ପାଇଁ ସ୍ଥାନୀୟ ଲୋକଙ୍କ ସମର୍ଥନ | 68 |
| 6.14.3 | ସମସ୍ୟା ହିତଓ ଉଦବେଗ | 69 |
| 6.14.4 | ଗୁରୁତ୍ୱପୂର୍ଣ ପ୍ରସଙ୍ଗ | 69 |
| 6.14.5 | ସାଧାରଣ ସାମାଜିକ-ଅର୍ଥନୈତିକପରିସ୍ଥିତି | 69 |
| 6.14.6 | ଉତ୍ପାଦନ ଏବଂ ଅର୍ଥନୀତି | 70 |
| 6.15 | **_ÉiaZ i icRK _bia _ePik^i ù~iR^i _iA aýd @UKk** | 71 |
| **@¤d-7** | ଲାଭ-କ୍ଷତି ବିଶ୍ଳେଷଣ ଓ ଜମି ଅଧିଗ୍ରହଣ ନିମନ୍ତେ ସୁପାରିଶ | 72 |

| @¤d | ahd | _Â |
|---|---|---|
| 7.1 | C_Kc | 72 |
| 7.2 | _KÌe icRK fb-IZ | 73 |
| 7.2.1 | ଜମି ଏବଂ ମାଲିକାନା ଅଧିକାରର କ୍ଷତି | 73 |
| 7.2.2 | ଜୀବିକା ଏବଂ ଆୟ ଉପରେ ପ୍ରଭାବ | 73 |
| 7.2.3 | କ୍ଷତିପୂରଣ ଏବଂ ପାରିବାରିକ ସମ୍ପର୍କର ବଣ୍ଟନ | 73 |
| 7.2.4 | ମାନସିକ ଏବଂ ଭାବପ୍ରବଣ ଚାପ | 73 |
| 7.2.5 | ସମ୍ପ୍ରଦାୟ ଧାରଣା ଉପରେ ପ୍ରଭାବ | 74 |
| 7.2.6 | ସାମାଜିକ ବିପଦ ପ୍ରତି ବର୍ଦ୍ଧିତ ଦୁର୍ବଳତା | 74 |
| 7.2.7 | ସଂକ୍ରମଣାତ୍ମକ ସମାୟୋଜନ ଏବଂ ଅନୁକୂଳନ | 74 |
| 7.3 | ସାର୍ବଜନୀନ ଉଦ୍ଦେଶ୍ୟର ମୂଲ୍ୟାଙ୍କନ | 74 |
| 7.4 | କମ୍ ବିସ୍ଥାପିତ ବିକଳ୍ପ ଏବଂ ଜମିର ସର୍ବନିମ୍ନ ଆବଶ୍ୟକତା | 75 |
| 7.5 | ସାମାଜିକ ପ୍ରଭାବର ପ୍ରକୃତି ଏବଂ ତୀବ୍ରତା | 75 |
| 7.6 | ସାମାଜିକ ମୂଲ୍ୟ ଏବଂ ଲାଭକୁ ସନ୍ତୁଳିତ କରିବା | 75 |
| 7.7 | ଚୂଡ଼ାନ୍ତ ସୁପାରିଶ | 75 |
| 7.8 | ଜମି ଅଧିଗ୍ରହଣ ପାଇଁ ସୁପାରିଶ | 77 |


# _egÁ


_egÁ -1 IWg ieKeu am¯

_egÁ -2 _KÌ _baZ Mc MWKe i´k ^Ki

_egÁ -3 ùK¦úbZ ùMÂú @ù fP^ I _eae iùbe ùKùZK `ùUM`

_egÁ -୪ କ୍ଷେତ୍ର ସର୍ବେକ୍ଷଣ ପାଇଁ ବ୍ୟବହୃତ ହୋଇଥିବା ପ୍ରଶ୍ନାବଳି

_egÁ -5 Mc^iùe _KÌ _baZ _eae MWKe __ý

# iieYi ZifKi

| ସାରଣୀ | ବିଷୟ |
| --- | --- |
| iieYi 2.1 | ସାମାଜିକ ପ୍ରଭାବ ନିର୍ଦ୍ଧାରଣ ଦଳର ସଭ୍ୟ ମାନଙ୍କର ବିବରଣୀ |
| iieYi 3.1 | ଅଧିଗ୍ରହଣ ହେବାକୁ ଥିବା ଜମି ପରିମାଣ |
| iieYi 3.2 | ପ୍ରକଳ୍ପ ପ୍ରଭାବିତ ପରିବାରଙ୍କ ଜମି ବ୍ୟବହାର ଢାଞ୍ଚା (ଏକରରେ) |
| iieYi 3.3 | ଜମି ମାଲିକାନାରେ ଜମି ଅଧିଗ୍ରହଣ ପରବର୍ତ୍ତି ପରିବର୍ତ୍ତନ |
| iieYi 3.4 | RiZ j iiaùe ଜମି ବଣ୍ଟନ |
| iieYi 3.5 | _Kì _biaZ Micùe [ai bଭିbc |
| iieYi 3.6 | _Kì @iPkùe [ai MicÉeid @^Âi^ |
| iieYi 3.7 | ପ୍ରକଳ୍ପ ଅଂଚଳରେ ଥିବା ବିକ୍ରୟ ଏବଂ ସେବା କେନ୍ଦ୍ର |
| iieYi 5.1 | ସୁନ୍ଦରଗଡ଼ ଜିଲ୍ଲାର କୋଇଡା ତହସିଲର ଜନସାଂଖ୍ୟିକ ସ୍ଥିତି |
| iieYi 5.2 | _Kì _biaZ _eaie @iKie I fwi^_iZ |
| iieYi 5.3 | ପ୍ରକଳ୍ପ ପ୍ରଭାବିତ ବ୍ୟକ୍ତିଙ୍କ ବୟସ ଅନୁଯାୟୀ ଲିଙ୍ଗଭିତ୍ତିକ ଓ ବୈବାହିକସ୍ଥିତି |
| iieYi 5.4 | _Kì _biaZ aýqci^ue ]ci^ iiùe ùgYiKeY |
| iieYi 5.5 | ପ୍ରଭାବିତ ପରିବାରଗୁଡିକ ମଧ୍ୟରେ ଜାତି ଗଠନର ବିବରଣୀ |
| iieYi 5.6 | ପ୍ରକଳ୍ପ ପ୍ରଭାବିତ ପରିବାରଗୁଡିକର ପରିବାର ଆକାର |
| iieYi 5.7 | ପରିବାରର ପ୍ରକାର |
| iieYi 5.8 | _Kì _biaZ _eaie cLý |
| iieYi 5.9 | ପ୍ରକଳ୍ପ ପ୍ରଭାବିତ ପରିବାର ଗୁଡିକର ଶିକ୍ଷା ସ୍ଥିତି |
| iieYi 5.10 | ପ୍ରକଳ୍ପ ପ୍ରଭାବିତ ପରିବାରଗୁଡିକର ମୁଖ୍ୟ ବୃତ୍ତି |
| iieYi 5.11 | ପ୍ରକଳ୍ପ ପ୍ରଭାବିତ ପରିବାର ଗୁଡିକର ଆୟର ବିବରଣୀ |
| iieYi 5.12 | ପ୍ରକଳ୍ପ ପ୍ରଭାବିତ ପରିବାର ଗୁଡିକର ପରିସମ୍ପତ୍ତି ଏବଂ ସ୍ଥାୟୀ ବ୍ୟବହାର୍ଯ୍ୟ ସାମଗ୍ରୀ |
| iieYi 5.13 | ପ୍ରକଳ୍ପ ପ୍ରଭାବିତ ପରିବାର ଗୁଡିକର ମାସିକ ହାରାହାରି ବ୍ୟୟ |
| iieYi 5.14 | ପ୍ରକଳ୍ପ ପ୍ରଭାବିତ ପରିବାର ଗୁଡିକର ଋଣ ବିବରଣୀ |
| iieYi 5.15 | ବାସସ୍ଥାନର ଅବସ୍ଥା |
| iieYi 5.16 | ସର୍ବସାଧାରଣ ସୁବିଧା ସୁଯୋଗ ପ୍ରାପ୍ତି |
| iieYi 5.17 | ପ୍ରକଳ୍ପ ପ୍ରଭାବିତ ପରିବାର ଗୁଡିକର ସ୍ୱାସ୍ଥ୍ୟ ସ୍ଥିତି |
| iieYi 5.18 | ପ୍ରକଳ୍ପ ପ୍ରଭାବିତ ନିରାଶ୍ରୟ ପରିବାର |
| iieYi 5.19 | ପ୍ରକଳ୍ପ ପ୍ରଭାବିତ କୋଇଡା ତହସିଲରେ ଜମିର ବ୍ୟବହାର ପ୍ରକାର |
| iieYi 5.20 | _Kì @iPkùe [ai icíRK I iiÄZK @^Âi^ |
| iieYi 5.21 | iùa I Y Kei~iA [ai @Y_biaZ _eaiee R^ iiLýi iµKZ Z [ý |
| iieYi 5.22 | ଅଣପ୍ରଭାବିତ ପରିବାର ମାନଙ୍କ ମୁଖ୍ୟ ବୃତ୍ତି |
| iieYi 5.23 | ଅଣ-ପ୍ରଭାବିତ ପରିବାର ମାନଙ୍କର ଆୟ ଏବଂ ବ୍ୟୟ ସ୍ଥିତି |

| ସାରଣୀ | ବିଷୟ |
|---|---|
| i ieYí 5.24 | ଅଣ-ପ୍ରଭାବିତ ପରବାର ମାନଙ୍କର ହାରାହାରି ମାସିକ ଖର୍ଚ୍ଚ (ଟଙ୍କାରେ) |
| i ieYí 5.25 | **@Y_biaZ _eaiee RiZ j i iaùe abiMúKeY** |
| i ieYí 5.26 | **@Y_biaZ _eaiee @iKie I fw @^_iZ** |
| i ieYí 5.27 | **@Y-_biaZ ù f iKci^ue adi I fw @^~idú ùgYúKeY Gai ùaai jK Z [ý** |
| i ieYí 5.28 | ଅଣ-ପ୍ରଭାବିତ ପରିବାର ଗୁଡିକର ଧର୍ମ ବିଶ୍ଳେଷଣ |
| i ieYí 5.29 | ଅଣପ୍ରଭାବିତ ପରିବାର ଗୁଡିକର ମୁଖ୍ୟବ୍ୟକ୍ତି |
| i ieYí 5.30 | ଅଣ-ପ୍ରଭାବିତ ବ୍ୟକ୍ତିଙ୍କ ଶିକ୍ଷାଗତ ସ୍ଥିତି |
| i ieYí 5.31 | ପ୍ରଭାବିତ ପରିବାରଗୁଡିକର ସ୍ୱାସ୍ଥ୍ୟ ଅବସ୍ଥା |
| i ieYí 6.1 | ସାମାଜିକ ପ୍ରଭାବର ଶ୍ରେଣୀକରଣ |
| i ieYí 6.2 | **bc @]MjYe iiciRK _bia aùghY** |
| i ieYí 6.3 | **RúaKiR^ I ଭିତ୍ତିଭୂମି C_ùe iiciRK _biae aùghY** |
| i ieYí 6.4 | ପ୍ରକଳ୍ପ ପ୍ରଭାବିତ ଗ୍ରାମଗୁଡିକରେ ପରିଚାଳିତ କେନ୍ଦ୍ରୀଭୂତ ଗୋଷ୍ଠୀ ଆଲୋଚନା ଗୁଡ଼ିକର ବିବରଣୀ |
| i ieYí 6.5 | ପ୍ରକଳ୍ପ ପ୍ରଭାବିତ ଏବଂ ଅଣ-ପ୍ରଭାବିତ ଲୋକଙ୍କ ପ୍ରକଳ୍ପ ପ୍ରତି ଧାରଣା |
| i ieYí 6.5 | ଯାଜପୁର ତହସିଲର ଜମି ବ୍ୟବହାର ଏବଂ ଫସଲ ଖସଡ଼ା |
| i ieYí 6.6 | ସାମାଜିକ ପ୍ରଭାବ ପରିଚାଳନା ଯୋଜନା ପାଇଁ ବ୍ୟୟ ଅଟକଳ |

# PZ ZifKi


PZ 1.1 ପ୍ରସ୍ତାବିତ ପ୍ରକଳ୍ପର ନିର୍ମାଣ ସ୍ଥଳ

PZ 2.1 ଅଧ୍ୟୟନର ମାର୍ଗ ଓ ପଦ୍ଧତିର ସୋପାନ

PZ 3.1 ପ୍ରଭାବିତ ଅଂଚଳ ମାନଚିତ୍ର

PZ 5.1 ଜାତି ଗଠନ

PZ 5.2 ପ୍ରକଳ୍ପ ପ୍ରଭାବିତ ବ୍ୟକ୍ତି ମାନଙ୍କର ମୁଖ୍ୟ ବୃତ୍ତି

PZ 5.3 ପାରିବାରିକ ବ୍ୟୟର ଢାଞ୍ଚା

PZ 6.1 ସାମାଜିକ ପ୍ରଭାବ ପରିଚାଳନା ବ୍ୟବସ୍ଥା

# କାର୍ଯ୍ୟନିର୍ବାହୀ ସାରାଂଶ

**୧. ପ୍ରକଳ୍ପ ନାମ :** ସୁନ୍ଦରଗଡ଼ ଜିଲ୍ଲାରେ ଡି.ଏମ.ଏଫ. ପାଣ୍ଠି ଅଧୀନରେ "୦/୦୦ କି: ମି: ରୁ ୮/୦୦ କି:ମି: ପର୍ଯ୍ୟନ୍ତ କୋଇଡା ବାଇପାସ୍ ରାସ୍ତା ନିର୍ମାଣ ପାଇଁ ସୁନ୍ଦରଗଡ଼ ଜିଲ୍ଲାର କୋଇଡା ତହସିଲ ଅନ୍ତର୍ଗତ କୋଇଡା ଗ୍ରାମରୁ ୦.୧୦୦୦ ଏକର ଘରୋଇ ଜମି ଅଧିଗ୍ରହଣ ପାଇଁ ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସମ୍ପର୍କିତ ଅଧ୍ୟୟନ

## ୧.୧. ପ୍ରକଳ୍ପର ପୃଷ୍ଠଭୂମି

ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲାର କୋଇଡା ତହସିଲ ଏହାର ଖଣିଜ ପଦାର୍ଥ, ଶିଳ୍ପ ଏବଂ ପରିବହନ ମାର୍ଗ ଯୋଗୁଁ ଗୁରୁତ୍ୱପୂର୍ଣ୍ଣ । ବର୍ତ୍ତମାନ, କୋଇଡାର ମୁଖ୍ୟ ଜନବସତିରେ ବିଶେଷକରି ଖଣିଜ ପଦାର୍ଥ ପରିବହନକାରୀ ଟ୍ରକଗୁଡ଼ିକ ପ୍ରବଳ ଯାତାୟାତର ସମ୍ମୁଖୀନ ହେଉଛନ୍ତି। ଏହା ସ୍ଥାନୀୟ ଲୋକଙ୍କ ପାଇଁ ଟ୍ରାଫିକ ଜାମ୍, ସୁରକ୍ଷା ସମସ୍ୟା ଏବଂ ପ୍ରଦୂଷଣ ସୃଷ୍ଟି କରିଛି । ଏହି ସମସ୍ୟାଗୁଡ଼ିକର ସମାଧାନ ପାଇଁ, ଜନବସତିଠାରୁ ଯାନବାହାନକୁ ଦୂରେଇ ରଖିବା ପାଇଁ ଏକ ବାଇପାସ୍ ରାସ୍ତା ଯୋଜନା କରାଯାଇଛି । ନୂତନ ରାସ୍ତା ଭିଡ଼ ହ୍ରାସ କରିବ, ଅଞ୍ଚଳକୁ ବାସିନ୍ଦା ଏବଂ ପଦଯାତ୍ରୀଙ୍କ ପାଇଁ ସୁରକ୍ଷିତ କରିବ ଏବଂ ସାମାଜିକ ଏବଂ ପରିବେଶଗତ ସମସ୍ୟାକୁ ହ୍ରାସ କରିବା ସହିତ ପରିବହନରେ ଉନ୍ନତି ଆଣିବ ବୋଲି ଆଶା କରାଯାଉଛି ।

**୨. ସର୍ବସାଧାରଣ ଉଦ୍ଦେଶ୍ୟରେ ପ୍ରକଳ୍ପ**

**ସୁନ୍ଦରଗଡ଼ ଜିଲ୍ଲାର କୋଇଡା ତହସିଲ ଅନ୍ତର୍ଗତ କୋଇଡା ଗ୍ରାମରୁ ୦.୧୦୦୦ ଏକର ଘରୋଇ ଜମିର ପ୍ରସ୍ତାବିତ ଅଧିଗ୍ରହଣ "ଜିଲ୍ଲା ଖଣିଜ ଫାଉଣ୍ଡେସନ (DMF) ପାଣ୍ଠି ଅଧୀନରେ ୦/୦୦ କିଲୋମିଟରରୁ ୮/୦୦ କିଲୋମିଟର ପର୍ଯ୍ୟନ୍ତ କୋଇଡା ବାଇପାସ୍ ରାସ୍ତା ନିର୍ମାଣ" ପାଇଁ ଉଦ୍ଦିଷ୍ଟ । ଏହି ପ୍ରକଳ୍ପର ପ୍ରାଥମିକ ସାର୍ବଜନୀନ ଉଦ୍ଦେଶ୍ୟ ହେଉଛି ଏକ ଦକ୍ଷ, ନିରାପଦ ଏବଂ ସ୍ଥାୟୀ ରାସ୍ତା ପ୍ରଦାନ କରିବା, ଯାହା ଆଞ୍ଚଳିକ ସଂଯୋଗୀକରଣକୁ ବୃଦ୍ଧି କରିବା ଓ କୋଇଡା ସହରାଂଚଳ ମଧ୍ୟରେ ଟ୍ରାଫିକ ଭିଡ଼ ହ୍ରାସ କରିବା ଏବଂ ନିକଟବର୍ତ୍ତୀ ଅର୍ଥନୈତିକ କେନ୍ଦ୍ରଗୁଡ଼ିକୁ ଯାତାୟାତ କରିବାରେ ଉନ୍ନତି ଆଣିବା ।**

**କୋଇଡା ହେଉଛି ଏକ ଖଣି- ଅଞ୍ଚଳ ଯାହା ମଧ୍ୟରେ ଖଣିଜ ଦ୍ରବ୍ୟ ପରିବହନ କରୁଥିବା ଭାରୀ ଟ୍ରକ୍ ସମେତ ଅନ୍ୟାନ୍ୟ ଯାନବାହାନ ସବୁ ଚଳାଚଳ କରେ । ବିଦ୍ୟମାନ ରାସ୍ତା ସଂକିଚନ ଗ୍ରାମାଞ୍ଚଳ ଦେଇ ଗତି କରେ, ଯାହା ଫଳରେ ସଡ଼କ ସୁରକ୍ଷା ଚିନ୍ତା, ପରିବହନରେ ବିଳମ୍ବ ଏବଂ ଗ୍ରାମ ଭିତ୍ତିଭୂମିର କ୍ଷୟ ଘଟେ । ବାଇପାସ୍ ରାସ୍ତା ଜନବସତି କ୍ଷେତ୍ର ବାହାରେ ଭାରୀ ଯାତାୟାତକୁ ପୁନଃପଥ ଦେଇ ଏହି ସମସ୍ୟା ଗୁଡ଼ିକୁ ନିଶ୍ଚିତ ଭାବରେ ସମାଧାନ କରିବ । ଏହି ସମସ୍ୟା ଗୁଡିକୁ ଧ୍ୟାନ ରଖାଯାଇପାରେ କି :**

- **ବିଶେଷକରି ପଦଯାତ୍ରୀ, ସ୍କୁଲ ଯାଉଥିବା ପିଲା ଏବଂ ସ୍ଥାନୀୟ ଯାତ୍ରୀମାନଙ୍କ କ୍ଷେତ୍ରରେଦୁର୍ଘଟଣାର ବିପଦକୁ ହ୍ରାସ କରିବା ।**
- **ସାମଗ୍ରୀ ଏବଂ ଲୋକଙ୍କ ଦ୍ରୁତ ଗତିକୁ ସହଜ କରିବା, ଯାହା ଖଣି କ୍ଷେତ୍ର ଏବଂ ସ୍ଥାନୀୟ ପାଇଁ ଗୁରୁତ୍ୱପୂର୍ଣ୍ଣ। ବ୍ୟବସାୟ।**
- **ଘନ ଜନବହୁଳ ଅଞ୍ଚଳରୁ ଭାରୀ ଯାନବାହାନ ଚଳାଚଳକୁ ଦୂରେଇ ରଖିବା ।**
- **ଶିଳ୍ପ କ୍ଷେତ୍ର, ବଜାର ଏବଂ ସେବା ସୁବିଧା ସହିତ ସଂଯୋଗକୁ ସୁଦୃଢ଼ କରିବା, ଯାହାଦ୍ୱାରା ସ୍ଥାନୀୟ ଏବଂ ଆଞ୍ଚଳିକ ଆର୍ଥିକ ଅଭିବୃଦ୍ଧିରେ ସାହାଯ୍ୟ ମିଳିଥାଏ ।**
- **ଜରୁରୀକାଳୀନ ସେବା, ସାଧାରଣ ପରିବହନ ଏବଂ ଦୁର୍ଗମ ଅଞ୍ଚଳକୁ ପ୍ରଶାସନିକ ପ୍ରବେଶର ଶୀଘ୍ର ସୁବିଧାପୂର୍ଣ୍ଣ କରିବା।**

### ୩. ପ୍ରକଳ୍ପ ସ୍ଥାନ

ପ୍ରସ୍ତାବିତ କୋଇଡା ବାଇପାସ୍ ରାସ୍ତା ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲାର କୋଇଡା ତହସିଲର କୋଇଡା (କୋଇରା) ମୁଖ୍ୟ ସହରାଞ୍ଚଳରେ ଟ୍ରାଫିକକୁ ପରିବର୍ତ୍ତନ କରିବା ପାଇଁ ଯୋଜନା କରାଯାଇଛି । କୋଇଡା ଏକ ପ୍ରମୁଖ ଖଣିଜ ଏବଂ ବାଣିଜ୍ୟ କେନ୍ଦ୍ର, ଯେଉଁଠାରେ ଖଣିଜ ପଦାର୍ଥ ବୋଝେଇ ଭାରୀ ଯାନବାହାନଗୁଡ଼ିକ ଘନବସତି ଅଞ୍ଚଳ ମଧ୍ୟଦେଇ ଯାତାୟାତ କରୁଥିବାରୁ ଗୁରୁତର ଟ୍ରାଫିକ୍ ଓ ସୁରକ୍ଷା ସମସ୍ୟା ସୃଷ୍ଟି ହୋଇଛି । ଏହା ସମୁଦ୍ର ପତ୍ତନଠାରୁ ପ୍ରାୟ ୫୯୦ ମିଟର ଉଚ୍ଚତାରେ ଅବସ୍ଥିତ । ବହୁ ପରିମାଣର ଯାନବାହାନ ଚଳାଚଳ ଯୋଗୁ ସହରର ବିଦ୍ୟମାନ ରାସ୍ତାରେ ବାରମ୍ବାର ଟ୍ରାଫିକ୍ ଭିଡ଼ ହୋଇଥାଏ । ବାଇପାସ୍ ହେଉଛି ଏମିତି ଏକ ରାସ୍ତା, ଯାହା ନିର୍ମାଣ ଅଂଚଳର ମଧ୍ୟଭାଗ ଦେଇ ନ ଯାଇ ସହରର ଚାରିପାଖ ଅର୍ଥାତ ବାହ୍ୟଭାଗ ଦେଇ ନିର୍ମାଣ କରାଯାଇଥାଏ ଏପରି ପଥଗୁଡ଼ିକ ସାଧାରଣତଃ ସହର କେନ୍ଦ୍ରରେ ଯାତାୟାତ ଜାମ କମାଇବା, ସୁରକ୍ଷା ବୃଦ୍ଧି କରିବା ଏବଂ ସହର ମଧ୍ୟରେ ପ୍ରବେଶ କରିବାର ଆବଶ୍ୟକତା ନଥିବା ଯାନବାହନମାନଙ୍କୁ ସହଜ ଭାବେ ଗତି କରିବାକୁ ସାହାଯ୍ୟ କରିବା ପାଇଁ ଉନ୍ନତ କରାଯାଇଥାଏ ।

### ୪. ପ୍ରକଳ୍ପ କ୍ଷେତ୍ର

ପ୍ରସ୍ତାବିତ ପ୍ରକଳ୍ପ ପାଇଁ ଆବଶ୍ୟକ ହେଉଥିବା ଜମି ମଧ୍ୟରୁ ସୁନ୍ଦରଗଡ ଜିଲ୍ଲା ଅନ୍ତର୍ଗତ କୋଇଡା ତହସିଲର କୋଇଡା ଗ୍ରାମରେ ପ୍ରାୟ ୦.୧୦୦୦ ଏକର ଘରୋଇ ଜମି ଅଧିଗ୍ରହଣ କରାଯିବ ।

### ୫. ବିକଳ୍ପ ସ୍ଥାନର ପରୀକ୍ଷା

ବର୍ତ୍ତମାନର ବାଇପାସ୍ ପ୍ରକଳ୍ପର ସ୍ଥାନକୁ ସବୁଠାରୁ ସମ୍ଭବ ବିକଳ୍ପ ଭାବରେ ଚୟନ କରାଯାଇଥିଲା, ଯେଉଁଥିରେ ପ୍ରାଥମିକ ଭାବରେ ସରକାରୀ ଜମି ବ୍ୟବହାର କରିବା ସମୟରେ କେବଳ ୦.୧୦୦୦ ଏକର ଘରୋଇ ଜମିର ସର୍ବନିମ୍ନ ଜମି ଅଧିଗ୍ରହଣ ଆବଶ୍ୟକ ଥିଲା। ଏହି ପ୍ରକଳ୍ପ ସ୍ଥାନ ଅନ୍ୟ ବିକଳ୍ପ ତୁଳନାରେ ସର୍ବନିମ୍ନ ସାମାଜିକ ଏବଂ ପରିବେଶଗତ ପ୍ରଭାବ ପ୍ରଦାନ କରେ । ବିସ୍ଥାପନକୁ କମ କରି ଏବଂ ପ୍ରମୁଖ ପରିବେଶଗତ କ୍ଷତିକୁ ଏଡାଇ,

ମନୋନୀତ ପ୍ରକଳ୍ପ ଭିତ୍ତିଭୂମି ବିକାଶ ଏବଂ ପରିବେଶଗତ ସ୍ୱାର୍ଥର ସୁରକ୍ଷା ମଧ୍ୟରେ ସନ୍ତୁଳନ ରକ୍ଷା କରିବ ବୋଲି ବିଚାର କରାଯାଏ ।

## ୬. ସାମାଜିକ ପ୍ରଭାବ

ସୁନ୍ଦରଗଡ଼ ଜିଲ୍ଲାର କୋଇଡା ତହସିଲର କୋଇଡା ଗ୍ରାମରୁ କୋଇଡା ବାଇପାସ୍ ରାସ୍ତା (୦.୦୦ କିମି ରୁ ୮.୦୦ କିମି) ନିର୍ମାଣ ପାଇଁ ୦.୧୦୦୦ ଏକର ଘରୋଇ ଜମି ଅଧିଗ୍ରହଣର ପ୍ରସ୍ତାବ ସ୍ଥାନୀୟ ଜନସମୁଦାୟ ଉପରେ ଉଲ୍ଲେଖନୀୟ ସାମାଜିକ ପ୍ରଭାବ ପକାଇବ । ଚିହ୍ନଟ ହୋଇଥିବା ପ୍ରମୁଖ ସାମାଜିକ ପ୍ରଭାବଗୁଡ଼ିକ ନିମ୍ନରେ ବର୍ଣ୍ଣିତ ହୋଇଛି ।

### ୬.୧ ସ୍ୱାସ୍ଥ୍ୟ ଉପରେ ପ୍ରଭାବ

କୋଇଡା ବାଇପାସ ପ୍ରକଳ୍ପ ସମ୍ବନ୍ଧୀୟ ନିର୍ମାଣ ଓ ସ୍ଥାପନା କାର୍ଯ୍ୟରେ ଧୂଳି, ଧୂଆଁ ଓ ଶବ୍ଦ ପ୍ରଦୂଷଣ ସୃଷ୍ଟି ହେବ। ଏହା ପ୍ରକଳ୍ପ ସୀମାରେ ବସୁଥିବା ଗ୍ରାମବାସୀଙ୍କୁ ଅସୁବିଧା ସୃଷ୍ଟି କରିବ। ବିଶେଷକରି, ବାୟୁ ପ୍ରଦୂଷଣରେ ନିକଟସ୍ଥ ଲୋକମାନେ ଶ୍ୱାସ ଜନିତ ସମସ୍ୟାରେ ପଡ଼ି ପାରନ୍ତି।

**ପ୍ରସ୍ତାବିତ ସମାଧାନ ଉପାୟ**

- ନିର୍ମାଣ ସାମଗ୍ରୀ ବୋହାଣ କାରୀ ଯାନଗୁଡ଼ିକ ପାଇଁ ବିକଳ୍ପ ରାସ୍ତା ବ୍ୟବସ୍ଥା କରିବା।
- ସାମଗ୍ରୀ ବୋହାଣ କାରୀ ଯାନର ଗତିକୁ ନିୟନ୍ତ୍ରଣ କରିବା, ସୁଚନା-ଚିହ୍ନ (signage) ଏବଂ ସଡ଼କ ଚିହ୍ନଟିକା (markings) ବ୍ୟବସ୍ଥା କରିବା।
- ଧୂଳି ହ୍ରାସ ପାଇଁ ସାମଗ୍ରୀ ସ୍ତୂପ ଓ ନିର୍ମାଣ ସ୍ଥଳରେ ନିୟମିତ ଭାବରେ ପାଣି ଛିଟାଇବା

### ୬.୨ ଜୀବିକା ଓ ସଂସ୍କୃତି ଉପରେ ପ୍ରଭାବ

ପ୍ରକଳ୍ପ ପ୍ରଭାବିତ ପରିବାର (PAFs) ମାନଙ୍କର ଜୀବିକାର ପ୍ରମୁଖ ଆଧାର ସେବା ଓ ଦିନମଜୁରି । ଜମି ଅଧିଗ୍ରହଣରେ ଚାଷୀ ପରିବାରମାନଙ୍କ ଜମି ହ୍ରାସ ହେବାରୁ କୃଷିଜୀବିକା ଅଳ୍ପ କ୍ଷତିଗ୍ରସ୍ତ ହେବ।
ଏହା ସହିତ, ପ୍ରକଳ୍ପ ନୂଆ ବ୍ୟବସାୟ, ସ୍ଥାନୀୟ ଦୋକାନ, ଚାୟଘର, ରେଷ୍ଟୁରାଣ୍ଟ, ପରିବହନ ସେବା ଇତ୍ୟାଦି ସୃଷ୍ଟିରେ ସାହାଯ୍ୟ କରିବ । ଏଗୁଡ଼ିକରୁ ଦୀର୍ଘମିଆଦି ଓ ସ୍ଥିର ଜୀବିକା ସୃଷ୍ଟି ହେବାର ସମ୍ଭାବନା ରହିଛି।

**ପ୍ରସ୍ତାବିତ ସମାଧାନ ଉପାୟ**

- ପ୍ରକଳ୍ପରେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦେବାରେ ପ୍ରାଥମିକତା ।
- ଯୁବମାନଙ୍କ ପାଇଁ କୌଶଳ ବିକାଶ ପ୍ରଶିକ୍ଷଣ ବ୍ୟବସ୍ଥା କରିବା ।
- କୃଷି ଭିତ୍ତିକ କାର୍ଯ୍ୟରୁ ଅଣକୃଷି କ୍ଷେତ୍ରକୁ କ୍ରମେ ସ୍ଥାନାନ୍ତର କରିବା ।
- ବ୍ୟବସାୟ ପାଇଁ ସହାୟତା ଯୋଗାଇ, ସ୍ଥାନୀୟ କୌଶଳୀଙ୍କୁ ସ୍ୱୟଂରୋଜଗାରୀ କରିବା।।

## ୬.୩ ପ୍ରଭାବିତ ଜମିମାଲିକମାନଙ୍କୁ ପ୍ରଭାବ

ମୋଟ ୦.୧୦୦୦ ଏକର ବ୍ୟକ୍ତିଗତ ଜମି ଅଧିଗ୍ରହଣ ହେବ, ଯାହା ମୁଖ୍ୟତଃ କୃଷିଜମି ଓ ପତିତ (barren land) ଅଟେ । RFCTLARR Act, ୨୦୧୩ ଅନୁସାରେ ବଜାର ମୂଲ୍ୟରୁ ଅଧିକ ମୁଲ୍ୟରେ ଜମି କ୍ଷତିପୂରଣ ମିଳିବ। ଏହି ଟଙ୍କାକୁ ସୁଚିନ୍ତିତ ଭାବରେ ବ୍ୟବହାର କଲେ, ପ୍ରଭାବିତ ପରିବାରମାନଙ୍କ ଜୀବନମାନ ଉନ୍ନତି ପାଇପାରେ।

ପ୍ରସ୍ତାବିତ ସମାଧାନ ଉପାୟ

- ବଜାର ମୂଲ୍ୟରୁ ଅଧିକ ଦରରେ ନଗଦ କ୍ଷତିପୂରଣ ପ୍ରଦାନ କରିବା।
- ଅଣ-ଚାଷପୋଯୋଗୀ ଜମିର ଆଂଶିକ ଅଧିଗ୍ରହଣ ହେତୁ ବଳିଥିବା ଜମି ଅଧିଗ୍ରହଣ କରିବା ।
- ପ୍ରଭାବିତ ପରିବାର ପାଇଁ ବିଶେଷ ଜୀବିକା ପୁନଃ-ସ୍ଥାପନ ଯୋଜନା ।
- ପ୍ରଭାବିତ ପରିବାରର କୌଶଳୀ/ଶିକ୍ଷିତଙ୍କୁ ପ୍ରାଥମିକତାରେ କାମରେ ନିଯୁକ୍ତି।

## ୬.୪ ଅନୁସୂଚିତ ଜାତି ଓ ଜନଜାତି ପରିବାରଙ୍କ ଜମି କ୍ଷତି

ଜୀବିକା ଉପରେ ସିଧାସଳଖ ପ୍ରଭାବ ସର୍ବନିମ୍ନ ହେଲେ ମଧ୍ୟ, ସମ୍ପତ୍ତି ଭାବରେ ଜମିର ପ୍ରତୀକାତ୍ମକ ଏବଂ ସାମାଜିକ ଗୁରୁତ୍ୱ ପ୍ରଭାବିତ ହୋଇପାରେ।

ପ୍ରସ୍ତାବିତ ପ୍ରଶମନ ପଦକ୍ଷେପ

- ପରିବାରର ପସନ୍ଦ ଅନୁଯାୟୀ ଜମି ପାଇଁ ଜମି କ୍ଷତିପୂରଣ କିମ୍ବା ସ୍ଥାୟୀ ମୂଲ୍ୟର ବିକଳ୍ପ ଉତ୍ପାଦନକ୍ଷମ ଭୂ-ସମ୍ପତ୍ତି ପ୍ରଦାନ କରନ୍ତୁ।
- ନିଯୁକ୍ତି ଏବଂ ଲାଭ-ବାଣ୍ଟିବା ସୁଯୋଗରେ SC/ST ପରିବାର ପାଇଁ ଅଗ୍ରାଧିକାର ପ୍ରବେଶ ନିଶ୍ଚିତ କରନ୍ତୁ।
- ତାଲିମ, ଭିତ୍ତିଭୂମି ସହାୟତା ଏବଂ ସାମାଜିକ ବିକାଶ ଯୋଜନା ଉପରେ ଗୁରୁତ୍ୱ ଦେଇ କର୍ପୋରେଟ୍ ସାମାଜିକ ଦାୟିତ୍ୱ (CSR) ହସ୍ତକ୍ଷେପ ପାଇଁ ଏହି ପରିବାରଗୁଡ଼ିକୁ ଚିହ୍ନଟ କରନ୍ତୁ।

## ୬.୫ ଭାଗଚାଷୀ ଓ କୃଷି ଶ୍ରମିକଙ୍କୁ ପ୍ରଭାବ

ଭାଗଚାଷୀଙ୍କ ବିଷୟରେ ନିର୍ଦ୍ଦିଷ୍ଟ ତଥ୍ୟ ଉପଲବ୍ଧ ହୋଇ ନ ଥିଲା, କାରଣ ଜମି ମାଲିକମାନେ ଏପରି ସୂଚନା ଦେବାକୁ ଅନିଚ୍ଛୁକ ଥିଲେ। ଅସ୍ଥାୟୀ ଏବଂ ଅଣପଞ୍ଜିକୃତ ହୋଇଥିବାରୁ ଭାଗଚାଷୀମାନେ ଏକ ଦୁର୍ବଳ ଗୋଷ୍ଠୀ ହୋଇ ରହିଛନ୍ତି। କୃଷି ଶ୍ରମିକ, ଯେଉଁମାନେ ଅଧିକାଂଶ ଭୂମିହୀନ କିମ୍ବା ସୀମାନ୍ତ ପରିବାରର, ସୀମିତ ଏବଂ ଅନିଶ୍ଚିତ ଆୟ ଉତ୍ସ ଯୋଗୁଁ ମଧ୍ୟ ବିପଦରେ ଅଛନ୍ତି।

ଜମି ଅଧିଗ୍ରହଣ ସେମାନଙ୍କୁ ସିଧାସଳଖ ବିସ୍ଥାପିତ କରିନପାରେ, ହ୍ରାସ ପାଇଥିବା କୃଷି କାର୍ଯ୍ୟକଳାପ ସେମାନଙ୍କ ନିଯୁକ୍ତିକୁ ପ୍ରଭାବିତ କରିପାରେ। ତଥାପି, ନିର୍ମାଣ-ସମ୍ବନ୍ଧୀୟ କାର୍ଯ୍ୟ ଏବଂ ସହାୟକ ବ୍ୟବସାୟ ମାଧ୍ୟମରେ ନୂତନ ସୁଯୋଗ ସୃଷ୍ଟି ହୋଇପାରେ।

ପ୍ରସ୍ତାବିତ ପ୍ରଶମନ ପଦକ୍ଷେପ

- ଯେଉଁଠାରେ ସମ୍ଭବ ସେଠାରେ ଭାଗଚାଷୀ ଏବଂ କୃଷି ଶ୍ରମିକମାନଙ୍କୁ ପ୍ରକଳ୍ପ-ସମ୍ବନ୍ଧୀୟ ଚାକିରି ପ୍ରଦାନ କରନ୍ତୁ।
- ସେମାନଙ୍କ ଜୀବିକା ଆଧାରକୁ ବିବିଧ କରିବା ପାଇଁ ଦକ୍ଷତା ବିକାଶ ଏବଂ ବୃତ୍ତିଗତ ତାଲିମ କାର୍ଯ୍ୟକ୍ରମ ପରିଚାଳନା କରନ୍ତୁ।
- କ୍ଷୁଦ୍ର ଉଦ୍ୟୋଗ ପାଇଁ ଋଣ ଏବଂ ଉଦ୍ୟୋଗୀ ସହାୟତା ପାଇଁ ପ୍ରବେଶକୁ ସୁଗମ କରନ୍ତୁ।
- ଜୀବିକା ପୁନରୁଦ୍ଧାର ଯୋଜନାରେ ଏହି ଗୋଷ୍ଠୀଗୁଡ଼ିକର ଅନ୍ତର୍ଭୁକ୍ତି ନିଶ୍ଚିତ କରନ୍ତୁ।

### ୬.୬ ନିରାଶ୍ରୟ ଓ ଦୁର୍ବଳ ଗୋଷ୍ଠୀ ଉପରେ ପ୍ରଭାବ

ବିପିଏଲ୍ ପରିବାର, ଅନୁସୂଚିତ ଜାତି, ଜନଜାତି ଏବଂ ମହିଳା ମୁଖ୍ୟ ପରିବାର ଭଳି ଦୁର୍ବଳ ଗୋଷ୍ଠୀ ସେମାନଙ୍କର ସୀମିତ ସମ୍ପତ୍ତି ଆଧାର ଏବଂ ଆନୁଷ୍ଠାନିକ ଋଣର ଅଭାବ ହେତୁ ଜମି ଅଧିଗ୍ରହଣରୁ ଆର୍ଥିକ କଷ୍ଟର ସମ୍ମୁଖୀନ ହୁଅନ୍ତି। ପର୍ଯ୍ୟାପ୍ତ ସହାୟତା ବିନା, ସେମାନେ ଦାରିଦ୍ର୍ୟରେ ଗଭୀରକୁ ଖସିପାରନ୍ତି।

ପ୍ରସ୍ତାବିତ ପ୍ରଶମନ ପଦକ୍ଷେପ

- ସମସ୍ତ ଦୁର୍ବଳ ପରିବାରକୁ ଚିହ୍ନଟ କରନ୍ତୁ ଏବଂ ସେମାନଙ୍କୁ CSR ଏବଂ ସାମାଜିକ କଲ୍ୟାଣ ଯୋଜନା ଅଧୀନରେ ଲାଭ ପାଇଁ ପ୍ରାଥମିକତା ଦିଅନ୍ତୁ।
- ଏହି ଗୋଷ୍ଠୀର ବ୍ୟକ୍ତିମାନଙ୍କୁ ଅଗ୍ରାଧିକାର ନିଯୁକ୍ତି ସୁଯୋଗ ପ୍ରଦାନ କରନ୍ତୁ।
- ଉଚ୍ଚ-ଆୟ ଚାକିରି ପାଇବା ପାଇଁ ଦକ୍ଷତା ବିକାଶ ପାଇଁ ଯୋଗ୍ୟ ସଦସ୍ୟମାନଙ୍କୁ ତାଲିମ ଦିଅନ୍ତୁ।
- ଜୀବିକା ନିର୍ବାହରେ ବାଧା ସୃଷ୍ଟି ରୋକିବା ପାଇଁ ଆଗୁଆ କ୍ଷତିପୂରଣ ନିଶ୍ଚିତ କରନ୍ତୁ।
- ସାମାଜିକ ସୁରକ୍ଷା ଏବଂ ଜୀବିକା ସହାୟତା ଗ୍ୟାରେଣ୍ଟି ଦିଅନ୍ତୁ, ବିଶେଷକରି ମହିଳା ଏବଂ ଆଦିବାସୀଙ୍କ ପାଇଁ, ଯାହା ସେମାନଙ୍କୁ ସମ୍ମାନଜନକ ଜୀବନଯାପନ କରିବାକୁ ସକ୍ଷମ କରିବ।

### ୬.୭ ଆଦିବାସୀ ସମସ୍ୟା

କୋଇଡାରେ, ଆଦିବାସୀ ଲୋକମାନେ ଦୃଢ଼ ସମ୍ପ୍ରଦାୟ ସମ୍ପର୍କ ଏବଂ ପାରମ୍ପରିକ ରୋଜଗାର ପଦ୍ଧତି ଉପରେ ନିର୍ଭର କରନ୍ତି । ଯଦି ପ୍ରକଳ୍ପ ପାଇଁ ଜମି ନିଆଯାଏ, ତେବେ ଏହି ବ୍ୟବସ୍ଥାଗୁଡ଼ିକ ସମସ୍ୟା ଯୁକ୍ତ ହୋଇପାରେ । ଏହାକୁ ଏଡାଇବା ପାଇଁ, ସରକାରୀ କଲ୍ୟାଣକାରୀ ଯୋଜନାଗୁଡ଼ିକୁ ପ୍ରକଳ୍ପର ପୁନର୍ବାସ ଏବଂ ପୁନଃ-ଥଇଥାନ ଯୋଜନା ସହିତ ଯୋଡାଯିବା ଉଚିତ ଯାହା ଦ୍ୱାରା ଆଦିବାସୀ ପରିବାରଗୁଡ଼ିକ ଉପକୃତ ହୋଇପାରିବେ ଏବଂ ପ୍ରକଳ୍ପ ପରେ ସେମାନଙ୍କ ଜୀବନରେ ଉନ୍ନତି ଆସିପାରିବ।

ପ୍ରସ୍ତାବିତ ସମାଧାନ ଉପାୟ :

- କେବଳ ଟଙ୍କା ଆକାରରେ ନୁହେଁ, ବରଂ ପରିବାରଗୁଡ଼ିକୁ ସରକାରୀ କଲ୍ୟାଣକାରୀ ଯୋଜନା ସହିତ ଯୋଡ଼ି କ୍ଷତିପୂରଣ ଦିଅନ୍ତୁ।

- ଉତ୍ତମ ଭିତ୍ତିଭୂମି, ଜୀବିକା ନିର୍ବାହର ବିକଳ୍ପ ଏବଂ ଆଦିବାସୀଙ୍କ ଆବଶ୍ୟକତା ଅନୁଯାୟୀ ଦକ୍ଷତା ତାଲିମ ଭଳି ବିଶେଷ ସହାୟତା ପ୍ରଦାନ କରନ୍ତୁ।
- ସମ୍ପ୍ରଦାୟ ସହିତ ନିୟମିତ ଆଲୋଚନା ମାଧ୍ୟମରେ ଏବଂ ଯୋଜନାରେ ସେମାନଙ୍କୁ ସାମିଲ କରି ଆଦିବାସୀ ସଂସ୍କୃତି ଏବଂ ପରମ୍ପରାକୁ ସୁରକ୍ଷା ଦିଅନ୍ତୁ।

### ୬.୮ ଲିଙ୍ଗଗତ ସମସ୍ୟା

ଏହି ପ୍ରକଳ୍ପର ଗତିଶୀଳତାରେ ଉନ୍ନତି, ଯାତ୍ରା ସମୟ ହ୍ରାସ ଏବଂ ବଜାର ପ୍ରବେଶ ବୃଦ୍ଧି କରି ମହିଳାମାନଙ୍କୁ ସକାରାତ୍ମକ ଭାବରେ ପ୍ରଭାବିତ କରିବାର ସମ୍ଭାବନା ରହିଛି। ଏହା ମହିଳାମାନଙ୍କର ଆୟ ସୃଷ୍ଟିକାରୀ ସୁଯୋଗ ବୃଦ୍ଧି କରିପାରେ, ପରିବାର ନିଷ୍ପତ୍ତି ଗ୍ରହଣରେ ଅଧିକ ଅଂଶଗ୍ରହଣକୁ ସକ୍ଷମ କରିପାରେ ଏବଂ ସେମାନଙ୍କର ସାମାଜିକ ସ୍ଥିତିକୁ ସୁଦୃଢ଼ କରିପାରିବ।

ପ୍ରସ୍ତାବିତ ପ୍ରଶମନ ପଦକ୍ଷେପ

- CSR ଏବଂ ଋଣ-ଭିତ୍ତିକ ହସ୍ତକ୍ଷେପ ପାଇଁ ମହିଳା-ମୁଖ୍ୟ ପରିବାରକୁ ଲକ୍ଷ୍ୟ କରନ୍ତୁ।
- ପ୍ରକଳ୍ପ-ସମ୍ବନ୍ଧୀୟ କାର୍ଯ୍ୟକଳାପରେ ମହିଳାମାନଙ୍କୁ ଅଗ୍ରାଧିକାର ନିଯୁକ୍ତି ପ୍ରଦାନ କରନ୍ତୁ।
- ନିଯୁକ୍ତି ଏବଂ ଉଦ୍ୟୋଗୀତା ବୃଦ୍ଧି କରିବା ପାଇଁ ମହିଳାମାନଙ୍କ ପାଇଁ ଦକ୍ଷତା ତାଲିମ ପ୍ରଦାନ କରନ୍ତୁ।
- ଜୀବିକା ନିର୍ବାହରେ ବାଧା ଏଡାଇବା ପାଇଁ ସମୟୋଚିତ କ୍ଷତିପୂରଣ ନିଶ୍ଚିତ କରନ୍ତୁ।
- ମହିଳାମାନଙ୍କର ସାମାଜିକ ସୁରକ୍ଷା ଏବଂ ସମ୍ପ୍ରଦାୟ-ସ୍ତରୀୟ ନିଷ୍ପତ୍ତି ଗ୍ରହଣରେ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରନ୍ତୁ।

### ୬.୯ ପରିବହନ ଏବଂ ଟ୍ରାଫିକ୍ ବ୍ୟବସ୍ଥା ଉପରେ ପ୍ରଭାବ

ନିର୍ମାଣ ସମୟରେ, ସାମଗ୍ରୀ ଏବଂ ଉପକରଣ ବହନ କରୁଥିବା ଭାରୀ ଯାନବାହାନର ଗତିବିଧି ଯଥେଷ୍ଟ ବୃଦ୍ଧି ପାଇବ। ଏହା ସ୍ଥାନୀୟ ଯାତ୍ରୀମାନଙ୍କ ପାଇଁ ଭିଡ଼, ସୁରକ୍ଷା ବିପଦ ଏବଂ ଅସୁବିଧା ସୃଷ୍ଟି କରିପାରେ।

**ପ୍ରସ୍ତାବିତ ପ୍ରଶମନ ପଦକ୍ଷେପ**

- ଅଣ-ଭିଡ଼ ଘଣ୍ଟା ସମୟରେ ଯାନବାହାନ ଚଳାଚଳ ସୂଚୀବଦ୍ଧ କରନ୍ତୁ।
- ଗତି ନିୟନ୍ତ୍ରଣ କରିବା ପାଇଁ ଟ୍ରାଫିକ୍ ମାର୍ଶାଲ ଏବଂ ସାଇନେଜ୍ ନିୟୋଜିତ କରନ୍ତୁ।
- ନିର୍ମାଣ ଯାନଗୁଡ଼ିକ ପାଇଁ ସଡ଼କ ସୁରକ୍ଷା ମାନଦଣ୍ଡର କଡ଼ା ଅନୁପାଳନ ନିଶ୍ଚିତ କରନ୍ତୁ।

### ୬.୧୦ ପ୍ରାଣୀପାଳନ ଉପରେ ପ୍ରଭାବ

ପ୍ରକଳ୍ପ କାର୍ଯ୍ୟକଳାପ ଯୋଗୁଁ ଚାରଣ ଭୂମି ହ୍ରାସ ସମ୍ପର୍କରେ କେନ୍ଦ୍ରିତ ଗୋଷ୍ଠୀ ଆଲୋଚନାରେ ଚିନ୍ତା ପ୍ରକାଶ ପାଇଥିଲା । ଏହା ପଶୁପାଳନ ଉପରେ ନିର୍ଭରଶୀଳ ପରିବାରକୁ ପ୍ରଭାବିତ କରିପାରେ।

ପ୍ରସ୍ତାବିତ ପ୍ରଶମନ ପଦକ୍ଷେପ

- ବିକଳ୍ପ ଚାରଣ ସ୍ଥାନ ଚିହ୍ନଟ ଏବଂ ବିକାଶ।
- ପ୍ରଭାବିତ ପରିବାର ପାଇଁ ପଶୁଚିକିତ୍ସା ସହାୟତା ଏବଂ ଚାରା ଯୋଗାଣ ଯୋଜନା ପ୍ରଦାନ।
- ପଶୁପାଳନ ଉପରେ ଅତ୍ୟଧିକ ନିର୍ଭରଶୀଳ ପରିବାର ପାଇଁ ଜୀବିକା ବିବିଧତାକୁ ସୁଗମ କରିବା।

## ୭. ଆଇନଗତ ନିୟମ ଏବଂ ନୀତି

ପ୍ରସ୍ତାବିତ ପ୍ରକଳ୍ପ ପରି ଏକ ଭିତ୍ତିଭୂମି ନିର୍ମାଣ ନିମନ୍ତେ ଜମି ଅଧିଗ୍ରହଣ ଏକାନ୍ତ ଆବଶ୍ୟକ | ଏଥିପାଇଁ ଜମି ହରାଉଥିବା ଏବଂ ବିସ୍ଥାପିତ ପରିବାରଗୁଡିକ ପ୍ରତିକୂଳ ଜୀବିକା ଏବଂ ସ୍ଥାନାନ୍ତର ଶିକାର ହେଉଛନ୍ତି। ଆର.ଏଫ.ସି.ଟି.ଏଲ.ଏ.ଆର.ଆର. (RTFCTLARR) ଅଧିନିୟମ, ୨୦୧୩ ରେ ଧାର୍ଯ୍ୟ କରାଯାଇଛି ଯେ ପ୍ରଭାବିତ ବ୍ୟକ୍ତିମାନଙ୍କୁ ଏତେ ସୁରକ୍ଷିତ କରାଯିବା ଉଚିତ ଯେ ପ୍ରକଳ୍ପ ପରବର୍ତ୍ତୀ କାର୍ଯ୍ୟାନ୍ୱୟନ ଅବଧିରେ ସେମାନଙ୍କର ଅଧିକାର ପ୍ରକଳ୍ପ କାର୍ଯ୍ୟକାରୀ ହେବା ପୂର୍ବରୁ ଯାହା ଥିଲା ତାହାଠାରୁ କମ୍ ହେବ ନାହିଁ । ଏହି ଉଦ୍ଦେଶ୍ୟକୁ ଦୃଷ୍ଟିରେ ରଖି ଏକ "ସାମାଜିକ ପ୍ରଭାବ ନିର୍ଦ୍ଧାରଣ" ଅଧ୍ୟୟନ କରାଯାଇଥିଲା | ସରକାରଙ୍କ ଦ୍ୱାରା ଜମି ଅଧିଗ୍ରହଣ ଦେଶର ନିମ୍ନଲିଖିତ ନିୟମ ଏବଂ ନିୟମାବଳୀ ଦ୍ୱାରା ପରିଚାଳିତ|

**ଜମି ଅଧିଗ୍ରହଣ, ପୁନର୍ବାସ ଏବଂ ପୁନଃଥଇଥାନ ଆଇନ,୨୦୧୩ (RTFCTLAR, ୨୦୧୩) ଦ୍ୱାରା ନ୍ୟାୟଯୁକ୍ତ କ୍ଷତିପୂରଣ ଏବଂ ସ୍ୱଚ୍ଛତା ଅଧିକାର :**

ଅଧିନିୟମର ଧାରା ଗୁଡିକ ହେଲା :

- ଜମି ଅଧିଗ୍ରହଣ ହେତୁ ଜମି ହରାଉଥିବା ଲୋକଙ୍କୁ ଉଚିତ କ୍ଷତିପୂରଣ ପ୍ରଦାନ କରାଯିବ।
- ଜମି ଅଧିଗ୍ରହଣ ପ୍ରକ୍ରିୟା ସ୍ୱଚ୍ଛ ହେବା ଉଚିତ୍ |
- ଜମି ଅଧିଗ୍ରହଣ ହେତୁ ବିସ୍ଥାପିତ ହୋଇଥିବା ବ୍ୟକ୍ତିଙ୍କ ପୁନଃଥଇଥାନ ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା କରାଯିବା ଆବଶ୍ୟକ।
- ପ୍ରକଳ୍ପ ପ୍ରଭାବିତ ପରିବାର ପାଇଁ ସୃଷ୍ଟି ହୋଇଥିବା ବିଶୃଙ୍ଖଳା ଯେପରି କମ୍ ହେବ ସେହି ଦିଗରେ ଧ୍ୟାନ ଦେବା ଉଚିତ |
- ଜମି ଅଧିଗ୍ରହଣ ପ୍ରକ୍ରିୟାରେ ଗ୍ରାମ-ସଭା ସମେତ ସ୍ଥାନୀୟ ସ୍ୱୟଂ ଚଳିତ ସଂସ୍ଥା ମାନଙ୍କର ପରାମର୍ଶ ନିଆଯିବ।
- ପ୍ରଶମନ ଯୋଜନାକୁ ଏପରି ଭାବରେ ପ୍ରସ୍ତୁତ କରାଯିବା ଉଚିତ ଯେ ପ୍ରଭାବିତ ବ୍ୟକ୍ତିମାନେ ଏହି ଅଞ୍ଚଳର ଅଧିଗ୍ରହଣ ପରବର୍ତ୍ତୀ ବିକାଶ ପ୍ରକ୍ରିୟାରେ ଅଂଶୀଦାର ହୋଇପାରିବେ |
- ପବ୍ଲିକ୍ ପ୍ରାଇଭେଟ ପାର୍ଟନରସିପ୍ (ପିପିପି) ।

**୮. ଜମି ମୂଲ୍ୟାୟନ**

ଭୂମି ଅଧିଗ୍ରହଣ ପାଇଁ ଜମି ହରାଇଥିବା ଲୋକଙ୍କ ପାଇଁ ଯନ୍ତ୍ରଣା ଆଣିବ, ଯଦି ଜଣେ ଚାଷ ଜମିର ଏକ ବଡ଼ ଅଂଶ ହରାଇବ ତେବେ ଏହା ତାଙ୍କ ଜୀବିକାକୁ ପ୍ରଭାବିତ କରିବ । ପ୍ରସ୍ତାବିତ ପ୍ରକଳ୍ପରେ ସୁନ୍ଦରଗଡ଼ ଜିଲ୍ଲାର କୋଇଡା ତହସିଲ ଅନ୍ତର୍ଗତ କୋଇଡା ଗ୍ରାମରୁ ୦.୧୦୦୦ ଏକର ବ୍ୟକ୍ତିଗତ ଜମି ୮ କିଲୋମିଟର କୋଇଡା ବାଇପାସ୍ ରାସ୍ତା ନିର୍ମାଣ ପାଇଁ ଅଧିଗ୍ରହଣ କରାଯିବ। ଏହି ରିପୋର୍ଟର ଅଧ୍ୟାୟ-୩ ରେ ଅଧିଗ୍ରହଣ ହେବାକୁ ଥିବା ଜମିର ପରିସର, ପ୍ରକୃତି ଏବଂ ବୈଶିଷ୍ଟ୍ୟ, ସମ୍ଭାବ୍ୟ ବିକଳ୍ପ ଏବଂ ସମ୍ଭାବ୍ୟ ସାମାଜିକ ଏବଂ ପରିବେଶଗତ ପ୍ରଭାବକୁ ଅନ୍ତର୍ଭୁକ୍ତ କରି ଭୂମି ମୂଲ୍ୟାୟନର ରୂପରେଖା ଦିଆଯାଇଛି।

**୯. ସାମାଜିକ-ଅର୍ଥନୈତିକ ସ୍ଥିତି**

**ଯେକୌଣସି ସାମାଜିକ-ଅର୍ଥନୈତିକ ବିଶ୍ଳେଷଣରେ ପରିବାର ହେଉଛି ମୌଳିକ ଏକକ ଏବଂ ତେଣୁ ଏହାର ଅର୍ଥନୀତିର ଗୁରୁତ୍ୱ । ଆୟ, ଖର୍ଚ୍ଚ, ସଞ୍ଚୟ, ଋଣଭାର ଇତ୍ୟାଦି ପରିବାର ସ୍ତରରେ ନିର୍ଣ୍ଣୟ କରାଯାଏ। ଉତ୍ତରଦାତାଙ୍କ ପରିବାର ଖର୍ଚ୍ଚ ଏବଂ ଋଣଭାର ସମ୍ପର୍କିତ ସୂଚନା ଏହି ରିପୋର୍ଟର ଅଧ୍ୟାୟ-୫ (ସାରଣୀ-୫.୧୧, ୫.୧୨, ୫.୧୩ ଏବଂ ୫.୧୪ ) ରେ ଉପସ୍ଥାପିତ ହୋଇଛି।**

**ଜନସଂଖ୍ୟାଗତ, ସାମାଜିକ ଏବଂ ଅର୍ଥନୈତିକ ବୈଶିଷ୍ଟ୍ୟ, ଭିତ୍ତିଭୂମି, ନିଯୁକ୍ତି ପରିସ୍ଥିତି, ସମ୍ପ୍ରଦାୟ ସମ୍ବଳ ଏବଂ ପ୍ରକଳ୍ପ ବିଷୟରେ ସଚେତନତା ଏବଂ ଧାରଣା ଭଳି ଅନ୍ୟାନ୍ୟ ଦିଗ ସହିତ ଜଡିତ ସୂଚନା ମଧ୍ୟ ଏହି ରିପୋର୍ଟର ଅଧ୍ୟାୟ-୫ ରେ ସଂଗ୍ରହ କରାଯାଇ ସ୍ଥାନିତ କରାଯାଇଛି ।**

**୧୦.** ଶିକ୍ଷା

ଶିକ୍ଷା, ଦକ୍ଷତା ଗଠନ ମାଧ୍ୟମରେ ବ୍ୟକ୍ତିର ସାମର୍ଥ୍ୟକୁ ବୃଦ୍ଧି କରିଥାଏ ଏବଂ ତାଙ୍କର ନିଯୁକ୍ତି ପସନ୍ଦକୁ ବଢ଼ାଇଥାଏ | ଏହା ମାନବ ପୁଞ୍ଜିର ମୂଳଦୁଆ ଅଟେ | ଏହା ଜଣେ ବ୍ୟକ୍ତିଙ୍କୁ ଅର୍ଥନୈତିକ ଅଭିବୃଦ୍ଧି ପ୍ରକ୍ରିୟାରେ ଭାଗ ନେବାକୁ ସକ୍ଷମ କରେ | ଏକ ଆଧୁନିକ ସମାଜରେ ଏହା ଏକ ମୌଳିକ ଆବଶ୍ୟକତା ପାଲଟିଛି | ପ୍ରକଳ୍ପ ପାଇଁ ପ୍ରଭାବିତ ଜନସଂଖ୍ୟାର ଶିକ୍ଷା ସ୍ତର ବିଷୟରେ ସୂଚନା ସେମାନଙ୍କ ପାଇଁ ଅର୍ଥନୈତିକ ପୁନର୍ବାସ ଯୋଜନା ପ୍ରସ୍ତୁତ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ | ପ୍ରକଳ୍ପ ପ୍ରଭାବିତ ବ୍ୟକ୍ତି ମାନଙ୍କ ଶିକ୍ଷାଗତ ଯୋଗ୍ୟତା ସାରଣୀ ୫.୮ ରେ ଦିଆଯାଇଛି |

**୧୧. ଜୀବିକା**

ପ୍ରକଳ୍ପ କାର୍ଯ୍ୟାନ୍ୱୟନ ପରବର୍ତ୍ତୀ ସମୟରେ ସେମାନଙ୍କ ଦକ୍ଷତା ସ୍ତର ମୂଲ୍ୟାଙ୍କନ ଏବଂ ସେମାନଙ୍କ ପାଇଁ ବିକଳ୍ପ ପୁନର୍ବାସ ଯୋଜନା ପ୍ରସ୍ତୁତ କରିବା ପାଇଁ ପିଏପିଙ୍କ ଜୀବିକା ବିଷୟରେ ସୂଚନା ଗୁରୁତ୍ୱପୂର୍ଣ୍ଣ। ପ୍ରକଳ୍ପ ପ୍ରଭାବିତ ବ୍ୟକ୍ତି ମାନେ କୃଷି ଏବଂ ଅଣ-କୃଷି ଉଭୟ ବୃତ୍ତିରୁ ସେମାନଙ୍କର ଜୀବିକା ଅର୍ଜନ କରନ୍ତି। କୃଷି ଆଧାରିତ ବୃତ୍ତିଗୁଡ଼ିକ ମୁଖ୍ୟତଃ କୃଷି ଏବଂ ଆନୁଷଙ୍ଗିକ କାର୍ଯ୍ୟକଳାପ ସହିତ ଜଡିତ, ଏବଂ ଅଣ-କୃଷି ବୃତ୍ତିଗୁଡ଼ିକ ମଧ୍ୟରେ ଦରମାପ୍ରାପ୍ତ ବୃତ୍ତି, ମଜୁରୀ ଶ୍ରମ, ଉଦ୍ୟୋଗ, ହସ୍ତଶିଳ୍ପ, ସେବା ଇତ୍ୟାଦି ଅନ୍ତର୍ଭୁକ୍ତ।ପ୍ରକଳ୍ପିତ ପ୍ରଭାବିତ ଲୋକଙ୍କ ଜୀବିକା ବିଷୟରେ ବିବରଣୀ ଅଧ୍ୟାୟ-୫ (ଉପ-ଶୀର୍ଷକ ନଂ.୫.୧୫) ରେ ଦିଆଯାଇଛି।

**୧୨. ପାରିବାରିକ ଆୟ ଏବଂ ଖର୍ଚ୍ଚ**

କୋଇଡା ଗ୍ରାମର ପ୍ରକଳ୍ପ ପ୍ରଭାବିତ ପରିବାରର ଆୟ ଏବଂ ଖର୍ଚ୍ଚ ଢାଞ୍ଚା ସେମାନଙ୍କ ଆର୍ଥିକ ସ୍ଥିତିର ଏକ ସ୍ପଷ୍ଟ ଚିତ୍ର ଉପସ୍ଥାପନ କରେ । ପ୍ରକଳ୍ପ ପ୍ରଭାବିତ ପରିବାର ମାନଙ୍କର ଆୟ ଏବଂ ଖର୍ଚ୍ଚ ବିବରଣୀ ଅଧ୍ୟାୟ-୫ (ସାରଣୀ ୫.୨୩ ଏବଂ ୫.୨୪) ରେ ଦିଆଯାଇଛି।

**୧୩. ସ୍ୱାସ୍ଥ୍ୟ**

ସର୍ଭେ ରିପୋର୍ଟରୁ ଏହା ଜଣାପଡିଛି ଯେ ସ୍ୱାସ୍ଥ୍ୟସେବା ଉପରେ ପ୍ରଭାବିତ ପରିବାର ମାନଙ୍କର ଖର୍ଚ୍ଚ ଯଥେଷ୍ଟ ନୁହେଁ, କାରଣ ସେମାନେ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାରେ ପୀଡିତ ନୁହଁନ୍ତି । ସମସ୍ତ ପ୍ରଭାବିତ ପରିବାରର ସ୍ୱାସ୍ଥ୍ୟ ସମସ୍ୟା ଅଛି ଏବଂ ସମସ୍ତ ରୋଗୀଙ୍କୁ ସରକାରୀ ଡାକ୍ତରଖାନା / PHC / CHC ରେ ଚିକିତ୍ସା କରାଯାଇଥିଲା। ଏହି ରିପୋର୍ଟରେ ଅଧ୍ୟାୟ-୫ (ସାରଣୀ ୫.୧୭) ରେ ଅଞ୍ଚଳର ସ୍ୱାସ୍ଥ୍ୟ ସ୍ଥିତି ଏବଂ ଚିକିତ୍ସାର ବିବରଣୀ ଦର୍ଶାଯାଇଛି।

**୧୪. ଦୁର୍ବଳତା**

କ୍ଷେତ୍ର ସର୍ଭେ ସମୟରେ ଏହା ଦେଖାଯାଇଛି ଯେ ପ୍ରକଳ୍ପ ପ୍ରଭାବିତ ଗ୍ରାମରେ ସମସ୍ତ ୬ଟି ପରିବାର ଅନୁସୂଚିତ ଜନଜାତି ବର୍ଗର ଏବଂ ତେଣୁ ସେମାନଙ୍କୁ ଦୁର୍ବଳ ଓ ନିରାଶ୍ରୟ ଗୋଷ୍ଠୀ ବୋଲି ବିଚାର କରାଯାଏ ।

**୧୫. ଭୂମି ବ୍ୟବହାର**

କୋଇଡା ତହସିଲର ଭୂମି ବ୍ୟବହାର ଢାଞ୍ଚା ମୁଖ୍ୟତଃ ଜଙ୍ଗଲ-ଭିତ୍ତିକ ଭୂଦୃଶ୍ୟକୁ ପ୍ରତିଫଳିତ କରେ। ମୋଟ ଭୌଗୋଳିକ କ୍ଷେତ୍ରର ପ୍ରାୟ ୫୧.୧୦ ପ୍ରତିଶତ (୪,୯୬,୦୦୦ ହେକ୍ଟର) ଜଙ୍ଗଲ ଆଚ୍ଛାଦନ ଅଧୀନରେ ଅଛି, ଯାହା ଏହି ଅଞ୍ଚଳର ପରିବେଶଗତ ସମୃଦ୍ଧିକୁ ଉଲ୍ଲେଖ କରେ। ୨,୮୪,୦୦୦ ହେକ୍ଟର (୨୯.୨ ପ୍ରତିଶତ) ନିଟ ବୁଣା ଅଞ୍ଚଳ ଦ୍ୱାରା ପ୍ରତିନିଧିତ୍ୱ କରାଯାଇଥିବା କୃଷି ଜମି ଦ୍ୱିତୀୟ ବୃହତ୍ତମ ବର୍ଗ ଗଠନ କରେ, ଯାହା ସୂଚିତ କରେ ଯେ କୃଷି ଏବେ ବି ସ୍ଥାନୀୟ ଅର୍ଥନୀତିରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ବହନ କରେ।

**୧୬. ପ୍ରକଳ୍ପ ବିଷୟରେ ପ୍ରଭାବିତ ଏବଂ ଅଣ-ପ୍ରଭାବିତ ପରିବାର ମାନଙ୍କର ଧାରଣା**

ପ୍ରକଳ୍ପ ପ୍ରଭାବିତ ପରିବାର (PAF) ଚାଷ, ଚାରଣ ଏବଂ ଛୋଟ ବ୍ୟବସାୟ ଭଳି ସେମାନଙ୍କର ପାରମ୍ପରିକ ଜୀବିକା ଉତ୍ସ ହରାଇବା ବିଷୟରେ ଗଭୀର ଚିନ୍ତା ପ୍ରକାଶ କରିଥିଲେ, ଯାହା ସହିତ ସମ୍ପ୍ରଦାୟ ସମ୍ପର୍କ ବିଗିଡ଼ିଯିବା, ପାରିବାରିକ ଦ୍ୱନ୍ଦ ଏବଂ କ୍ଷତିପୂରଣ ଅର୍ଥର ଅପବ୍ୟବହାର ହେବାର ଭୟ ମଧ୍ୟ ଥିଲା। ସେମାନେ ବର୍ଦ୍ଧିତ ସାମାଜିକ ଅଶାନ୍ତି, ଅପରାଧ, ପ୍ରଦୂଷଣ ଏବଂ ଦୁର୍ଘଟଣାରୁ ସ୍ୱାସ୍ଥ୍ୟ ବିପଦ ଏବଂ ବିସ୍ଥାପନ ଏବଂ ଜମି ହରାଇବା ଯୋଗୁଁ ସ୍ଥାନୀୟ ଅର୍ଥନୀତିରେ ଅସ୍ଥାୟୀ ହ୍ରାସ ବିଷୟରେ ଚିନ୍ତିତ ଥିଲେ। ଅନେକ ପରିବାର ମଧ୍ୟରେ ଏବଂ ସେମାନଙ୍କ ମଧ୍ୟରେ ଅଧିକ ଚିକିତ୍ସା ଖର୍ଚ୍ଚ ଏବଂ ଚାପ-ସମ୍ବନ୍ଧୀୟ ବିବାଦ ଆଶା କରନ୍ତି। ସେହି ସମୟରେ, କେତେକ ଉନ୍ନତ ରାସ୍ତା ଏବଂ ସେବା ଭଳି ସମ୍ଭାବ୍ୟ ପରୋକ୍ଷ ଲାଭକୁ ସ୍ୱୀକାର କରିବା ସହିତ, ସେମାନେ କ୍ଷତିପୂରଣର ଅସମାନ ବଣ୍ଟନ ବିଷୟରେ ସତର୍କ ରୁହନ୍ତି ଏବଂ ଉପଯୁକ୍ତ ପୁନର୍ବାସ ଏବଂ ପୁନଃସ୍ଥାପନ ପଦକ୍ଷେପ ଦାବି କରନ୍ତି ।

ଅନ୍ୟପକ୍ଷରେ, ପ୍ରଭାବିତ ନ ଥିବା ଲୋକମାନେ (NAPs) ଅଧିକ ଆଶାବାଦୀ ଦୃଷ୍ଟିକୋଣ ପୋଷଣ କରନ୍ତି। ସେମାନେ ବିଶ୍ୱାସ କରନ୍ତି ଯେ ବାଇପାସ୍ ରାସ୍ତା ନୂତନ ଜୀବିକା ନିର୍ବାହର ସୁଯୋଗ ସୃଷ୍ଟି କରିବ, ସଂଯୋଗୀକରଣ ବୃଦ୍ଧି କରିବ ଏବଂ ଦୀର୍ଘକାଳୀନ ବାଣିଜ୍ୟ ଏବଂ ସେବାକୁ ପ୍ରୋତ୍ସାହିତ କରିବ। ଯଦିଓ ସେମାନେ କ୍ଷତିପୂରଣ ପାଣ୍ଠିର ସମ୍ଭାବ୍ୟ ଅପବ୍ୟବହାର ଏବଂ ପ୍ରବାସନ ଯୋଗୁଁ ବଢୁଥିବା ଅପରାଧର ବିପଦ ବିଷୟରେ ଚିନ୍ତା କରନ୍ତି, ସେମାନେ ସାଧାରଣତଃ ଚାପକୁ ଅସ୍ଥାୟୀ ଭାବରେ ଗ୍ରହଣ କରନ୍ତି, ପରିବାରଗୁଡ଼ିକ ସଂଯୁକ୍ତ ରହିବେ ଏବଂ ସମୟ ସହିତ ସ୍ଥାନୀୟ ଅର୍ଥନୀତି ମଜବୁତ ହେବ ବୋଲି ଆଶା କରନ୍ତି। ଅନେକ ଉତ୍ତମ ସ୍ୱାସ୍ଥ୍ୟସେବା ପହଞ୍ଚିବା, ଉନ୍ନତ ବ୍ୟବସାୟିକ ସମ୍ଭାବନା ଏବଂ ପ୍ରକଳ୍ପର କ୍ଷଣସ୍ଥାୟୀ ଅସୁବିଧା ଏବଂ ଦୀର୍ଘକାଳୀନ ବିକାଶମୂଳକ ଲାଭ ମଧ୍ୟରେ ଏକ ସନ୍ତୁଳନ ଆଶା କରନ୍ତି।

### ୧୭.. ପ୍ରକଳ୍ପ ପାଇଁ ସ୍ଥାନୀୟ ଲୋକଙ୍କ ସମର୍ଥନ

କେନ୍ଦ୍ରୀଭୂତ ଗୋଷ୍ଠୀ ଆଲୋଚନାର ପ୍ରାୟ ସମସ୍ତ ଅଂଶଗ୍ରହଣକାରୀ ଏହି ପ୍ରକଳ୍ପକୁ ସମର୍ଥନ କରିଥିଲେ, ସେମାନେ କ୍ଷତିପୂରଣ ଏବଂ ବେତନ ଆଧାରରେ ଏହି ପ୍ରକଳ୍ପରେ କାର୍ଯ୍ୟ କରିବା ପାଇଁ ନିଜ ଜମି ସହିତ ଭାଗ କରିବାକୁ ଇଚ୍ଛୁକ ଥିଲେ ଏବଂ ପ୍ରକଳ୍ପ କାର୍ଯ୍ୟ ସମୟରେ କର୍ମଚାରୀଙ୍କୁ ଜଳ ଏବଂ ରହିବା ସୁବିଧା ଯୋଗାଇ ଦେବାକୁ ଇଚ୍ଛା ପ୍ରକଟ କରିଥିଲେ ।

### ୧୮.. ଗୁରୁତ୍ୱପୂର୍ଣ ପ୍ରସଙ୍ଗ

ପ୍ରକଳ୍ପର ନିର୍ମାଣ ଏବଂ କାର୍ଯ୍ୟାନ୍ୱୟନ ସହିତ ଜଡିତ ବାୟୁ, ଜଳ ଏବଂ ଶବ୍ଦ ପ୍ରଦୂଷଣ ପରି ପରିବେଶ ସମସ୍ୟା ଉଭୟ ସ୍ୱଳ୍ପ ମିଆଦି ଏବଂ ଦୀର୍ଘକାଳୀନ ଦୃଷ୍ଟିକୋଣରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏଥିସହ, ଗଛ ଓ ଚାଷଜମି ହ୍ରାସ ପାଇବା ହେତୁ ସ୍ଥାନୀୟ ଅଞ୍ଚଳରେ ପର୍ଯ୍ୟାବରଣ ଏବଂ ଜୈବ ବିବିଧତାକୁ ବ୍ୟାହତ କରିବ । ମଦ୍ୟପାନରେ ନିଶା ବୃଦ୍ଧି ହେତୁ ସାମାଜିକ ବିଶୃଙ୍ଖଳା ପରିସ୍ଥିତିକୁ ଆହୁରି ବଢ଼ାଇ ଦେଇ ପାରେ ।

### ୧୯. ସାମାଜିକ ପ୍ରଭାବ ପରିଚାଳନା ଯୋଜନା (SIMP)

ସାମାଜିକ ପ୍ରଭାବ ପରିଚାଳନା ଯୋଜନା (SIMP) ଏକ ନମନୀୟ ଉପାୟରେ ପ୍ରସ୍ତୁତ କରାଯାଇଛି ଯାହା ଦ୍ୱାରା ଏହା ଭବିଷ୍ୟତର ପରିବର୍ତ୍ତନ ସହିତ ଖାପ ଖୁଆଇପାରିବ ଏବଂ ସମଗ୍ର ପ୍ରକଳ୍ପ ଅବଧିରେ ଉପଯୋଗୀ ରହିବ।

ସୁନ୍ଦରଗଡ଼ ଜିଲ୍ଲାର କୋଇଡା ବାଇପାସ୍ ପ୍ରକଳ୍ପ ପାଇଁ, ପ୍ରାୟ ୦.୧୦୦୦ ଏକର ବ୍ୟକ୍ତିଗତ ଜମି ଅଧିଗ୍ରହଣ କରାଯିବ, ଏବଂ ଜମି ମାଲିକମାନଙ୍କୁ ଉଚିତ୍ କ୍ଷତିପୂରଣ ଦିଆଯିବ। କ୍ଷତିପୂରଣ ନିୟମ ଏବଂ ଆଇନ ଅନୁସରଣ କରିବ, ଏବଂ ପ୍ରକଳ୍ପ ପ୍ରଭାବିତ ପରିବାର (PAFs) ଏବଂ ପ୍ରକଳ୍ପ ପ୍ରଭାବିତ ବ୍ୟକ୍ତି (PAPs) ଦ୍ୱାରା ସମ୍ମୁଖୀନ ହେଉଥିବା କ୍ଷତିକୁ ମଧ୍ୟ ଭରଣ କରିବ । SIMP ସାମାଜିକ ସମସ୍ୟା ହ୍ରାସ କରିବା ପାଇଁ ପଦକ୍ଷେପ ମଧ୍ୟ ଅନ୍ତର୍ଭୁକ୍ତ କରେ ଏବଂ ଏହି କାର୍ଯ୍ୟକଳାପ ପାଇଁ ଏକ ଆନୁମାନିକ ବଜେଟ୍ ପ୍ରଦାନ କରାଯାଇଛି ।

### ୨୦. ସାମାଜିକ ପଦକ୍ଷେପ

ହିତାଧିକାରୀମାନଙ୍କ ମଧ୍ୟରେ ଯେକୌଣସି ବିବାଦର ସମାଧାନ କରାଯିବା ଉଚିତ ଏବଂ ଆଇନଗତ ମାଲିକଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବା ନିଶ୍ଚିତ କରାଯିବା ଉଚିତ।

ଗ୍ରାମୀଣ ଜୀବନରେ ବୃଦ୍ଧାଶ୍ରମର ଅର୍ଥପୂର୍ଣ୍ଣ ଏବଂ ଉତ୍ପାଦନକ୍ଷମ ଅଂଶଗ୍ରହଣ ପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବାରେ ପୌରପାଳିକାକୁ ସାହାଯ୍ୟ କରାଯିବା ଉଚିତ ଯାହା ଦ୍ୱାରା ସେମାନେ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ସମୟ ଏବଂ ପରବର୍ତ୍ତୀ ସମୟରେ ବାଦ ପଡ଼ିଥିବା ଏବଂ ଅନାବଶ୍ୟକ ଅନୁଭବ କରିବେ ନାହିଁ।

ପ୍ରକଳ୍ପ ପାଇଁ ଅଧିଗ୍ରହଣ କରାଯାଇଥିବା ଅତିରିକ୍ତ ଜମି, ଯଦି ଥାଏ, ତେବେ ତାହା ମୂଳ ଜମି ମାଲିକଙ୍କୁ ହସ୍ତାନ୍ତର କରାଯିବା ଉଚିତ।

ମହିଳା ଏବଂ ନିରାଶ୍ରୟ ଗୋଷ୍ଠୀଙ୍କ ନିଷ୍ପତ୍ତି ଗ୍ରହଣରେ ଅଂଶଗ୍ରହଣ ସୁନିଶ୍ଚିତ କରି ଏବଂ ସେମାନଙ୍କର ପାରମ୍ପରିକ ଦକ୍ଷତା ବୃଦ୍ଧି / ନୂତନ ଦକ୍ଷତା ବିକାଶ କରି ସେମାନଙ୍କ ଉନ୍ନତି ପାଇଁ ପ୍ରୟାସ କରାଯିବା ଉଚିତ ।

ପ୍ରକଳ୍ପ ପ୍ରଭାବିତ ବ୍ୟକ୍ତିମାନେ ବଜାର ମୂଲ୍ୟର ୪ ଗୁଣ ପ୍ରାୟ ଯାହାକି ୩,୦୦,୦୦୦ ଟଙ୍କା କ୍ଷତିପୂରଣ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କ ପାଇଁ ଚାକିରି ପାଇଁ ଅନୁରୋଧ କରିଛନ୍ତି ।

୨୧. ସାମାଜିକ ପ୍ରଭାବ ପରିଚାଳନା ଯୋଜନା କାର୍ଯ୍ୟାନ୍ୱୟନ ପାଇଁ ବ୍ୟୟବରାଦ

ଉପରେ ବର୍ଣ୍ଣିତ ଏବଂ ତଳେ ଉପସ୍ଥାପିତ ଏସ.ଆଇ.ଏମ.ପି. ଆଧାରରେ ଏକ ବ୍ୟୟବରାଦ ଯୋଜନା ପ୍ରସ୍ତୁତ କରାଯାଇଛି । ଏହା ଏକ ଅସ୍ଥାୟୀ ଯୋଜନା, କାରଣ ଜମି କ୍ଷତି ବାବଦରେ କ୍ଷତିପୂରଣ ଆଇନ ଏବଂ ନିୟମ ଅନୁଯାୟୀ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କଦ୍ୱାରା ନିଷ୍ପତ୍ତି ନିଆଯିବ ।

| ସାମାଜିକ ପ୍ରଭାବ ପରିଚାଳନା ଯୋଜନା ପାଇଁ ବ୍ୟୟ ଅଟକଳ | | | | | |
|---|---|---|---|---|---|
| କ୍ର.ସଂ. | ବିବରଣୀ | ମାନ | ପରିମାଣ | ମୂଲ୍ୟ ହାର (ଟଙ୍କାରେ) | ପରିମାଣ (ଲକ୍ଷ ଟଙ୍କାରେ) |
| 1. | ଭୂମି ଅଧିଗ୍ରହଣ ପାଇଁ ଜମି ମାଲିକଙ୍କୁ କ୍ଷତିପୂରଣ | ଏକର | 0.1000 ଏକର | 30,00,000.00 | 3.00 |
| 2. | କୌଶଳ ବିକାଶ ପାଇଁ ପ୍ରଶିକ୍ଷଣ | ବ୍ୟକ୍ତି | 100 ଜଣ | 3000.00 | 3.00 |
| 3. | କ୍ଷତିପୂରକ ବୃକ୍ଷରୋପଣ ff | ଏକର | 3.00 ଏକର | 1,00,000 | 3.00 |
| 4. | ଜଳ ଏବଂ ପରିମଳ | ଗ୍ରାମ | 1 ଗ୍ରାମ | - | 1.00 |
| ୫. | ଗ୍ରାମରେ ଅନ୍ୟାନ୍ୟ ବିକାଶ କାର୍ଯ୍ୟ | ଗ୍ରାମ | 1 ଗ୍ରାମ | - | 2.00 |
| ମୋଟ | | | | | ୩୦୫୭.୮୦ |

# ଅଧ୍ୟାୟ – ୧

# ପ୍ରକଳ୍ପର ବର୍ଣ୍ଣନା

## ୧. ଉପକ୍ରମଣିକା ଓ ପ୍ରକଳ୍ପ ପୃଷ୍ଠଭୂମି

### ୧.୧ ଉପକ୍ରମଣିକା

ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲାର କୋଇଡ଼ା ତହସିଲରେ ଅବସ୍ଥିତ କୋଇଡ଼ା ଏକ ଉଲ୍ଲେଖନୀୟ ଖଣି ଏବଂ ଶିଳ୍ପ କେନ୍ଦ୍ର, ଯାହା ଲୁହା ଖଣି, ମାଙ୍ଗାନିଜ୍ ଏବଂ ଚୂନ ପଥର ଗଚ୍ଛିତ ପାଇଁ ପ୍ରସିଦ୍ଧ। ଐତିହାସିକ ଭାବରେ, ଏହି ଅଞ୍ଚଳ ସୁନ୍ଦରଗଡ଼ର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳଗୁଡ଼ିକର ଏକ ଅଂଶ ଥିଲା, ଯେଉଁଠାରେ ମୁଖ୍ୟତଃ ମୁଣ୍ଡା, ଓରାଓଁ ଏବଂ ଖରିଆ ଭଳି ଆଦିବାସୀ ସମ୍ପ୍ରଦାୟ ବାସ କରନ୍ତି, ଯେଉଁମାନେ ପାରମ୍ପରିକ ଉତ୍ସବ, ସଙ୍ଗୀତ ଏବଂ କର୍ମା ଏବଂ ପାଇକା ଭଳି ନୃତ୍ୟ ମାଧ୍ୟମରେ ସେମାନଙ୍କର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷଣ କରିଛନ୍ତି । ବର୍ଷ ବର୍ଷ ଧରି, ଖଣି କାର୍ଯ୍ୟକଳାପର ପ୍ରବାହ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ବିକାଶ ଆଣିବା ସହିତ ଅଞ୍ଚଳର ସାମାଜିକ ଏବଂ ବୃତ୍ତିଗତ ଦୃଶ୍ୟପଟକୁ ମଧ୍ୟ ପରିବର୍ତ୍ତନ କରିଛି। ସାପ୍ତାହିକ ସ୍ଥାନୀୟ ବଜାର (ହାଟ) ବାଣିଜ୍ୟ ଏବଂ ସମ୍ପ୍ରଦାୟ ପାରସ୍ପରିକ କ୍ରିୟାର ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ହୋଇ ରହିଛି, ଯାହା ପାରମ୍ପରିକ ଜୀବନଶୈଳୀକୁ ଆଧୁନିକ ଶିଳ୍ପ ପ୍ରଭାବ ସହିତ ମିଶ୍ରଣ କରିଥାଏ।

କୋଇଡା ଦେଇ ଯାଉଥିବା ମୁଖ୍ୟ ରାସ୍ତାଟି ଭାରୀ ଖଣିଜ ପରିବହନ ଟ୍ରକ୍ ଗୁଡିକର ଯାତାୟାତ ସହିତ ସ୍ଥାନୀୟ ଲୋକମାନଙ୍କ ଦ୍ୱାରା ବ୍ୟବହୃତ ଯାନବାହାନ ଗୁଡିକର ଯାତାୟାତ ହେବା ଫଳରେ ପ୍ରବଳ ଭିଡ଼ ସୃଷ୍ଟି ହୋଇଥାଏ । ଏହା ବ୍ୟତୀତ, ଜନବସତିପୂର୍ଣ୍ଣ ବଜାର ଏବଂ ଆବାସିକ ଅଞ୍ଚଳ ଦେଇ ବଡ଼ ଯାନବାହାନ ଚଳାଚଳ ବିଶେଷକରି ପଦଯାତ୍ରୀ, ସାଇକେଲ ଚାଳକ ଏବଂ ସ୍କୁଲ ପିଲାମାନଙ୍କ ପାଇଁ ଦୁର୍ଘଟଣାର ଆଶଙ୍କା ବୃଦ୍ଧି ପାଉଥିବାର ଅନୁଭୂତ ହୋଇଥାଏ I

### ୧.୨ ପ୍ରକଳ୍ପ ପୃଷ୍ଠଭୂମି

ଜିଲ୍ଲା ଖଣିଜ ଫାଉଣ୍ଡେସନ (DMF) ପାଣ୍ଠି ଅଧୀନରେ କୋଇଡା ବାଇପାସ୍ ରାସ୍ତା ନିର୍ମାଣ ପାଇଁ ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲାର କୋଇଡା ତହସିଲର କୋଇଡା ଗ୍ରାମରୁ ୦.୧୦୦୦ ଏକର ଘରୋଇ ଜମିର ପ୍ରସ୍ତାବିତ ଅଧିଗ୍ରହଣ ପାଇଁ ଏହି ସାମାଜିକ ପ୍ରଭାବ ନିର୍ଦ୍ଧାରଣ (SIA) କରାଯାଇଛି ।

ଏହି ବାଇପାସ୍ କୋଇଡା ମଧ୍ୟରେ ଟ୍ରାଫିକ୍ ଭିଡ଼ କମ୍ କରିବା, ରାସ୍ତା ସୁରକ୍ଷା ଉନ୍ନତ କରିବା ଏବଂ ନିକଟବର୍ତ୍ତୀ ଖଣି, ଶିଳ୍ପ ଏବଂ ବଜାର କେନ୍ଦ୍ରଗୁଡ଼ିକୁ ସଂଯୋଗୀକରଣ ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ରଖିଛି । ସାମାଜିକ ପ୍ରଭାବ ନିର୍ଦ୍ଧାରଣ (SIA) ଦ୍ୱାରା ଜମି ଅଧିଗ୍ରହଣର ସମ୍ଭାବ୍ୟ ସାମାଜିକ ପ୍ରଭାବ ମୂଲ୍ୟାଙ୍କନ କରାଯାଏ I ପ୍ରଭାବିତ ପରିବାରଗୁଡ଼ିକର ସାମାଜିକ-ଆର୍ଥିକ ସ୍ଥିତି ବିଶ୍ଳେଷଣ କରାଯାଏ ଏବଂ ଜୀବିକା ସୁରକ୍ଷା ଓ ଲାଭକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରଶମନ ପଦକ୍ଷେପ ପାଇଁ ପ୍ରସ୍ତାବ ରଖାଯାଏ ।

ଏହି ଅଧ୍ୟୟନ କ୍ଷେତ୍ର ସର୍ଭେ, ହିତାଧିକାରୀଙ୍କ ପରାମର୍ଶ ଓ ଅଂଶଗ୍ରହଣମୂଳକ ବିଶ୍ଳେଷଣ ଉପରେ ଆଧାରିତ ଅଟେ, ଯାହା ନିଷ୍ପତ୍ତି-ଗ୍ରହଣ ପ୍ରକ୍ରିୟାରେ ପାରଦର୍ଶିତା ଓ ସମୁଦାୟୀୟ ଅଂଶଗ୍ରହଣକୁ ସୁନିଶ୍ଚିତ କରେ ।

## ୧.୩ ପ୍ରକଳ୍ପ ସ୍ଥାନ

ପ୍ରସ୍ତାବିତ କୋଇଡା ବାଇପାସ୍ ରାସ୍ତା ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲାର କୋଇଡା ତହସିଲର କୋଇଡା (କୋଇରା) ମୁଖ୍ୟ ସହରାଞ୍ଚଳରେ ଟ୍ରାଫିକକୁ ପରିବର୍ତ୍ତନ କରିବା ପାଇଁ ଯୋଜନା କରାଯାଇଛି । କୋଇଡା ଏକ ପ୍ରମୁଖ ଖଣିଜ ଏବଂ ବାଣିଜ୍ୟ କେନ୍ଦ୍ର, ଯେଉଁଠାରେ ଖଣିଜ ପଦାର୍ଥ ବୋଝେଇ ଭାରୀ ଯାନବାହାନଗୁଡ଼ିକ ଘନବସତି ଅଞ୍ଚଳ ମଧ୍ୟଦେଇ ଯାତାୟାତ କରୁଥିବାରୁ ଗୁରୁତର ଟ୍ରାଫିକ୍ ଓ ସୁରକ୍ଷା ସମସ୍ୟା ସୃଷ୍ଟି ହୋଇଛି । ଏହା ସମୁଦ୍ର ପତ୍ତନଠାରୁ ପ୍ରାୟ ୫୯୦ ମିଟର ଉଚ୍ଚତାରେ ଅବସ୍ଥିତ I ବହୁ ପରିମାଣର ଯାନବାହାନ ଚଳାଚଳ ଯୋଗୁ ସହରର ବିଦ୍ୟମାନ ରାସ୍ତାରେ ବାରମ୍ବାର ଟ୍ରାଫିକ୍ ଭିଡ଼ ହୋଇଥାଏ । ବାଇପାସ୍ ହେଉଛି ଏମିତି ଏକ ରାସ୍ତା, ଯାହା ନିର୍ମାଣ ଅଂଚଳର ମଧ୍ୟଭାଗ ଦେଇ ନ ଯାଇ ସହରର ଚାରିପାଖ ଅର୍ଥାତ ବାହ୍ୟଭାଗ ଦେଇ ନିର୍ମାଣ କରାଯାଇଥାଏ ଏପରି ପଥଗୁଡ଼ିକ ସାଧାରଣତଃ ସହର କେନ୍ଦ୍ରରେ ଯାତାୟାତ ଜାମ କମାଇବା, ସୁରକ୍ଷା ବୃଦ୍ଧି କରିବା ଏବଂ ସହର ମଧ୍ୟରେ ପ୍ରବେଶ କରିବାର ଆବଶ୍ୟକତା ନଥିବା ଯାନବାହନମାନଙ୍କୁ ସହଜ ଭାବେ ଗତି କରିବାକୁ ସାହାଯ୍ୟ କରିବା ପାଇଁ ଉନ୍ନତ କରାଯାଇଥାଏ ।



ଚିତ୍ର - ୧.୨ : ସୁନ୍ଦରଗାର୍ଡ ଜିଲ୍ଲାର କୋଇଡା ବାଇପାସ ରାସ୍ତାର ନିର୍ମାଣ ହେବାକୁ ଥିବା ସ୍ଥାନ

## ୧.୪ ପ୍ରକଳ୍ପର ଯୁକ୍ତିସଙ୍ଗତତା

କୋଇଡା ବାଇପାସ୍ ରୋଡ୍ ନିର୍ମାଣର ପ୍ରମୁଖ କାରଣଗୁଡ଼ିକ ହେଲା :

- କୋଇଡା ଗ୍ରାମରେ ରେ ଭାରୀ ଯାନବାହନ ଯାତାୟାତ ଜନିତ ପ୍ରବଳ ଟ୍ରାଫିକ୍ ଭିଡ଼କୁ କମାଇବା ।
- ସାମଗ୍ରୀ ଓ ଯାତ୍ରୀମାନଙ୍କର ସୁରକ୍ଷିତ ଏବଂ ନିରବଚ୍ଛିନ୍ନ ଗତିବିଧି ସୁନିଶ୍ଚିତ କରିବା ।
- ସଡକ ଦୁର୍ଘଟଣା ପ୍ରତିରୋଧ କରିବା ଏବଂ ପଦଚାରୀଙ୍କ ସୁରକ୍ଷାରେ ଉନ୍ନତି ଆଣିବା ।
- ଜନବସତି ଅଞ୍ଚଳ ମଧ୍ୟରେ ପରିବେଶୀୟ ଓ ଶବ୍ଦ ପ୍ରଦୂଷଣକୁ ହ୍ରାସ କରିବା ।
- ଆର୍ଥିକ ଅଭିବୃଦ୍ଧିକୁ ସହଜ କରିବା ପାଇଁ ଆଞ୍ଚଳିକ ସଡକ ପରିଚାଳନାକୁ ସୁଦୃଢ଼ କରିବା, ବିଶେଷକରି ଖଣିଜ କ୍ଷେତ୍ରର ଆର୍ଥିକ ବିକାଶକୁ ସହଜ କରିବା।

## ୧.୫ ସର୍ବସାଧାରଣ ଉଦ୍ଦେଶ୍ୟ:

**ସୁନ୍ଦରଗଡ଼ ଜିଲ୍ଲାର କୋଇଡା ତହସିଲ ଅନ୍ତର୍ଗତ କୋଇଡା ଗ୍ରାମରୁ ୦.୧୦୦୦ ଏକର ଘରୋଇ ଜମିର ପ୍ରସ୍ତାବିତ ଅଧିଗ୍ରହଣ "ଜିଲ୍ଲା ଖଣିଜ ଫାଉଣ୍ଡେସନ (DMF) ପାଣ୍ଠି ଅଧୀନରେ ୦/୦୦ କିଲୋମିଟରରୁ ୮/୦୦ କିଲୋମିଟର ପର୍ଯ୍ୟନ୍ତ କୋଇଡା ବାଇପାସ୍ ରାସ୍ତା ନିର୍ମାଣ" ପାଇଁ ଉଦ୍ଦିଷ୍ଟ । ଏହି ପ୍ରକଳ୍ପର ପ୍ରାଥମିକ ସାର୍ବଜନୀନ ଉଦ୍ଦେଶ୍ୟ ହେଉଛି ଏକ ଦକ୍ଷ, ନିରାପଦ ଏବଂ ସ୍ଥାୟୀ ରାସ୍ତା ପ୍ରଦାନ କରିବା, ଯାହା ଆଞ୍ଚଳିକ ସଂଯୋଗୀକରଣକୁ ବୃଦ୍ଧି କରିବା ଓ କୋଇଡା ସହରାଂଚଳ ମଧ୍ୟରେ ଟ୍ରାଫିକ ଭିଡ଼ ହ୍ରାସ କରିବା ଏବଂ ନିକଟବର୍ତ୍ତୀ ଅର୍ଥନୈତିକ କେନ୍ଦ୍ରଗୁଡ଼ିକୁ ଯାତାୟାତ କରିବାରେ ଉନ୍ନତି ଆଣିବା ।**

**କୋଇଡା ହେଉଛି ଏକ ଖଣି- ଅଞ୍ଚଳ ଯାହା ମଧ୍ୟରେ ଖଣିଜ ଦ୍ରବ୍ୟ ପରିବହନ କରୁଥିବା ଭାରୀ ଟ୍ରକ୍ ସମେତ ଅନ୍ୟାନ୍ୟ ଯାନବାହାନ ସବୁ ଚଳାଚଳ କରେ । ବିଦ୍ୟମାନ ରାସ୍ତା ସଂକିଚନ ଗ୍ରାମାଞ୍ଚଳ ଦେଇ ଗତି କରେ, ଯାହା ଫଳରେ ସଡ଼କ ସୁରକ୍ଷା ଚିନ୍ତା, ପରିବହନରେ ବିଳମ୍ବ ଏବଂ ଗ୍ରାମ ଭିତ୍ତିଭୂମିର କ୍ଷୟ ଘଟେ । ବାଇପାସ୍ ରାସ୍ତା ଜନବସତି କ୍ଷେତ୍ର ବାହାରେ ଭାରୀ ଯାତାୟାତକୁ ପୁନଃପଥ ଦେଇ ଏହି ସମସ୍ୟା ଗୁଡ଼ିକୁ ନିଶ୍ଚିତ ଭାବରେ ସମାଧାନ କରିବ । ଏହି ସମସ୍ୟା ଗୁଡିକୁ ଧ୍ୟାନ ରଖାଯାଇପାରେ କି :**

- **ବିଶେଷକରି ପଦଯାତ୍ରୀ, ସ୍କୁଲ ଯାଉଥିବା ପିଲା ଏବଂ ସ୍ଥାନୀୟ ଯାତ୍ରୀମାନଙ୍କ କ୍ଷେତ୍ରରେଦୁର୍ଘଟଣାର ବିପଦକୁ ହ୍ରାସ କରିବା ।**
- **ସାମଗ୍ରୀ ଏବଂ ଲୋକଙ୍କ ଦ୍ରୁତ ଗତିକୁ ସହଜ କରିବା, ଯାହା ଖଣି କ୍ଷେତ୍ର ଏବଂ ସ୍ଥାନୀୟ ପାଇଁ ଗୁରୁତ୍ୱପୂର୍ଣ୍ଣ। ବ୍ୟବସାୟ।**
- **ଘନ ଜନବହୁଳ ଅଞ୍ଚଳରୁ ଭାରୀ ଯାନବାହାନ ଚଳାଚଳକୁ ଦୂରେଇ ରଖିବା ।**
- **ଶିଳ୍ପ କ୍ଷେତ୍ର, ବଜାର ଏବଂ ସେବା ସୁବିଧା ସହିତ ସଂଯୋଗକୁ ସୁଦୃଢ଼ କରିବା, ଯାହାଦ୍ୱାରା ସ୍ଥାନୀୟ ଏବଂ ଆଞ୍ଚଳିକ ଆର୍ଥିକ ଅଭିବୃଦ୍ଧିରେ ସାହାଯ୍ୟ ମିଳିଥାଏ ।**
- **ଜରୁରୀକାଳୀନ ସେବା, ସାଧାରଣ ପରିବହନ ଏବଂ ଦୁର୍ଗମ ଅଞ୍ଚଳକୁ ପ୍ରଶାସନିକ ପ୍ରବେଶର ଶୀଘ୍ର ସୁବିଧାପୂର୍ଣ୍ଣ କରିବା।**

**ଏହି ପ୍ରକଳ୍ପ DMF ପାଣ୍ଠିର ଉଦ୍ଦେଶ୍ୟ ସହିତ ସମନ୍ୱିତ, ଯାହା ଖଣି ପ୍ରଭାବିତ ଅଞ୍ଚଳଗୁଡ଼ିକରେ ଭିତ୍ତିଭୂମି ଏବଂ ଜନ କଲ୍ୟାଣକୁ ଉନ୍ନତ କରିବା ପାଇଁ ଉତ୍ସର୍ଗୀକୃତ । ଏହା ଏକ ସାମୂହିକ ଜନସ୍ୱାର୍ଥ ସେବା କରେ, ଏହା ନିଶ୍ଚିତ କରେ ଯେ ଖଣିଜ ସମ୍ପଦ ନିଷ୍କାସନର ଲାଭକୁ ସମ୍ପ୍ରଦାୟ ବିକାଶ ଏବଂ ଦୀର୍ଘକାଳୀନ ସ୍ଥାୟୀତ୍ୱରେ ପୁନଃନିବେଶ କରାଯାଏ। ତେଣୁ, କୋଇଡା ବାଇପାସ୍ ରାସ୍ତା କେବଳ ଏକ ପରିବହନ ପ୍ରକଳ୍ପ ନୁହେଁ ବରଂ ଜୀବନର ଗୁଣବତ୍ତା ଉନ୍ନତ କରିବା, ଆର୍ଥିକ ସୁଯୋଗକୁ ପ୍ରୋତ୍ସାହିତ କରିବା ଏବଂ ଅଞ୍ଚଳର ବାସିନ୍ଦା, ଶ୍ରମିକ ଏବଂ ପରିବହନ ଅପରେଟରମାନଙ୍କ ପାଇଁ ସୁରକ୍ଷିତ ଏବଂ ଅଧିକ ଦକ୍ଷ ଗତିଶୀଳତା ସୁନିଶ୍ଚିତ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ଏକ ରଣନୈତିକ ଭିତ୍ତିଭୂମି ।**

## ୧.୬ ବିକଳ୍ପ ସ୍ଥାନର ପରୀକ୍ଷା

ପ୍ରକଳ୍ପକୁ ଚୂଡ଼ାନ୍ତ କରିବା ପୂର୍ବରୁ, କାର୍ଯ୍ୟାନ୍ୱୟନ ସଂସ୍ଥା ବୈଷୟିକ ସମ୍ଭାବ୍ୟତା, ପରିବେଶଗତ ସମ୍ବେଦନଶୀଳତା ଏବଂ ସାମାଜିକ ପ୍ରଭାବକୁ ବିଚାର କରି ବହୁବିଧ ମାର୍ଗ ବିକଳ୍ପଗୁଡ଼ିକର ମୂଲ୍ୟାଙ୍କନ କରିଥିଲା। ଏହା ସୃଷ୍ଟି କରୁଥିବା ଉଚ୍ଚ ବିସ୍ଥାପନ, ସମ୍ଭାବ୍ୟ ସୁରକ୍ଷା ବିପଦ ଏବଂ ବିଦ୍ୟମାନ ବ୍ୟବସାୟ ଏବଂ ଆବାସିକ କ୍ଷେତ୍ର ପାଇଁ ଗୁରୁତ୍ୱପୂର୍ଣ୍ଣ ବାଧା ଯୋଗୁଁ କୋଇଡା ଗ୍ରାମ ଦେଇ ବିଦ୍ୟମାନ ରାସ୍ତାକୁ ପ୍ରଶସ୍ତ କରିବାର ବିକଳ୍ପକୁ ପ୍ରତ୍ୟାଖ୍ୟାନ କରାଯାଇଥିଲା । ସେହିପରି, ପରିବେଶଗତ ବିଭ୍ରାଟକୁ ଏଡାଇବା ଏବଂ ସମ୍ବେଦନଶୀଳ ବାସସ୍ଥାନକୁ ସୁରକ୍ଷା ଦେବା ପାଇଁ ବୃହତ ଜଙ୍ଗଲ କ୍ଷେତ୍ର ଅଧିଗ୍ରହଣ ଆବଶ୍ୟକ କରୁଥିବା ଏକ ବିକଳ୍ପ ବାଇପାସ୍ ସଂଯୋଜନକୁ ସ୍ଥାନିତ କରାଯାଇଥିଲା ।

ବର୍ତ୍ତମାନର ବାଇପାସ୍ ପ୍ରକଳ୍ପର ସ୍ଥାନକୁ ସବୁଠାରୁ ସମ୍ଭବ ବିକଳ୍ପ ଭାବରେ ଚୟନ କରାଯାଇଥିଲା, ଯେଉଁଥିରେ ପ୍ରାଥମିକ ଭାବରେ ସରକାରୀ ଜମି ବ୍ୟବହାର କରିବା ସମୟରେ କେବଳ ୦.୧୦୦୦ ଏକର ଘରୋଇ ଜମିର ସର୍ବନିମ୍ନ ଜମି ଅଧିଗ୍ରହଣ ଆବଶ୍ୟକ ଥିଲା। ଏହି ପ୍ରକଳ୍ପ ସ୍ଥାନ ଅନ୍ୟ ବିକଳ୍ପ ତୁଳନାରେ ସର୍ବନିମ୍ନ ସାମାଜିକ ଏବଂ ପରିବେଶଗତ ପ୍ରଭାବ ପ୍ରଦାନ କରେ । ବିସ୍ଥାପନକୁ କମ କରି ଏବଂ ପ୍ରମୁଖ ପରିବେଶଗତ କ୍ଷତିକୁ ଏଡାଇ, ମନୋନୀତ ପ୍ରକଳ୍ପ ଭିତ୍ତିଭୂମି ବିକାଶ ଏବଂ ପରିବେଶଗତ ସ୍ୱାର୍ଥର ସୁରକ୍ଷା ମଧ୍ୟରେ ସନ୍ତୁଳନ ରକ୍ଷା କରିବ ବୋଲି ବିଚାର କରାଯାଏ ।

## ୧.୭. ପ୍ରକଳ୍ପ ବିକାଶକାରୀ ସଂସ୍ଥାର ପୃଷ୍ଠଭୂମି ଓ ପରିଚାଳନା ପ୍ରଣାଳୀ

ଏହି ପ୍ରକଳ୍ପଟି ଓଡ଼ିଶା ସରକାରଙ୍କ ଗ୍ରାମୀଣ ନିର୍ମାଣ ବିଭାଗ (RWD) ଦ୍ୱାରା କାର୍ଯ୍ୟକାରୀ ସଂସ୍ଥା ଭାବରେ ହାତକୁ ନିଆଯାଇଛି, ଏବଂ ଜିଲ୍ଲା ଖଣିଜ ଫାଉଣ୍ଡେସନ (DMF), ସୁନ୍ଦରଗଡ଼ର ପାଣ୍ଠି ସହାୟତା ପ୍ରଦାନ କରାଯାଉଛି। DMF ଓଡ଼ିଶା ଜିଲ୍ଲା ଖଣିଜ ଫାଉଣ୍ଡେସନ ନିୟମ, ୨୦୧୫ ର ବ୍ୟବସ୍ଥା ଅନୁଯାୟୀ କାର୍ଯ୍ୟ କରେ, ଯାହା କି ଖଣି ପ୍ରଭାବିତ ଅଞ୍ଚଳ ଏବଂ ସମ୍ପ୍ରଦାୟ ଗୁଡ଼ିକର ଭିତ୍ତିଭୂମି ବିକାଶ, ପରିବେଶ ସୁରକ୍ଷା ଏବଂ ସାମାଜିକ କଲ୍ୟାଣ ଯୋଜନା ଗୁଡିକର ବିକାଶର ଦାଇତ୍ୱ ବହନ କରିଥାଏ

## ୧.୮ ପ୍ରକଳ୍ପ ପରିଚାଳନାର ଗଠନାତ୍ମକ ଢାଞ୍ଚା

ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ, ଓଡ଼ିଶା ସରକାରଙ୍କର ୪(୧) ବିଜ୍ଞପ୍ତି ସଂଖ୍ୟା RDF/LAC-SUN-0002-2025-27080/R&DM, ତାରିଖ ୨୧.୦୭.୨୦୨୫ ଅନୁଯାୟୀ, ପ୍ରକଳ୍ପ ଡେଭଲପର ଏବଂ ପ୍ରାଥମିକ

ବୈଷୟିକ ପ୍ରାଧିକରଣ ଭାବରେ କାର୍ଯ୍ୟ କରୁଥିବା କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ରାଉରକେଲା ଡିଭିଜନଙ୍କ ନେତୃତ୍ୱରେ ପ୍ରକଳ୍ପଟି ବିକଶିତ ଏବଂ କାର୍ଯ୍ୟକାରୀ କରାଯାଉଛି ।

ଯୋଜନା, କାର୍ଯ୍ୟାନ୍ୱୟନ ଏବଂ ତଦାରଖ ପାଇଁ ପରିଚାଳନା ଗଠନାତ୍ମକ ଢାଞ୍ଚା :

- **କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, କାର୍ଯ୍ୟାନ୍ୱୟନ ବିଭାଗ, ରାଉରକେଲା:-** ପ୍ରକଳ୍ପ ଡେଭଲପର ଏବଂ ସାମଗ୍ରିକ ବୈଷୟିକ ଏବଂ ପ୍ରଶାସନିକ ମୁଖ୍ୟ, ପ୍ରକଳ୍ପ ଯୋଜନା, କାର୍ଯ୍ୟାନ୍ୱୟନ ଏବଂ ଗୁଣବତ୍ତା ନିୟନ୍ତ୍ରଣ ପାଇଁ ଦାୟୀ।
- **ଜିଲ୍ଲା ମାଜିଷ୍ଟ୍ରେଟ୍ ଏବଂ କଲେକ୍ଟର, ସୁନ୍ଦରଗଡ଼:-** ଭୂମି ଅଧିଗ୍ରହଣ, ବିଭାଗ ମଧ୍ୟରେ ସମନ୍ୱୟ ଏବଂ RFCTLARR ଆଇନ, ୨୦୧୩ ସହିତ ଅନୁପାଳନ ସୁନିଶ୍ଚିତ କରିବା ପାଇଁ ନୋଡାଲ୍ କର୍ତ୍ତୃ ପକ୍ଷ
- **ତହସିଲ କାର୍ଯ୍ୟାଳୟ, କୋଇଡା:-** ଭୂମି ଅଧିଗ୍ରହଣ ପ୍ରକ୍ରିୟାକରଣ, ମାଲିକାନା ଯାଞ୍ଚ ଏବଂ ଡକ୍ୟୁମେଣ୍ଟେସନ୍ ପାଇଁ ଦାୟୀ।

## ୧.୯ ପ୍ରକଳ୍ପ ନିର୍ମାଣର ପର୍ଯ୍ୟାୟ

ପ୍ରସ୍ତାବିତ ବାଇପାସ୍ ରାସ୍ତାର ନିର୍ମାଣ କାର୍ଯ୍ୟ କ୍ରମିକ ପର୍ଯ୍ୟାୟରେ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା:

- **ପର୍ଯ୍ୟାୟ ୧ – ସ୍ଥାନ ପ୍ରସ୍ତୁତି:** ଭୂମି ସଫା କରିବା, ପ୍ରତିବନ୍ଧକ ଦୂର କରିବା, ଏବଂ ସ୍ଥାନ ଗ୍ରେଡିଂ।
- **ପର୍ଯ୍ୟାୟ ୨ – ମାଟିକାର୍ଯ୍ୟ ଏବଂ ଉପ-ଭୂମୀ ଗଠନ:** ବନ୍ଧ ବିଛାଇବା, ସଂକୋଚନ ଏବଂ ରାସ୍ତା ଭିତ୍ତିଭୂମି ପ୍ରସ୍ତୁତି।
- **ପର୍ଯ୍ୟାୟ ୩ – ଫୁଟପାଥ୍ ନିର୍ମାଣ**
- **ପର୍ଯ୍ୟାୟ ୪ – ଆନୁଷଙ୍ଗିକ ଗଠନ ସ୍ଥାପନ**: ଡ୍ରେନେଜ୍ ସିଷ୍ଟମ୍, କଲଭର୍ଟ ଏବଂ ସୁରକ୍ଷା କାର୍ଯ୍ୟ ନିର୍ମାଣ।
- **ପର୍ଯ୍ୟାୟ ୫ – ସୁରକ୍ଷା ଏବଂ ସମାପ୍ତି କାର୍ଯ୍ୟ:** ରାସ୍ତା ଚିହ୍ନ ଓ ସାଇନେଜ୍ ଇତ୍ୟାଦି
- **ପର୍ଯ୍ୟାୟ ୬ – ଚୂଡ଼ାନ୍ତ ଯାଞ୍ଚ ଏବଂ ହସ୍ତାନ୍ତର:** ଗୁଣବତ୍ତା ଯାଞ୍ଚ, ତ୍ରୁଟି ସଂଶୋଧନ, ଏବଂ ସରକାରୀ ଭାବରେ ଆରମ୍ଭ ।

## ୧.୧୦ ପକଳ୍ପର ମୁଖ୍ୟ ଡିଜାଇନ୍ ବୈଶିଷ୍ଟ୍ୟ ଏବଂ ସୁବିଧାଗୁଡ଼ିକ

ପ୍ରସ୍ତାବିତ ପ୍ରକଳ୍ପରେ DMF ପାଣ୍ଠି ଅଧୀନରେ ୦/୦୦ କିଲୋମିଟରରୁ ୮/୦୦ କିଲୋମିଟର ପର୍ଯ୍ୟନ୍ତ କୋଇଡା ବାଇପାସ୍ ରାସ୍ତା ନିର୍ମାଣ ଅନ୍ତର୍ଭୁକ୍ତ। ମୁଖ୍ୟ ଡିଜାଇନ୍ ବୈଶିଷ୍ଟ୍ୟଗୁଡ଼ିକ ମଧ୍ୟରେ ଉପଯୁକ୍ତ ସୋଲ୍ଡର୍ ସହିତ ଏକ ଦୁଇ ଲେନ୍ କ୍ୟାରେଜୱେ, ପର୍ଯ୍ୟାପ୍ତ ଡ୍ରେନେଜ୍ ସୁବିଧା, ରାସ୍ତାରେ ଟ୍ରାଫିକର ବିଭିନ୍ନ ଆବଶ୍ୟକୀୟ ଚିହ୍ନ ଓ ଫଳକ ଏବଂ ଆବଶ୍ୟକସ୍ଥଳେ ଗାର୍ଡରେଲ୍ ଏବଂ ପଦଯାତ୍ରୀ କ୍ରସିଂ ଭଳି ସୁରକ୍ଷା ବ୍ୟବସ୍ଥା ଅନ୍ତର୍ଭୁକ୍ତ। ଡିଜାଇନ୍ ଯାନବାହାନ ଚଳାଚଳକୁ ସୁଗମ କରେ, ଦୁର୍ଘଟଣା ବିପଦକୁ ହ୍ରାସ କରେ ଏବଂ ଭାରୀ ଏବଂ ହାଲୁକା ଯାନବାହନ ପାଇଁ ଉପଯୁକ୍ତ ରାସ୍ତା ପରିମାପ ଅନ୍ତର୍ଭୁକ୍ତ କରେ। ମୁଖ୍ୟ ସୁବିଧାଗୁଡ଼ିକରେ କଲଭର୍ଟ, ଆବଶ୍ୟକସ୍ଥଳେ ଛୋଟ ସେତୁ ଏବଂ ବିଦ୍ୟମାନ ରାସ୍ତା ସହିତ ସଂଯୋଗ କରିବା ପାଇଁ ନିର୍ଦ୍ଦିଷ୍ଟ ପ୍ରବେଶ ଏବଂ ପ୍ରସ୍ଥାନ ସ୍ଥାନ ଅନ୍ତର୍ଭୁକ୍ତ ହେବ ।

## ୧.୧୧ ଆନୁଷଙ୍ଗିକ ଭିତ୍ତିଭୂମି ଆବଶ୍ୟକତା

ବାଇପାସର ନିର୍ମାଣ ଏବଂ ଦୀର୍ଘକାଳୀନ କାର୍ଯ୍ୟକୁ ସମର୍ଥନ କରିବା ପାଇଁ ଆନୁଷଙ୍ଗିକ ଭିତ୍ତିଭୂମି ଜରୁରୀ ହେବ। ଏଥିରେ ଅସ୍ଥାୟୀ ସ୍ଥାନ କାର୍ଯ୍ୟାଳୟ, ସାମଗ୍ରୀ ସଂରକ୍ଷଣ ୟାର୍ଡ, ନିର୍ମାଣ ସ୍ଥାନକୁ ପ୍ରବେଶ ରାସ୍ତା ଏବଂ ପାଣି ଏବଂ ବିଦ୍ୟୁତ୍ ଯୋଗାଣ ଭଳି ଉପଯୋଗୀ ସଂଯୋଗ ଅନ୍ତର୍ଭୁକ୍ତ ହେବ। ଅତିରିକ୍ତ ସୁବିଧାରେ ଅସ୍ଥାୟୀ ଶ୍ରମ ଶିବିର (ଯଦି ଆବଶ୍ୟକ ହୁଏ), ନିର୍ମାଣ ଯନ୍ତ୍ରପାତି ପାଇଁ ଯାନବାହାନ ପାର୍କିଂ କ୍ଷେତ୍ର ଏବଂ ବର୍ଜ୍ୟବସ୍ତୁ ନିଷ୍କାସନ ବ୍ୟବସ୍ଥା ଅନ୍ତର୍ଭୁକ୍ତ ହେବ। କାର୍ଯ୍ୟକ୍ଷମ ପର୍ଯ୍ୟାୟରେ, ରକ୍ଷଣାବେକ୍ଷଣ ସୁବିଧା, ଡ୍ରେନେଜ୍ ସିଷ୍ଟମ୍ ଏବଂ ସୁରକ୍ଷା ସ୍ଥାପନ ସହାୟକ ଭିତ୍ତିଭୂମିର ଏକ ଅଂଶ ହେବ।

## ୧.୧୨ କର୍ମଶକ୍ତି ଆବଶ୍ୟକତା

ପ୍ରକଳ୍ପ ପାଇଁ ନିର୍ମାଣର ବିଭିନ୍ନ ପର୍ଯ୍ୟାୟରେ କୁଶଳୀ ଏବଂ ଅଣ-କୁଶଳୀ ଉଭୟ ମାନବଶକ୍ତି ଆବଶ୍ୟକ ହେବ। ଦକ୍ଷ ଶ୍ରମିକଙ୍କ ମଧ୍ୟରେ ଇଞ୍ଜିନିୟର, ସର୍ଭେୟର, ଭାରୀ ଯନ୍ତ୍ରପାତି ଅପରେଟର ଏବଂ ଗୁଣବତ୍ତା ନିୟନ୍ତ୍ରଣ କର୍ମଚାରୀ ଅନ୍ତର୍ଭୁକ୍ତ ହେବେ, ଯେତେବେଳେ ଅଣକୁଶଳୀ ଶ୍ରମିକମାନଙ୍କୁ ହସ୍ତ ଶ୍ରମ, ସ୍ଥାନ କ୍ଲିୟରାନ୍ସ ଏବଂ ସାମଗ୍ରୀ ପରିଚାଳନା ପାଇଁ ନିୟୋଜିତ କରାଯିବ । ଶିଖର ନିର୍ମାଣ କାର୍ଯ୍ୟକଳାପରେ, କର୍ମଶକ୍ତି ୫୦-୭୦ ଜଣ କର୍ମଚାରୀଙ୍କ ମଧ୍ୟରେ ରହିବ ବୋଲି ଆଶା କରାଯାଉଛି । ଜୀବିକା ନିର୍ବାହର ସୁଯୋଗ ସୃଷ୍ଟି କରିବା ପାଇଁ ଯେଉଁଠାରେ ସମ୍ଭବ ସ୍ଥାନୀୟ ଶ୍ରମିକଙ୍କୁ ନିଯୁକ୍ତି ଦେବାକୁ ପ୍ରାଥମିକତା ଦିଆଯିବ ।

## ୧.୧୩ ପୂର୍ବ "ସାମାଜିକ ପ୍ରଭାବ ଆକଳନ କିମ୍ବା ବୈଷୟିକ ସମ୍ଭାବ୍ୟତା ଅଧ୍ୟୟନ

ସଂରକ୍ଷଣ ଚୂଡ଼ାନ୍ତ କରିବା ପୂର୍ବରୁ କାର୍ଯ୍ୟ ବିଭାଗ ଦ୍ୱାରା ପ୍ରାରମ୍ଭିକ ବୈଷୟିକ ମୂଲ୍ୟାଙ୍କନ ଏବଂ ମାର୍ଗ ସଂରକ୍ଷଣ ଅଧ୍ୟୟନ କରାଯାଇଥିଲା । ଏହି ଅଧ୍ୟୟନଗୁଡ଼ିକରେ ବୈଷୟିକ ସମ୍ଭାବ୍ୟତା, ପରିବେଶଗତ ସମ୍ବେଦନଶୀଳତା ଏବଂ ସାମାଜିକ ପ୍ରଭାବକୁ ବିଚାର କରି ବହୁବିଧ ମାର୍ଗ ବିକଳ୍ପଗୁଡ଼ିକର ପରୀକ୍ଷା କରାଯାଇଥିଲା । ଏହି ଆଲାଇନ୍‌ମେଣ୍ଟ ପାଇଁ ପୂର୍ବରୁ କୌଣସି ବିସ୍ତୃତ ସାମାଜିକ ପ୍ରଭାବ ମୂଲ୍ୟାଙ୍କନ (SIA) କରାଯାଇ ନ ଥିଲେ ମଧ, ସମ୍ବନ୍ଧିତ ସମ୍ଭାବ୍ୟତା ଅଧ୍ୟୟନର ତଥ୍ୟଗୁଡ଼ିକୁ ବର୍ତ୍ତମାନର ଏସ.ଆଇ.ଏ.ପ୍ରକ୍ରିୟାରେ ସମିକ୍ଷା କରାଯାଇଛି, ଯାହା ସର୍ବନିମ୍ନ ବିସ୍ଥାପନ ଏବଂ ପରିବେଶଗତ ସମସ୍ୟାକୁ ହ୍ରାସ କରିବା ପାଇଁ ସାହାଯ୍ୟ କରିବ ।

## ୧.୧୪ ପ୍ରକଳ୍ପ ସମ୍ବନ୍ଧରେ ଯଦି ପୂର୍ବରୁ କୌଣସି ସାମାଜିକ ଓ ଅର୍ଥନୈତିକ ପ୍ରଭାବ ଆକଳନ ଅଧ୍ୟୟନ ହୋଇଥାଏ, ତେବେ ତାହାର ବିବରଣୀ

ପ୍ରକଳ୍ପ ସମ୍ବନ୍ଧରେ ପୂର୍ବରୁ କୌଣସି ସାମାଜିକ ଓ ଅର୍ଥନୈତିକ ପ୍ରଭାବ ଆକଳନ ଅଧ୍ୟୟନ କରାଯାଇ ନାହିଁ ଏବଂ ବୈଷୟିକ ସମ୍ଭାବ୍ୟତା ରିପୋର୍ଟ ଉପଲବ୍ଧ ନାହିଁ |

## ୧.୧୫ ପ୍ରଯୁଜ୍ୟ ଆଇନଗତ ନିୟମ ଏବଂ ନୀତି

ପ୍ରସ୍ତାବିତ ପ୍ରକଳ୍ପ ପରି ଏକ ଭିତ୍ତିଭୂମି ନିର୍ମାଣ ନିମନ୍ତେ ଜମି ଅଧିଗ୍ରହଣ ଏକାନ୍ତ ଆବଶ୍ୟକ | ଏଥିପାଇଁ ଜମି ହରାଉଥିବା ଏବଂ ବିସ୍ଥାପିତ ପରିବାରଗୁଡିକ ପ୍ରତିକୂଳ ଜୀବିକା ଏବଂ ସ୍ଥାନାନ୍ତର ଶିକାର ହେଉଛନ୍ତି। ଆର.ଏଫ.ସି.ଟି.ଏଲ.ଏ.ଆର.ଆର. (RTFCTLARR) ଅଧିନିୟମ, ୨୦୧୩ ରେ ଧାର୍ଯ୍ୟ କରାଯାଇଛି ଯେ

ପ୍ରଭାବିତ ବ୍ୟକ୍ତିମାନଙ୍କୁ ଏତେ ସୁରକ୍ଷିତ କରାଯିବା ଉଚିତ ଯେ ପ୍ରକଳ୍ପ ପରବର୍ତ୍ତୀ କାର୍ଯ୍ୟାନ୍ୱୟନ ଅବଧିରେ ସେମାନଙ୍କର ଅଧିକାର ପ୍ରକଳ୍ପ କାର୍ଯ୍ୟକାରୀ ହେବା ପୂର୍ବରୁ ଯାହା ଥିଲା ତାହାଠାରୁ କମ୍ ହେବ ନାହିଁ । ଏହି ଉଦ୍ଦେଶ୍ୟକୁ ଦୃଷ୍ଟିରେ ରଖି ଏକ "ସାମାଜିକ ପ୍ରଭାବ ନିର୍ଦ୍ଧାରଣ" ଅଧ୍ୟୟନ କରାଯାଇଥିଲା | ସରକାରଙ୍କ ଦ୍ୱାରା ଜମି ଅଧିଗ୍ରହଣ ଦେଶର ନିମ୍ନଲିଖିତ ନିୟମ ଏବଂ ନିୟମାବଳୀ ଦ୍ୱାରା ପରିଚାଳିତ|

**ଜମି ଅଧିଗ୍ରହଣ, ପୁନର୍ବାସ ଏବଂ ପୁନଃଥଇଥାନ ଆଇନ,୨୦୧୩ (RTFCTLAR, ୨୦୧୩) ଦ୍ୱାରା ନ୍ୟାୟଯୁକ୍ତ କ୍ଷତିପୂରଣ ଏବଂ ସ୍ୱଚ୍ଛତା ଅଧିକାର :**

୧୮୯୪ ର ପୂର୍ବ ଜମି ଅଧିଗ୍ରହଣ ଅଧିନିୟମକୁ ବଦଳାଇ ଏହି ନିୟମ ଜାନୁୟାରୀ ୧, ୨୦୧୪ ରେ ଲାଗୁ ହୋଇଥିଲା। ଶିଳ୍ପାୟନ, ଅତ୍ୟାବଶ୍ୟକ ଭିତ୍ତିଭୂମି ସୁବିଧା ତଥା ସହରୀକରଣ ପାଇଁ ଜାମ୍ମୁ ଓ କାଶ୍ମୀର ରାଜ୍ୟ ବ୍ୟତୀତ କେନ୍ଦ୍ର ତଥା ସମସ୍ତ ରାଜ୍ୟ ସରକାରଙ୍କ ଦ୍ୱାରା ଜମି ଅଧିଗ୍ରହଣକୁ ନିୟନ୍ତ୍ରଣ କରିବା ପାଇଁ ଏହି ଆଇନ ପ୍ରସ୍ତୁତ କରାଯାଇଛି। ଏହି ଆଇନରେ ପ୍ରଭାବିତ ବ୍ୟକ୍ତିଙ୍କୁ କ୍ଷତିପୂରଣ ପ୍ରଦାନ ଏବଂ ସେମାନଙ୍କର ପୁନର୍ବାସ ଏବଂ ପୁନଃ ଥାଇଥାନର ନିୟମ ମଧ୍ୟ ରହିଛି।

ଅଧିନିୟମର ଧାରା ନିମ୍ନରେ ଦର୍ଶାଯାଇଛି |

- ଜମି ଅଧିଗ୍ରହଣ ହେତୁ ଜମି ହରାଉଥିବା ଲୋକଙ୍କୁ ଉଚିତ କ୍ଷତିପୂରଣ ପ୍ରଦାନ କରାଯିବ।
- ଜମି ଅଧିଗ୍ରହଣ ପ୍ରକ୍ରିୟା ସ୍ୱଚ୍ଛ ହେବା ଉଚିତ୍ |
- ଜମି ଅଧିଗ୍ରହଣ ହେତୁ ବିସ୍ଥାପିତ ହୋଇଥିବା ବ୍ୟକ୍ତିଙ୍କ ପୁନଃଥଇଥାନ ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା କରାଯିବା ଆବଶ୍ୟକ।
- ପ୍ରକଳ୍ପ ପ୍ରଭାବିତ ପରିବାର ପାଇଁ ସୃଷ୍ଟି ହୋଇଥିବା ବିଶୃଙ୍ଖଳା ଯେପରି କମ୍ ହେବ ସେହି ଦିଗରେ ଧ୍ୟାନ ଦେବା ଉଚିତ |
- ଜମି ଅଧିଗ୍ରହଣ ପ୍ରକ୍ରିୟାରେ ଗ୍ରାମ-ସଭା ସମେତ ସ୍ଥାନୀୟ ସ୍ୱୟଂ ଚଳିତ ସଂସ୍ଥା ମାନଙ୍କର ପରାମର୍ଶ ନିଆଯିବ।
- ପ୍ରଶମନ ଯୋଜନାକୁ ଏପରି ଭାବରେ ପ୍ରସ୍ତୁତ କରାଯିବା ଉଚିତ ଯେ ପ୍ରଭାବିତ ବ୍ୟକ୍ତିମାନେ ଏହି ଅଞ୍ଚଳର ଅଧିଗ୍ରହଣ ପରବର୍ତ୍ତୀ ବିକାଶ ପ୍ରକ୍ରିୟାରେ ଅଂଶୀଦାର ହୋଇପାରିବେ |
- ପବ୍ଲିକ୍ ପ୍ରାଇଭେଟ ପାର୍ଟନରସିପ୍ (ପିପିପି) |

**ଅଧ୍ୟାୟ – ୨**

# ସାମାଜିକ ଓ ଅର୍ଥନୈତିକ ପ୍ରଭାବ ଆକଳନ ଅଧ୍ୟୟନ ଦଳ ଗଠନ ଏବଂ ଅଧ୍ୟୟନର ମାର୍ଗ ଓ ପଦ୍ଧତି

## ୨.୧ ଉପକ୍ରମ

ଏହି ଅଧ୍ୟାୟଟିରେ ସାମାଜିକ ପ୍ରଭାବ ଆକଳନ କରିବା ପାଇଁ ଗ୍ରହଣ କରାଯାଇଥିବା ପଦ୍ଧତି ବର୍ଣ୍ଣନା କରାଯାଇଛି | ସାମାଜିକ ପ୍ରଭାବ ଆକଳନର ଉଦ୍ଦେଶ୍ୟ ହେଉଛି ଯେ ଏକ ପ୍ରସ୍ତାବିତ ପ୍ରକଳ୍ପରେ ଆଗ୍ରହୀ ଥିବା ସମସ୍ତ ହିତାଧିକାରୀ ଏବଂ ନିକଟବର୍ତ୍ତୀ ସାଧାରଣ ଜନତାଙ୍କ ସମେତ ଚିହ୍ନଟ କରାଯିବା ଏବଂ ପ୍ରକଳ୍ପ ଯୋଜନା, ଡିଜାଇନ୍, ନିର୍ମାଣ କାର୍ଯ୍ୟ ପର୍ଯ୍ୟାୟରେ ସେମାନଙ୍କ ମତାମତକୁ ବିଚାର କରାଯିବ |

ପ୍ରକଳ୍ପର ନିର୍ମାଣ କ୍ଷେତ୍ରରେ ଏକ ପୃଷ୍ଠଭୂମି ଉପସ୍ଥାପନ କରିବାକୁ ସାମାଜିକ-ଅର୍ଥନୈତିକ ତଥ୍ୟର ବିସ୍ତୃତ ବିଶ୍ଳେଷଣ କରିବା ଉଦ୍ଦେଶ୍ୟରେ ଏସ.ଆଇ.ଏ. ଦଳ ମାଧ୍ୟମିକ ଏବଂ ପ୍ରାଥମିକ ତଥ୍ୟ ସଂଗ୍ରହ କରି ବିଶ୍ଳେଷଣ କରିଥିଲେ | ଦୁଇଟି ଉତ୍ସରୁ ତଥ୍ୟ ବ୍ୟବହାର କରିବା ଦ୍ୱାରା ତଥ୍ୟ ବିଶ୍ଳେଷଣ ଏବଂ ପ୍ରଭାବର ପରିମାଣର ସଠିକ୍ ଚିହ୍ନଟ ହୋଇପାରିଥାଏ | ପରବର୍ତ୍ତୀ ସମୟରେ, ଦ୍ୱିତୀୟ ଉତ୍ସରୁ ସଂଗୃହିତ ଏକ ଅଣୁ ସ୍ତରୀୟ ସୂଚନା ମିଳିଥାଏ ଏବଂ ଶେଷରେ, ସର୍ବେକ୍ଷଣ, ପରାମର୍ଶ ଓ ସାକ୍ଷାତକାର ମାଧ୍ୟମରେ ସଂଗୃହିତ ପ୍ରାଥମିକ ତଥ୍ୟ ଉପସ୍ଥାପିତ ହୁଏ |

## ୨.୨ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଦଳ

ସାମାଜିକ ପ୍ରଭାବ ମୂଲ୍ୟ ନିର୍ଦ୍ଧାରଣ ଅଧ୍ୟୟନ, କ୍ଷେତ୍ର ସ୍ତରରେ ସଂଗୃହିତ ପ୍ରତ୍ୟକ୍ଷ ତଥ୍ୟ ଉପରେ ଆଧାରିତ, ଯଦିଓ ବେଳେବେଳେ ପରୋକ୍ଷ ତଥ୍ୟ ବ୍ୟବହାର କରିବାକୁ ପଡିଥାଏ I ଏଥିପାଇଁ ସର୍ଭେ କାର୍ଯ୍ୟସୂଚୀ ମାଧ୍ୟମରେ ପରିବାର ସମ୍ବନ୍ଧୀୟ ତଥ୍ୟ ସଂଗୃହିତ ହୋଇଥିଲା ଓ ବିଶ୍ଳେଷଣ ପାଇଁ ପ୍ରକ୍ରିୟାକରଣ କରାଯାଇଥିଲା | ଉତ୍ତମ ସର୍ଭେ ପ୍ରଶ୍ନାବଳି ପ୍ରସ୍ତୁତ କରାଯାଇ ଘରୋଇ ତଥ୍ୟ ସଂଗ୍ରହ କରାଯାଇଥିଲା ଏବଂ ବିଶ୍ଳେଷଣ ପାଇଁ ପ୍ରକ୍ରିୟାକରଣ କରାଯାଇଥିଲା | ଏହି ଉଦ୍ଦେଶ୍ୟରେ ସାମାଜିକ-ଅର୍ଥନୈତିକ ଅଧ୍ୟୟନରେ ପୂର୍ବ ଅଭିଜ୍ଞତା ଥିବା ପେଶାଦାର ବିଶେଷଜ୍ଞ ମାନଙ୍କୁ ନେଇ ଏକ ଅଧ୍ୟୟନ ଦଳ (ସାରଣୀ-୨.୧) ଗଠନ କରାଯାଇଥିଲା |

**ସାରଣୀ - ୨.୧ : ସାମାଜିକ ପ୍ରଭାବ ନିର୍ଦ୍ଧାରଣ ଦଳର ସଭ୍ୟ ମାନଙ୍କର ବିବରଣୀ**

| କ୍ର. ସଂ. | ପଦବୀ | ନାମ | ଶିକ୍ଷାଗତ ଯୋଗ୍ୟତା | ଦାୟିତ୍ୱ |
|---|---|---|---|---|
| ୧ | ପ୍ରକଳ୍ପ ନିର୍ଦ୍ଦେଶକ / ଦଳର ମୁଖ୍ୟ / ପରାମର୍ଶଦାତା | ଡକ୍ଟର ଅମୀୟ କୁମାର ବେହେରା | ଏମ୍. ଟେକ୍ , ପି.ଏଚ.ଡି. (ମ୍ୟାନେଜମେଣ୍ଟ) | କାର୍ଯ୍ୟ ସଂଯୋଜନା, ପରୋକ୍ଷ ତଥ୍ୟ ସଂଗ୍ରହ, ଭାଗିଦାରୀ ମାନଙ୍କ ସହିତ ଆଲୋଚନା, ସୂଚନା ବକ୍ଷ ଓ ରିପୋର୍ଟ ପ୍ରସ୍ତୁତି |
| ୨ | ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ | ଶ୍ରୀ ବିଦ୍ୟାଧର ମହାରଣା | ଏମ୍.ଏସ୍.ସି (ଏଜି) | ପ୍ରସ୍ତୁତି ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ କାର୍ଯ୍ୟ ପ୍ରକ୍ରିୟାରେ ସାହାଯ୍ୟ, ତଥ୍ୟ ସଂଗ୍ରହ ପାଇଁ ପ୍ରଶ୍ନବଳୀ ପରିକଳ୍ପନା, ଓ ସେମାନଙ୍କ କ୍ଷେତ୍ର ପରୀକ୍ଷଣ, ଗ୍ରାମ ମାନଙ୍କରେ କେନ୍ଦ୍ରୀଭୂତ ଗୋଷ୍ଠୀ ଆଲୋଚନା / ପି, ଆର. ଏ. ପରିଚାଳନା ଏବଂ ତଥ୍ୟ ବୈଧକରଣ |
| ୩ | ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ | ଇଂ ପ୍ରଦୀପ କୁମାର ପାଇକରାୟ | ଏମ୍. ଟେକ | |
| ୪ | ସୁପର ଭାଇଜର / କ୍ଷେତ୍ର ସଂଯୋଜକ | ଶ୍ରୀ ସତ୍ୟବ୍ରତ ବେହେରା | ଏମ୍.ଏସ୍.ସି. | କ୍ଷେତ୍ରୀୟ କାର୍ଯ୍ୟ ସଂଯୋଜନା ଏଫ୍. ଜି. ଡି. ତଥ୍ୟ, ବୈଧକରଣ ଓ ରିପୋର୍ଟ ପ୍ରସ୍ତୁତିରେ ସାହାଯ୍ୟ |
| | | ଶ୍ରୀ ସନ୍ତୋଷ କୁମାର ପ୍ରଧାନ | ବି.ଏ. | |
| ୫ | କ୍ଷେତ୍ର ଅନୁସନ୍ଧାନକାରୀ | ଶ୍ରୀ ରମାକାନ୍ତ ମିଶ୍ର | ବି.ଏ. | କ୍ଷେତ୍ରୀୟ ତଥ୍ୟ ସଂଗ୍ରହ, କେନ୍ଦ୍ରୀଭୂତ ଗୋଷ୍ଠୀ ଆଲୋଚନା / ପି. ଆର.ଏ. ଆୟୋଜନ, ଭାଗିଦାରୀଙ୍କ ସହ ଆଲୋଚନା ଓ ପରାମର୍ଶ |
| ୮ | କ୍ଷେତ୍ର ଅନୁସନ୍ଧାନକାରୀ | ଅଙ୍କିତା ଭବାନୀ | ଏମ୍. କମ | |
| ୯ | କମ୍ପ୍ୟୁଟର ଅପରେଟର | ମୋନାଲି ମନିଦୀପା ଦାସ | ଏମ୍. କମ | ତଥ୍ୟ ପ୍ରବେଶ ଓ ବିଶ୍ଳେଷଣ, ରିପୋର୍ଟ ଟାଇପିଙ୍ଗ |
| ୧୦ | କମ୍ପ୍ୟୁଟର ଅପରେଟର ଓ ତଥ୍ୟ ବିଶ୍ଳେଷଣକାରୀ | ଶ୍ରୀ ଭୂଦେବ ପଟ୍ଟନାୟକ | ବି.ଏ. | |

ପ୍ରସ୍ତାବିତ "କୋଇଡା ବାଇପାସ ରାସ୍ତା" ପ୍ରକଳ୍ପ ନିର୍ମାଣ ପାଇଁ ଜମି ଅଧିଗ୍ରହଣକୁ ନେଇ ସାମାଜିକ ପ୍ରଭାବ ଆକଳନ କରିବାକୁ ସୁନ୍ଦରଗଡ଼ ଜିଲ୍ଲାର କୋଇଡା ତହସିଲର କୋଇଡା ଗ୍ରାମରେ ଅଧ୍ୟୟନ କରାଯାଇଥିଲା I ଏହି ବିକାଶମୂଳକ କାର୍ଯ୍ୟକଳାପର ସାମାଜିକ, ସାଂସ୍କୃତିକ, ଅର୍ଥନୈତିକ ଏବଂ ସ୍ୱାସ୍ଥ୍ୟ ଉପରେ ହେଉଥିବା ପ୍ରଭାବ ଉପରେ ଏସ. ଆଇ.ଏ ଟିମ୍ ଆକଳନ କରିଛି ଯାହା ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବରେ ସାମାଜିକ ଗତିଶୀଳତା ଉପରେ ଧ୍ୟାନ ଦେଇ ପ୍ରଭାବିତ ଲୋକଙ୍କ ଜୀବନ ଅବସ୍ଥାକୁ ପ୍ରଭାବିତ କରିବ । ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ସମୟରେ ଉଭୟ ଗୁଣାତ୍ମକ ଏବଂ ପରିମାଣିକ ତଥ୍ୟ ଆକଳନ କରିବାକୁ ମିଶ୍ରିତ ପଦ୍ଧତି ଅନୁସରଣ କରାଯାଇଥିଲା |

## ୨.୩ ସାମାଜିକ ପ୍ରଭାବ ଆକଳନ କରିବା ନିମନ୍ତେ ତଥ୍ୟ ସଂଗ୍ରହ ପାଇଁ ବ୍ୟବହୃତ ମାର୍ଗ ଓ ପଦ୍ଧତି

### ୨.୩.୧ ମାର୍ଗ:

ସାମାଜିକ ପ୍ରଭାବ ମୂଲ୍ୟାୟନରେ ବର୍ତ୍ତମାନର ପରିସ୍ଥିତି ବିଷୟରେ ଜ୍ଞାନ ଅନ୍ତର୍ଭୁକ୍ତ ହେବା ସହିତ ପ୍ରସ୍ତାବିତ ପ୍ରକଳ୍ପର କାର୍ଯ୍ୟକାରିତା ଦ୍ୱାରା ପରିବର୍ତ୍ତନ ହେବାର ସମ୍ଭାବନା ରହିଛି | ଯେହେତୁ ଏହି ପ୍ରକଳ୍ପର କାର୍ଯ୍ୟକାରିତା ଜମି ଅଧିଗ୍ରହଣ ଏବଂ ଲୋକଙ୍କ ବିସ୍ଥାପନ ସହିତ ଜଡିତ ଅଛି, ଏଣୁ ଏଥିପାଇଁ ଏକ ପୁନର୍ବାସ ଯୋଜନାର ଆବଶ୍ୟକତା ରହିଛି | ଏହି ଅଧ୍ୟୟନଟି ଉଭୟ ପରୋକ୍ଷ ଓ ପ୍ରତ୍ୟକ୍ଷ ତଥ୍ୟାବଳୀ ଉପରେ ଆଧାରିତ I ତଥ୍ୟାବଳୀ ଗୁଡିକ ଜନଗଣନା ସର୍ଭେ,

ଗୋଷ୍ଠୀ ସମ୍ପ୍ରଦାୟ ସ୍ତରୀୟ ସର୍ବେକ୍ଷଣ, ସର୍ବସାଧାରଣ ଅଂଶୀଦାର ପଦ୍ଧତି ଓ ଡେସ୍କଟପ ବ୍ୟବହାର କରାଯାଇ ପ୍ରସ୍ତୁତ କରାଯାଇଛି । କ୍ଷେତ୍ର ସ୍ତରରେ ଅନୁସନ୍ଧାନକୁ ବିଧିମାନ୍ୟ କରିବାରେ ପରୋକ୍ଷ ତଥ୍ୟ (secondary data) ସହାୟକ ହୋଇଥିଲା |

ଅଧ୍ୟୟନରେ ନିମ୍ନଲିଖିତ ସୂଚନା ପ୍ରଦାନ କରାଯାଇଛି

- ପ୍ରକଳ୍ପ ଅଂଚଳର ସାମାଜିକ ଓ ଅର୍ଥନୈତିକ ସମ୍ବନ୍ଧୀୟ ଭିତ୍ତିରେଖା ତଥ୍ୟ
- ପ୍ରକଳ୍ପର ସମ୍ଭାବ୍ୟ ପ୍ରଭାବ
- ସକରାତ୍ମକ ତଥା ନକାରାତ୍ମକ ଭାବରେ ପ୍ରଭାବିତ ଗୋଷ୍ଠୀଗୁଡିକ ବିଷୟରେ ତଥ୍ୟ
- ପ୍ରକଳ୍ପ ଏବଂ ଏହାର ପ୍ରଭାବ ବିଷୟରେ ପ୍ରଭାବିତ ଲୋକଙ୍କ ଧାରଣା
- କୁପ୍ରଭାବକୁ କମ୍ କରିବାକୁ ସମ୍ଭାବ୍ୟ ପଦକ୍ଷେପ; ଏବଂ
- ପ୍ରକଳ୍ପ ପ୍ରଭାବ ହ୍ରାସ ନିମନ୍ତେ ପଦକ୍ଷେପ କାର୍ଯ୍ୟକାରୀ କରିବାକୁ ଅନୁଷ୍ଠାନିକ କ୍ଷମତା |

### ୨.୩.୨ ପଦ୍ଧତି

ପଦ୍ଧତିର ସୋପାନ ଗୁଡିକ ନିମ୍ନ ପ୍ରଦତ୍ତ ଚିତ୍ରରେ ଦର୍ଶାଇ ଦିଆଯାଇଛି |




ଚିତ୍ର - ୨.୧ : ଅଧ୍ୟୟନର ମାର୍ଗ ଓ ପଦ୍ଧତିର ସୋପାନ

## ୨.୪ ବ୍ୟବହୃତ କାର୍ଯ୍ୟ ପଦ୍ଧତିର ନମୁନା

### ୨.୪.୧ ସାମାଜିକ-ଅର୍ଥନୈତିକପ୍ରଭାବ ଆକଳନ ସମ୍ବନ୍ଧୀୟ ତଥ୍ୟ ସଂଗ୍ରହ

କ୍ଷେତ୍ର ସର୍ବେକ୍ଷଣ ପାଇଁ ନିମ୍ନଲିଖିତ ଚାରୋଟି ସେଟ୍ ପ୍ରଶ୍ନପତ୍ର ପ୍ରସ୍ତୁତ କରାଯାଇ ଏହାର ଅନୁମୋଦନ ପାଇଁ ଏନ.ସି.ଡ଼ି.ଏସ. ଅଫିସରେ ଦାଖଲ କରାଯାଇଥିଲା |

(କ) ପରିବାର ସମ୍ବନ୍ଧୀୟ ତଥ୍ୟ ପାଇଁ ପ୍ରଶ୍ନପତ୍ର

(ଖ) ଫର୍ମାଟ-୧: ସାଧାରଣ ଭିତ୍ତିଭୂମି ଉପରେ ତଥ୍ୟ ସଂଗ୍ରହ ନିମନ୍ତେ

(ଗ) ଫର୍ମାଟ-୨: ସାମାଜିକ-ଅର୍ଥନୈତିକ ଏବଂ ସାଂସ୍କୃତିକଭିତ୍ତିଭୂମି ବିଷୟରେ ତଥ୍ୟ ସଂଗ୍ରହ ନିମନ୍ତେ

(ଘ) ଫର୍ମାଟ-୩: କେନ୍ଦ୍ରୀଭୂତ ଗୋଷ୍ଠୀ ଆଲୋଚନାରୁ ମିଳିଥିବା ତଥ୍ୟ ନିମନ୍ତେ

ସୁନ୍ଦରଗଡ଼ ଜିଲ୍ଲାର କୋଇଡା ଗ୍ରାମର ପ୍ରକଳ୍ପ ପ୍ରଭାବିତ ମୋଟ ୬ ଟି ପ୍ରଭାବିତ ପରିବାରଙ୍କୁ (୨୭ ସଦସ୍ୟ) ସର୍ବେକ୍ଷଣ ଅନ୍ତର୍ଭୁକ୍ତକରାଯାଇଥିଲା I ଏହା ବ୍ୟତୀତ ଜମି ହରାଉ ନ ଥିବା ୧୦ ପରିବାରଙ୍କୁ (ମୋଟ ୩୭ ସଦସ୍ୟ) ନମୁନା ସର୍ଭେ କରାଯାଇ ତଥ୍ୟ ସଂଗ୍ରହ କରାଯାଇଥିଲା I

ପ୍ରଚଳିତ ଆଇନ ଅନୁସାରେ ପୁନର୍ବାସ, ଥଇଥାନ ଓ କ୍ଷତିପୂରଣ ଉପରେ ପ୍ରକଳ୍ପ ପ୍ରଭାବିତ ଲୋକମାନଙ୍କର ପ୍ରତିକ୍ରିୟା ଜାଣିବା ପାଇଁ ଉଦ୍ୟମ କରାଯାଇଥିଲା I ପ୍ରଭାବିତ ପରିବାର ଗୁଡିକର ସର୍ବେକ୍ଷଣ ସହିତ, ଉତ୍ସ ମ୍ୟାପିଂ, କେନ୍ଦ୍ରୀଭୂତ ଗୋଷ୍ଠୀ ଆଲୋଚନା, କି ଇନଫର୍ମାନ୍ସ ଇଣ୍ଟରଭ୍ୟୁ (KII), ଏବଂ ସେମି ଷ୍ଟ୍ରକଚର୍ଡ଼ ଇଣ୍ଟରଭ୍ୟୁ (SSI) ଭଳି ଭାଗିଦାରୀ ଗ୍ରାମୀଣ ମୂଲ୍ୟାଙ୍କନ (ପି.ଆର.ଏ.) କୌଶଳ ମଧ୍ୟ ବ୍ୟବହାର କରାଯାଇଥିଲା |

### ୨.୪.୨ ତଥ୍ୟ ସଂଗ୍ରହ ପାଇଁ ଉପକରଣ

ତଥ୍ୟ ସଂଗ୍ରହର ଆରମ୍ଭ ପୂର୍ବରୁ ସର୍ଭେ ଦଳ (କ୍ଷେତ୍ର ଅନୁସନ୍ଧାନକାରୀ) ର ଚୟନ ଏବଂ ଆଭିମୁଖ୍ୟ ତାଲିମ ଦ୍ୱାରା କରାଯାଇଥିଲା | ଅଧ୍ୟୟନର ଉଦ୍ଦେଶ୍ୟ, ସମାଧାନ ହେବାକୁ ଥିବା ସମସ୍ୟା ଏବଂ ଅଧ୍ୟୟନର ସମୟ ସୀମା ବିଷୟରେ ଦଳର ସଦସ୍ୟମାନଙ୍କୁ ଅବଗତ କରାଯାଇଥିଲା I ଅଧ୍ୟୟନର ନିମ୍ନଲିଖିତ ଗୁରୁତ୍ୱପୂର୍ଣ୍ଣ ଦିଗଗୁଡିକୁ ଦେଖିବା ପାଇଁ ଦଳର ସଦସ୍ୟମାନଙ୍କୁ ଅବଗତ କରାଯାଇଥିଲା I

- **ସର୍ଭେ ଏବଂ ପ୍ରଶ୍ନପତ୍ର: ପ୍ରକଳ୍ପ ଦ୍ୱାରା ପ୍ରଭାବିତ ବ୍ୟକ୍ତି କିମ୍ବା ସମ୍ପ୍ରଦାୟର ପରିମାଣିକ ତଥ୍ୟ ସଂଗ୍ରହ କରିବାକୁ ସଂରଚନା ସର୍ବେକ୍ଷଣ କିମ୍ବା ପ୍ରଶ୍ନପତ୍ର ଡିଜାଇନ୍ କରାଯାଇଥିଲା |**
- **ସାକ୍ଷାତକାର:** ପ୍ରକଳ୍ପ ହିତାଧିକାରୀ, ସ୍ଥାନୀୟ ନେତା, ସରକାରୀ କର୍ମଚାରୀ ଏବଂ ବିଶେଷଜ୍ଞଙ୍କ ସହିତ ହିତାଧିକାରୀମାନଙ୍କ ସହିତ ଗୁଣାତ୍ମକ ସାକ୍ଷାତକାର ଆୟୋଜନ କରାଯାଇଥିଲା | ଏହି ସାକ୍ଷାତକାର ଗୁଡ଼ିକ ପ୍ରକଳ୍ପର ସାମାଜିକ ପ୍ରଭାବ ଉପରେ ଗଭୀର ଅନ୍ତର୍ନିହିତସୂଚନା ପ୍ରଦାନ କରେ |
- **କେନ୍ଦ୍ରୀଭୂତ ଗୋଷ୍ଠୀ ଆଲୋଚନା (FGDs):** ପ୍ରକଳ୍ପର ସମ୍ଭାବ୍ୟ ପ୍ରଭାବ, କ୍ଷତିପୂରଣ ପ୍ୟାକେଜ୍ ସମେତ ସମ୍ପତ୍ତି ଏବଂ ଭିତ୍ତିଭୂମି କ୍ଷତି ଇତ୍ୟାଦି ବିଷୟରେ ପ୍ରକଳ୍ପ-ପ୍ରଭାବିତ ଏବଂ ଅଣ-ପ୍ରଭାବିତ ପରିବାର ସଦସ୍ୟମାନଙ୍କର ପ୍ରତିକ୍ରିୟା ଜାଣିବା ପାଇଁ ପାଇଁ କେନ୍ଦ୍ରୀଭୂତ ଗୋଷ୍ଠୀ ଆଲୋଚନା (FGDs) ଆୟୋଜନ

କରାଯାଇଥିଲା | ପ୍ରମୁଖ ସୂଚନାଦାତା, ସମ୍ପୃକ୍ତ ସରକାରୀ ବିଭାଗର କ୍ଷେତ୍ର ସ୍ତରର କାର୍ଯ୍ୟକର୍ତ୍ତା ମାନଙ୍କର ସାକ୍ଷାତକାର ମାଧ୍ୟମରେ ମଧ୍ୟ ତଥ୍ୟ ସଂଗ୍ରହ କରାଯାଇଥିଲା |

- **ଦସ୍ତାବିଜ୍ ସମୀକ୍ଷା:** ସମ୍ଭାବ୍ୟ ସାମାଜିକ ପ୍ରଭାବକୁ ବୁଝିବା ପାଇଁ ପ୍ରୋଜେକ୍ଟ ରିପୋର୍ଟ, ପରିବେଶ ପ୍ରଭାବ ଆକଳନ, ସାମ୍ପ୍ରଦାୟିକ ରୂପରେଖ ଏବଂ ସରକାରୀ ରେକର୍ଡ ପରି ବିଦ୍ୟମାନ ଦଲିଲଗୁଡ଼ିକୁ ବିଶ୍ଳେଷଣ କରାଯାଇଥିଲା |
- **ମ୍ୟାପିଂ ଏବଂ ଭୌଗୋଳିକ ସୂଚନା ପ୍ରଣାଳୀ (ଜି.ଆଇ.ଏସ):** ପ୍ରକଳ୍ପ କ୍ଷେତ୍ର, ଜନସଂଖ୍ୟା, ଏବଂ ଉତ୍ସଗୁଡ଼ିକୁ ମାନଚିତ୍ର ଦ୍ଵାରା ପ୍ରକାଶ କରିବା ପାଇଁ ଜି.ଆଇ.ଏସ ଟେକ୍ନୋଲୋଜି ବ୍ୟବହୃତ ହୋଇଥିଲା | ସ୍ଥାନିକ ବିଶ୍ଳେଷଣ ସାମାଜିକ ପ୍ରଭାବଗୁଡିକୁ ଏବଂ ଅସୁରକ୍ଷିତ ଜନସଂଖ୍ୟା ଚିହ୍ନଟ କରିବାରେ ଏହା ସାହାଯ୍ୟ ହୋଇଥିଲା |
- **ମୁଖ୍ୟ ସୂଚନାଦାତା ସାକ୍ଷାତକାର:** ପ୍ରକଳ୍ପର ସାମାଜିକ ଓ ଅର୍ଥନୈତିକ ପ୍ରଭାବ ଉପରେ ବିଶେଷ ଜ୍ଞାନ କିମ୍ବା ଅନନ୍ୟ ଦୃଷ୍ଟିକୋଣ ଧାରଣ କରିଥିବା କେତେକ ମୁଖ୍ୟ ସୂଚନା ପ୍ରଦାନକାରୀ, ଯେପରିକି ସମ୍ପ୍ରଦାୟୀକ ନେତା, ଏନ.ଜି.ଓ, କିମ୍ବା ଶିକ୍ଷାବିତ୍ ମାନଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ସହିତ ସାକ୍ଷାତକାର ଆୟୋଜନ କରାଯାଇଥିଲା l
- **ଅଂଶଗ୍ରହଣ ପଦ୍ଧତି:** ହିତାଧିକାରୀ ମାନଙ୍କ ସାମାଜିକ ଜୀବନ ଅବସ୍ଥା, ସମସ୍ୟା ଏବଂ ସୁଯୋଗ ଚିହ୍ନଟ ଏବଂ ମୂଲ୍ୟାଙ୍କନ କରିବା ପାଇଁ ଅଂଶଗ୍ରହଣକାରୀ ଗ୍ରାମୀଣ ମୂଲ୍ୟାଙ୍କନ (PRA) ପଦ୍ଧତି ଅନୁସରଣ କରାଯାଇଥିଲା |

## ୨.୫ ବ୍ୟବହୃତ ସୂଚନା କିମ୍ବା ତଥ୍ୟ ଉତ୍ସଗୁଡ଼ିକର ସମୀକ୍ଷା

ଅଧ୍ୟୟନ ପାଇଁ ବ୍ୟବହୃତ ଢାଞ୍ଚା, ଉପକରଣ ଏବଂ ପଦ୍ଧତିଗୁଡିକ ଉପରେ ଆଗରୁ ବର୍ଣ୍ଣନା କରାଯାଇଛି ଏବଂ କାର୍ଯ୍ୟଗୁଡ଼ିକ ସହିତ ସେଗୁଡ଼ିକ ଠିକ ଭାବରେ ମେଳ ଖାଉଥିବା ଦେଖା ଯାଇଥିଲା | କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ଦିଗରେ କ୍ଷେତ୍ର ସ୍ତରରେ କେତେକ ସମସ୍ୟା ଦେଖା ଦେଇଥିଲା | ଏହି ସମସ୍ୟାର ସମାଧାନ ପାଇଁ ଅଧ୍ୟୟନ ଦଳ ଦ୍ଵାରା ସ୍ଵତନ୍ତ୍ର ଉଦ୍ୟମ କରାଯାଇଥିଲା; କିନ୍ତୁ ତଥାପି କିଛି ସମାଧାନର ଆଶା ଅସମ୍ପୂର୍ଣ୍ଣ ରହିଥିଲା | ଅଧ୍ୟୟନର ସୀମା ଗୁଡିକ ନିମ୍ନରେ ଦର୍ଶାଯାଇଛି l

- ଓଡିଶା ସରକାରଙ୍କ ରେଭେନ୍ୟୁ ବିଭାଗର ବିଜ୍ଞପ୍ତିରେ ଦର୍ଶାଯାଇଥିବା କେତେକ ଖାତା ଓ ପ୍ଲଟ ନମ୍ବର ଅନୁଯାୟୀ ଜମି ପଟ୍ଟା ଗୁଡିକ ବହୁ ବର୍ଷ ତଳର ପୁରୁଣା ହୋଇଥିବାରୁ ସେହି ଜମି ମାଲିକ ମାନଙ୍କର ସ୍ଥିତି ସମ୍ବନ୍ଧରେ କୌଣସି ତଥ୍ୟ ସଂଗ୍ରହ କରାଯାଇପାରି ନଥିଲା l
- ପ୍ରତ୍ୟକ୍ଷ ତଥ୍ୟାବଳୀର ଉପଲବ୍ଧ ନ ହେବା କାରଣରୁ କ୍ଷେତ୍ରରୁ ସଂଗୃହିତ ପ୍ରାଥମିକ ତଥ୍ୟକୁ ତୁରନ୍ତ ଯାଞ୍ଚ କରାଯାଇପାରିନଥିଲା | ତେଣୁ, ବିଶ୍ଳେଷଣ ଏବଂ ବ୍ୟାଖ୍ୟାରେ ତ୍ରୁଟିର ସମ୍ଭାବନାକୁ ଏଡ଼ାଇ ଦିଆଯାଇପାରିବ ନାହିଁ |

- ସର୍ଭେ କରାଯାଇଥିବା ଜମି ସମ୍ପର୍କୀୟ ତଥ୍ୟ ପୁରୁଣା ଅଟେ । ସମୟ ସହ ଏଥିରେ ପରିବର୍ତ୍ତନ ହୋଇଥାଇପାରେ । ତେଣୁ ସଂଗୃହିତ ତଥ୍ୟରେ କିଛି ପ୍ରକାରର ଭିନ୍ନତା ଆଶା କରାଯାଉଛି ।

ଏସବୁ ସତ୍ତ୍ୱେ ଅଧ୍ୟୟନକୁ ଯଥାସମ୍ଭବ ବାସ୍ତବବାଦୀ କରିବା ପାଇଁ ସମସ୍ତ ପ୍ରୟାସ କରାଯାଇଛି | ସାମାଜିକ ପ୍ରଭାବ ମୂଲ୍ୟ ନିର୍ଦ୍ଧାରଣ ରିପୋର୍ଟ ପ୍ରସ୍ତୁତି ପାଇଁ ନିମ୍ନଲିଖିତ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଥିଲା |

**(କ) ଡେସ୍କ ଅନୁସନ୍ଧାନ ଓ ପୂର୍ବ ପରୀକ୍ଷଣ |**

ପ୍ରାସଙ୍ଗିକ ଦଲିଲ, ଆର.ଓ.ଆର., ରିପୋର୍ଟ, ପ୍ରକଳ୍ପ କ୍ଷେତ୍ରର ଭିତ୍ତିରେଖା ତଥ୍ୟ, ଆଇନଗତ ନୀତି, ପ୍ରସ୍ତାବିତ ପ୍ରକଳ୍ପକୁ ପରିଚାଳନା କରୁଥିବା ଅନୁଷ୍ଠାନିକ ଢାଞ୍ଚା ଇତ୍ୟାଦି ସମୀକ୍ଷା କରିବା ପାଇଁ ଡେସ୍କ ଅନୁସନ୍ଧାନ କରାଯାଇଥିଲା, କ୍ଷେତ୍ର ତଥ୍ୟକୁ ତ୍ରୀକୋଣୀୟ ସର୍ବେକ୍ଷଣ ପାଇଁ ୨୦୧୧ ର ଜନଗଣନା ତଥ୍ୟ ମଧ୍ୟ ବ୍ୟବହୃତ ହୋଇଥିଲା |

**(ଖ) ତଥ୍ୟ ସଂଗ୍ରହ**

ଏହି ଅଧ୍ୟୟନରେ ପ୍ରକଳ୍ପ ପ୍ରଭାବିତ ଓ ଅଣ ପ୍ରଭାବିତ ଲୋକଙ୍କ ସାମାଜିକ- ଅର୍ଥନୈତିକ ଅବସ୍ଥା ବିଷୟରେ ଉଭୟ ଦଳୀୟ ଏବଂ ପ୍ରାଥମିକ ତଥ୍ୟ ସଂଗ୍ରହର ଯୋଜନା କରାଯାଇଥିଲା।

- **ପରୋକ୍ଷ ତଥ୍ୟାବଳୀ**

ପରୋକ୍ଷ ତଥ୍ୟର ଉତ୍ସ ହେଉଛି ପ୍ରକଳ୍ପ ଏବଂ ଏହା ଦ୍ୱାରା ପ୍ରଭାବିତ ଅଞ୍ଚଳ ବିଷୟରେ ରିପୋର୍ଟ | ଏହା ବ୍ୟତୀତ ଇଣ୍ଟରନେଟ୍ ଏବଂ ୱେବ୍ ପେଜ୍ ମାଧ୍ୟମରେ ମଧ୍ୟ ସୂଚନା ସଂଗ୍ରହ କରାଯାଇଥିଲା | ଅନ୍ୟାନ୍ୟ ସୂଚନା ଉତ୍ସଗୁଡ଼ିକ ହେଲା ଜନଗଣନା ରିପୋର୍ଟ ଏବଂ ଓଡିଶା ସରକାରଙ୍କ ଭୂମି ସମ୍ବନ୍ଧୀୟ ରେକର୍ଡ | ପରୋକ୍ଷ ତଥ୍ୟ ସଂଗ୍ରହ ପାଇଁ ଅନ୍ତର୍ଭୁକ୍ତ ଥିବା ଆବଶ୍ୟକ ଦଲିଲଗୁଡ଼ିକ ହେଲା (୧) ଜମି ସୂଚୀ, (୨) ପ୍ରକଳ୍ପ ପ୍ରଭାବିତ ଗ୍ରାମଗୁଡିକର ଜନସଂଖ୍ୟା, (୩) ପ୍ରକଳ୍ପ କ୍ଷେତ୍ରର ମାନଚିତ୍ର ଏବଂ ପ୍ରକଳ୍ପ ବିବରଣୀ, (୪) ପ୍ରଯୁଜ୍ୟ କାର୍ଯ୍ୟ ଏବଂ ନୀତି ନିର୍ଦ୍ଦେଶାବଳୀ, (୫) ଜିଲ୍ଲା ପରିସଂଖ୍ୟାନ ହ୍ୟାଣ୍ଡବୁକ୍, ଏବଂ (୬) ଅନ୍ୟାନ୍ୟ ଅଧ୍ୟୟନ ରିପୋର୍ଟଗୁଡିକ |

- **ପ୍ରତ୍ୟକ୍ଷ ତଥ୍ୟାବଳୀ**

ପ୍ରତ୍ୟକ୍ଷ ତଥ୍ୟର ଉତ୍ସଗୁଡ଼ିକ ହେଲା କ୍ଷେତ୍ର ପରିଦର୍ଶନ, ଘରୋଇ ସର୍ଭେ, କେନ୍ଦ୍ରୀଭୂତ ଗୋଷ୍ଠୀ ଆଲୋଚନା (FGDs), ଭାଗିଦାରୀ ଗ୍ରାମୀଣ ମୂଲ୍ୟାଙ୍କନ (ପି.ଆର.ଏ.) ଏବଂ ପ୍ରମୁଖ ସୂଚନାକାରୀ / ଭାଗିଦାରମାନଙ୍କ ସହିତ ସାକ୍ଷାତକାର | ଜନଗଣନା ପଦ୍ଧତିରେ ଉଭୟ ପ୍ରକଳ୍ପ ପ୍ରଭାବିତ ଏବଂ ଅଣ-ପ୍ରଭାବିତ ପ୍ରତ୍ୟେକ ପରିବାରଗୁଡିକର ଜୀବିକା, ସାଧାରଣ ଭିତ୍ତିଭୂମି ଏବଂ ଗ୍ରାମଗୁଡିକର ସାମାଜିକ-ଅର୍ଥନୈତିକ ସ୍ଥିତି ବିଷୟରେ ସୂଚନା ପାଇବା ପାଇଁ ନିର୍ଦ୍ଦିଷ୍ଟ ପ୍ରଶ୍ନପତ୍ର ବ୍ୟବହାର କରି ତଥ୍ୟ ସଂଗ୍ରହ କରାଯାଇଥିଲା | ଏହା ବ୍ୟତୀତ, ପ୍ରକଳ୍ପର ସମ୍ଭାବ୍ୟ ପ୍ରଭାବ, କ୍ଷତିପୂରଣ ପ୍ୟାକେଜ୍ ସମେତ ସମ୍ପତ୍ତି ଏବଂ ଭିତ୍ତିଭୂମି କ୍ଷତି ଇତ୍ୟାଦି ବିଷୟରେ ପ୍ରକଳ୍ପ-ପ୍ରଭାବିତ ଏବଂ ଅଣ-ପ୍ରଭାବିତ ପରିବାର ସଦସ୍ୟମାନଙ୍କର ପ୍ରତିକ୍ରିୟା ଜାଣିବା ପାଇଁ ପାଇଁ କେନ୍ଦ୍ରୀଭୂତ ଗୋଷ୍ଠୀ ଆଲୋଚନା (FGDs) ଆୟୋଜନ କରାଯାଇଥିଲା | ପ୍ରମୁଖ ସୂଚନାଦାତା, ସମ୍ପୃକ୍ତ ସରକାରୀ ବିଭାଗର କ୍ଷେତ୍ର ସ୍ତରର କାର୍ଯ୍ୟକର୍ତ୍ତା ମାନଙ୍କର ସାକ୍ଷାତକାର ମାଧ୍ୟମରେ ମଧ୍ୟ ତଥ୍ୟ ସଂଗ୍ରହ କରାଯାଇଥିଲା |

## (ଗ) ସ୍ଥାନ ପରିଦର୍ଶନ ଏବଂ ସୂଚନା ପ୍ରସାରଣ

ପ୍ରାରମ୍ଭରେ ଏହି ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେବାକୁ ଥିବା ଅଞ୍ଚଳର ଚିହ୍ନଟ କରାଯାଇଥିଲା | ଏସ. ଆଇ.ଏ. ଦଳ ଏହି ପ୍ରକଳ୍ପ ପାଇଁ ଅଧିଗ୍ରହଣ ହେବାକୁ ଥିବା ଜମିର ମାନଚିତ୍ର ଏବଂ ବିବରଣୀ ସଂଗ୍ରହ କରିଥିଲେ | ଏହି ଦଳ ଏହାର ଭୌଗଳିକ ନକ୍ସା, ସାମାଜିକ ଭିତ୍ତିଭୂମି ଏବଂ ପ୍ରକଳ୍ପ ପ୍ରଭାବିତ ଲୋକଙ୍କୁ ତଥା ସେମାନଙ୍କର ସାମାଜିକ-ସାଂସ୍କୃତିକ ଜୀବନକୁ ଅବଗତ କରିବା ପାଇଁ ପ୍ରକଳ୍ପ କ୍ଷେତ୍ର ଅନୁସନ୍ଧାନ କରିବାକୁ ପ୍ରାରମ୍ଭିକ କ୍ଷେତ୍ର ପରିଦର୍ଶନ କରିଥିଲେ | ଏହି ଟିମ୍ ପ୍ରକଳ୍ପ ସ୍ଥାନରେ ବିଭିନ୍ନ ଭାଗିଦାର ମାନଙ୍କ ସହ ପରାମର୍ଶ କରି ପ୍ରକଳ୍ପ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ସେମାନଙ୍କ ସହ ବୈଠକ ଆୟୋଜନ କରିଥିଲେ |

## (ଘ) ଜନଗଣନା ପଦ୍ଧତି ମାଧ୍ୟମରେ ଭିତ୍ତିରେଖା ସର୍ବେକ୍ଷଣ :

ଫିଲ୍ଡ ସର୍ଭେ ଆରମ୍ଭ ହେବା ପୂର୍ବରୁ ପ୍ରଶ୍ନପତ୍ରଗୁଡ଼ିକ ପରୀକ୍ଷା କରାଯାଇଥିଲା ଏବଂ କ୍ଷେତ୍ର ଅନୁସନ୍ଧାନକାରୀଙ୍କୁ ଆବଶ୍ୟକ ତାଲିମ ଦିଆଯାଇଥିଲା | ପ୍ରଶ୍ନପତ୍ରରେ ପ୍ରକଳ୍ପ ପ୍ରଭାବିତ ବ୍ୟକ୍ତିଙ୍କ ଚିହ୍ନଟ, ସେମାନଙ୍କର ସାମାଜିକ ବୃତ୍ତାନ୍ତ, ପାରିବାରିକ ବିବରଣୀ, ବୃତ୍ତି, ଆୟର ଉତ୍ସ, ପାରିବାରିକ ବ୍ୟୟ ଏବଂ ଘରୋଇ ସମ୍ପତ୍ତି, ପ୍ରଭାବିତ ସ୍ଥାୟୀ ସମ୍ପତି ଉପରେ ତଥ୍ୟ, ବାଣିଜ୍ୟିକ / ଆତ୍ମନିଯୁକ୍ତି କାର୍ଯ୍ୟକଳାପ, ନିଯୁକ୍ତି ଢାଞ୍ଚା ଏବଂ ପୁନଃ ଥଇଥାନ ଓ ପୁନର୍ବାସ ଉପରେ ଦୃଷ୍ଟିକୋଣ ସମ୍ବନ୍ଧୀୟ ବିଷୟଗୁଡିକ ଅନ୍ତର୍ଭୁକ୍ତ କରାଯାଇଥିଲା |

ପ୍ରଶ୍ନପତ୍ରଗୁଡ଼ିକରେ ବ୍ୟକ୍ତିଙ୍କ ମତ ଏବଂ ଦୃଷ୍ଟିକୋଣ ସମ୍ବନ୍ଧୀୟ କିଛି ଅଣସମାପ୍ତ ପ୍ରଶ୍ନ ରହିଥିଲା । ଘର ପରିବାର ସର୍ବେକ୍ଷଣ ସମୟରେ ଜନଗଣନା ଆଧାରରେ ଗଠିତ ପ୍ରଶ୍ନପତ୍ର ବ୍ୟବହାର କରି ବ୍ୟକ୍ତିଗତ ସାକ୍ଷାତକାର ମାଧ୍ୟମରେ ତଥ୍ୟ ସଂଗ୍ରହ କରାଯାଇଥିଲା ଏବଂ ଏହା ତାଲିକାଭୁକ୍ତ ପ୍ରଶ୍ନାବଳୀ ଗୁଡ଼ିକରେ ଏହା ସୀମିତ ନ ଥିଲା | ପ୍ରଭାବିତ ଲୋକମାନଙ୍କ ଦ୍ୱାରା ପଚରା ଯାଇଥିବା ପ୍ରଶ୍ନ ଗୁଡିକର ଯଥାସମ୍ଭବ ସନ୍ତୋଷଜନକ ଉତ୍ତର ଦିଆଯାଇଥିଲା । ଏହା ସମସ୍ୟାଗୁଡିକ ବିଷୟରେ ଏକ ଉତ୍ତମ ଜ୍ଞାନ ପାଇବାରେ, ଲୋକଙ୍କ ଆତ୍ମବିଶ୍ୱାସ ହାସଲ କରିବାରେ ଏବଂ ତଥ୍ୟ ସଂଗ୍ରହକୁ ସହଜ କରିବାରେ ସାହାଯ୍ୟ କଲା | କ୍ଷେତ୍ର ସ୍ତରର ତଥ୍ୟକୁ ନିୟମିତ ଭାବେ ତଦାରଖ କରାଯାଇଥିଲା ଏବଂ ଯାଞ୍ଚ କରାଯାଇଥିଲା |

ଉଦ୍ଦେଶ୍ୟରେ "ସାମାଜିକ ପ୍ରଭାବର ମୂଲ୍ୟ ନିର୍ଦ୍ଧାରଣ" ପ୍ରକ୍ରିୟାର ଏକ ଅଂଶ ଭାବରେ ଏକ "ସାମାଜିକ ପ୍ରଭାବ ହ୍ରାସ ଏବଂ ପରିଚାଳନା ଯୋଜନା" ପ୍ରସ୍ତୁତ କରାଯାଇଥିଲା | ଉକ୍ତ ଯୋଜନା, "ସାମାଜିକ ପ୍ରଭାବର ମୂଲ୍ୟ ନିର୍ଦ୍ଧାରଣ" ପ୍ରକଳ୍ପ ପ୍ରଭାବିତ ଅଞ୍ଚଳର ସାମାଜିକ-ଅର୍ଥନୈତିକ ବୃତ୍ତାନ୍ତ ବର୍ଣ୍ଣନା କରିବା ଏବଂ ପ୍ରଭାବିତ ପରିବାର ଉପରେ ପ୍ରକଳ୍ପର ପ୍ରଭାବ ଆକଳନ କରିବା ପାଇଁ ଭିତ୍ତିରେଖା ସର୍ଭେ କରାଯାଇଥିଲା |

## (ଙ) ଆଲୋଚନା ଏବଂ ସାକ୍ଷାତକାର :

ପ୍ରକଳ୍ପ ପ୍ରଭାବିତ ଓ ଅଣପ୍ରଭାବିତ ବ୍ୟକ୍ତି, ମତାମତ ନିର୍ମାତା ଏବଂ ପଞ୍ଚାୟତ ପ୍ରତିନିଧୀଙ୍କ ସମେତ ଭାଗିଦାରମାନଙ୍କ ସହିତ ବ୍ୟାପକ ଆଲୋଚନା ହୋଇଥିଲା | କ୍ଷେତ୍ର ସ୍ତରର ତଥ୍ୟର ବୈଧତାକୁ ଆକଳନ କରିବା ଏବଂ ପରିସ୍ଥିତିର ଏକ ସମୀକ୍ଷା କରିବା ପାଇଁ ଗୋଷ୍ଠୀ ସ୍ତରରେ ପାରସ୍ପରିକ ପ୍ରତିକ୍ରିୟା ମାଧ୍ୟମରେ ଆଲୋଚନା କରାଯାଇଥିଲା | ଏହି ଆଲୋଚନାଗୁଡିକ ନିମ୍ନଲିଖିତ ଗୁଣାତ୍ମକ ଅନୁସନ୍ଧାନ ପଦ୍ଧତି ଅନୁସରଣ କରି ଆୟୋଜିତ ହୋଇଥିଲା |

**କେନ୍ଦ୍ରୀଭୂତ ଗୋଷ୍ଠୀ ଆଲୋଚନା:**

କେନ୍ଦ୍ରୀଭୂତ ଗୋଷ୍ଠୀ ଆଲୋଚନାରେ ଅଂଶଗ୍ରହଣକାରୀମାନେ ପୁରୁଷ, ମହିଳା, ଯୁବକ ଏବଂ ଅସୁରକ୍ଷିତ ଗୋଷ୍ଠୀ ଅନ୍ତର୍ଭୁକ୍ତ କରିଥିଲେ | ୨୫ ରୁ ୩୦ ଜଣ ବ୍ୟକ୍ତିଙ୍କୁ ନେଇ ଏକ ସାଧାରଣ ଗୋଷ୍ଠୀ ଆଲୋଚନା ୨ ରୁ ୩ ଘଣ୍ଟା ଧରି ଚାଲିଥିଲା | ଏଥିରେ ପ୍ରକଳ୍ପର ସାମାଜିକ-ଅର୍ଥନୈତିକ ପ୍ରଭାବ ସହିତ ଜଡିତ ବିଭିନ୍ନ ବିଷୟ ଆବୃତ ହୋଇଥିଲା |

**ମୁଖ୍ୟ ସୂଚନାଦାତାଙ୍କ ସହ ସାକ୍ଷାତକାର :**

ଏହି ସାକ୍ଷାତକାରଗୁଡ଼ିକ ସମ୍ପ୍ରଦାୟ ତଥା ପ୍ରକଳ୍ପ ବିଷୟରେ ଜ୍ଞାନ ଥିବା ବିଭିନ୍ନ ସମ୍ପ୍ରଦାୟର ନେତା, ବୃତ୍ତିଗତ ପେଷାଦାର ବ୍ୟକ୍ତି ଓ ସରକାରୀ ଅଧିକାରୀଙ୍କ ସହ ସହିତ ଅନୁଷ୍ଠିତ ହୋଇଥିଲା | ଏହି ସାକ୍ଷାତକାରଗୁଡ଼ିକ ପ୍ରକଳ୍ପର ସମ୍ଭାବ୍ୟ ପ୍ରଭାବ ଉପରେ ଏକ ମୋଟାମୋଟି ଧାରଣା ଦେଇଥିଲା |

**(ଚ) ରିପୋର୍ଟ ଲେଖିବା ପାଇଁ ତଥ୍ୟ ସଂକଳନ ଏବଂ ବିଶ୍ଳେଷଣ :**

ଏକ ତଥ୍ୟ ଆଧାର ପ୍ରସ୍ତୁତ କରିବା ପାଇଁ ସଂଗୃହିତ ତଥ୍ୟ ଏକତ୍ର କରାଯାଇଥିଲା | ଡ୍ରାଫ୍ଟ ରିପୋର୍ଟ ପ୍ରସ୍ତୁତ କରିବା ପାଇଁ ସାଧାରଣ ପର୍ଯ୍ୟବେକ୍ଷଣଗୁଡ଼ିକ ମଧ୍ୟ ବିଶ୍ଳେଷଣ କରାଯାଇଥିଲା |

**(ଛ) ସାମାଜିକ ପ୍ରଭାବ ପରିଚାଳନା ଯୋଜନା ପ୍ରସ୍ତୁତି:**

ପ୍ରକଳ୍ପ ପ୍ରଭାବିତ ଅଞ୍ଚଳରେ ପରିବାରର ଅସୁବିଧାକୁ କମ୍ କରିବା ଏବଂ ପ୍ରକଳ୍ପ ପ୍ରଭାବିତ ପରିବାରଣ ଗୁଡିକୁ କ୍ଷତିପୂରଣ ଦେବା ଅଧ୍ୟୟନର ଏକ ପ୍ରମୁଖ ଅବଦାନ । କାରଣ ଏହା ପ୍ରକଳ୍ପ କ୍ଷେତ୍ରରେ ଲୋକଙ୍କ ଜୀବନ ଶୈଳୀକୁ ବୃଦ୍ଧି କରାଇବାରେ ସାହାଯ୍ୟ କରିବ |

**(ଜ) ଜନଶୁଣାଣୀ**

"ସାମାଜିକ ପ୍ରଭାବର ମୂଲ୍ୟ ନିର୍ଦ୍ଧାରଣ" ପ୍ରକ୍ରିୟାର ଏକ ଅଂଶ ଭାବରେ ଉକ୍ତ ଅଧ୍ୟୟନର ଏକ ଡ୍ରାଫ୍ଟ ରିପୋର୍ଟ ଆଞ୍ଚଳିକ ଭାଷାରେ ପ୍ରସ୍ତୁତ କରାଯାଇ ଏହାକୁ ପ୍ରଭାବିତ ଅଞ୍ଚଳର ଭାଗିଦାରୀ, ପ୍ରମୁଖ ବ୍ୟକ୍ତି, ନେତା ଏବଂ ମାନଙ୍କୁ ପ୍ରଦାନ କରାଯାଇଥାଏ । ପ୍ରକଳ୍ପର ସାମାଜିକ ପ୍ରଭାବ ଏବଂ ସମ୍ଭାବ୍ୟ ପ୍ରତିକୂଳ ପ୍ରଭାବକୁ ହ୍ରାସ କରିବା ପାଇଁ ସେମାନଙ୍କର ମତାମତ ପାଇବା ପାଇଁ ପ୍ରମୁଖ ପ୍ରଭାବିତ ଗ୍ରାମ / ଗ୍ରାମ ପଂଚାୟତ ଗୁଡିକରେ ଜନଶୁଣାଣୀ ଆୟୋଜନ କରାଯିବା ଆବଶ୍ୟକ ହୋଇଥାଏ | ପରାମର୍ଶ ପ୍ରକ୍ରିୟାରେ ମହିଳା ଏବଂ ନିରାଶ୍ରୟ ଗୋଷ୍ଠୀ ସମେତ ଅନ୍ୟ ପ୍ରଭାବିତ ମାନେ ମଧ୍ୟ ଜଡିତ ହୋଇଥାନ୍ତି। ଜନଶୁଣାଣୀ ସମୟରେ ଜମି ଅଧିଗ୍ରହଣ, କ୍ଷତିପୂରଣ, ଆୟ ପୁନରୁଦ୍ଧାର, ରୋଜଗାର ସୃଷ୍ଟି, ଅଭିଯୋଗ ସମାଧାନ, ନିରାପତ୍ତା, ପ୍ରଶାସନର ଭୂମିକା ଇତ୍ୟାଦି ସମ୍ବନ୍ଧୀୟ ଆଲୋଚନା ହୋଇଥାଏ ।

**(ଝ) ଚୂଡାନ୍ତ ରିପୋର୍ଟ :**

ଜନଶୁଣାଣୀରେ ପ୍ରକାଶିତ ମତାମତକୁ ଅନ୍ତର୍ଭୁକ୍ତ କରାଯାଇ ଚୂଡାନ୍ତ ରିପୋର୍ଟ ପ୍ରସ୍ତୁତ କରାଯାଇଥାଏ ।

**୨.୬ ଜନସାଧାରଣ ଏବଂ ପ୍ରମୁଖ ହିତାଧିକାରୀ ସହିତ ପରାମର୍ଶର କାର୍ଯ୍ୟସୂଚୀ**

**ଆଲୋଚନା ଏବଂ ସାକ୍ଷାତକାର :**

ପ୍ରକଳ୍ପ ପ୍ରଭାବିତ ଓ ଅଣପ୍ରଭାବିତ ବ୍ୟକ୍ତି, ମତାମତ ନିର୍ମାତା ଏବଂ ପଞ୍ଚାୟତ ପ୍ରତିନିଧୀଙ୍କ ସମେତ ଭାଗିଦାରମାନଙ୍କ ସହିତ ବ୍ୟାପକ ଆଲୋଚନା ହୋଇଥିଲା | କ୍ଷେତ୍ର ସ୍ତରର ତଥ୍ୟର ବୈଧତାକୁ ଆକଳନ କରିବା ଏବଂ ପରିସ୍ଥିତିର ଏକ

ସମୀକ୍ଷା କରିବା ପାଇଁ ଗୋଷ୍ଠୀ ସ୍ତରରେ ପାରସ୍ପରିକ ପ୍ରତିକ୍ରିୟା ମାଧ୍ୟମରେ ଆଲୋଚନା କରାଯାଇଥିଲା | ଏହି ଆଲୋଚନାଗୁଡିକ ନିମ୍ନଲିଖିତ ଗୁଣାତ୍ମକ ଅନୁସନ୍ଧାନ ପଦ୍ଧତି ଅନୁସରଣ କରି ଆୟୋଜିତ ହୋଇଥିଲା |

- **କେନ୍ଦ୍ରୀଭୂତ ଗୋଷ୍ଠୀ ଆଲୋଚନା:** କେନ୍ଦ୍ରୀଭୂତ ଗୋଷ୍ଠୀ ଆଲୋଚନାରେ ଅଂଶଗ୍ରହଣକାରୀମାନେ ପୁରୁଷ, ମହିଳା, ଯୁବକ ଏବଂ ଅସୁରକ୍ଷିତ ଗୋଷ୍ଠୀ ଅନ୍ତର୍ଭୁକ୍ତ କରିଥିଲେ | ୧୫ ରୁ ୨୦ ଜଣ ବ୍ୟକ୍ତିଙ୍କୁ ନେଇ ଏକ ସାଧାରଣ ଗୋଷ୍ଠୀ ଆଲୋଚନା ୨ ଘଣ୍ଟା ଧରି ଚାଲିଥିଲା | ଏଥିରେ ପ୍ରକଳ୍ପର ସାମାଜିକ-ଅର୍ଥନୈତିକ ପ୍ରଭାବ ସହିତ ଜଡିତ ବିଭିନ୍ନ ବିଷୟ ଆବୃତ ହୋଇଥିଲା |
- **ମୁଖ୍ୟ ସୂଚନାଦାତାଙ୍କ ସହ ସାକ୍ଷାତକାର :** ଏହି ସାକ୍ଷାତକାରଗୁଡ଼ିକ ସମ୍ପ୍ରଦାୟ ତଥା ପ୍ରକଳ୍ପ ବିଷୟରେ ଜ୍ଞାନ ଥିବା ବିଭିନ୍ନ ସମ୍ପ୍ରଦାୟର ନେତା, ବୃତ୍ତିଗତ ପେଷାଦାର ବ୍ୟକ୍ତି ଓ ସରକାରୀ ଅଧିକାରୀଙ୍କ ସହ ସହିତ ଅନୁଷ୍ଠିତ ହୋଇଥିଲା | ଏହି ସାକ୍ଷାତକାରଗୁଡ଼ିକ ପ୍ରକଳ୍ପର ସମ୍ଭାବ୍ୟ ପ୍ରଭାବ ଉପରେ ଏକ ମୋଟାମୋଟି ଧାରଣା ଦେଇଥିଲା |

## ୨.୭. ସାମାଜିକ ପ୍ରଭାବ ନିର୍ଦ୍ଧାରଣ ରିପୋର୍ଟ ଉପରେ ଜନଶୁଣାଣି

### ୨.୭.୧ ଉପକ୍ରମ

ସ୍ୱଚ୍ଛତା ଅଧିକାର ଅଧିନିୟମ ଆଇନ (RFCTLARR Act), ୨୦୧୩ ଅନୁଯାୟୀ ସରକାରୀ ପ୍ରକଳ୍ପଗୁଡିକ ପାଇଁ ଜମି ଅଧିଗ୍ରହଣ ହେତୁ ଜମି ହାନୀକାରୀ ତଥା ପ୍ରଭାବିତ ପରିବାର ମାନଙ୍କର କ୍ଷୟକ୍ଷତିର ଆକଳନ କରିବାକୁ ସାମାଜିକ ପ୍ରଭାବ ନିର୍ଦ୍ଧାରଣ ରିପୋର୍ଟ ପ୍ରସ୍ତୁତ କରାଯାଇଥାଏ | ଉକ୍ତ ଆଇନ ଅନୁଯାୟୀ ଜମି ହରାଉଥିବା ବ୍ୟକ୍ତି ମାନଙ୍କର କ୍ଷତିପୂରଣ, ପୁନର୍ବାସ ଏବଂ ପୁନଃ ଥଇଥାନ ବିଷୟରେ ମତାମତ ଜାଣିବା ପାଇଁ ସର୍ବସାଧାରଣ ଶୁଣାଣି ଆୟୋଜନ କରାଯାଇଥାଏ | ଏହି ଜନଶୁଣାଣି ସମୟରେ "ସାମାଜିକ ପ୍ରଭାବ ନିର୍ଦ୍ଧାରଣ ଅଧ୍ୟୟନ" ଉପରେ ପ୍ରଭାବିତ ବ୍ୟକ୍ତି ମାନଙ୍କର ମତାମତ ଲୋଡା ଯାଇଥାଏଏବଂ ଏଗୁଡିକ ଚୂଡ଼ାନ୍ତ ରିପୋର୍ଟରେ ଅନ୍ତର୍ଭୁକ୍ତ କରାଯାଇଥାଏ | ଏହା ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ସ୍ୱଚ୍ଛତା ପ୍ରଦାନ କରେ ଓ ଏଥିରେ କୌଣସି ସନ୍ଦେହର ଅବକାଶ ନ ଥାଏ |

କୌଣସି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ଏହି ଅଞ୍ଚଳର ଅର୍ଥନୈତିକ, ସାମାଜିକ ଏବଂ ଶାରୀରିକ ପରିବେଶ ପ୍ରଭାବିତ ହୁଏ | ପାରମ୍ପରିକ ଅର୍ଥନୈତିକ ଏବଂ ସାମାଜିକ ସ୍ଥିତିରେ ବ୍ୟତିକ୍ରମ ଦେଖାଯାଏ ଏବଂ ପରିବେଶ ଖରାପ ହୁଏ | ପ୍ରକଳ୍ପ ପ୍ରଭାବିତ ଅଞ୍ଚଳର ସାମଗ୍ରିକ ବିକାଶ ପାଇଁ ଉପଯୁକ୍ତ ପ୍ରତିକାର ବ୍ୟବସ୍ଥା ଗୁଡିକର ଆବଶ୍ୟକତା ରହିଛି | ଏହି ବାବଦରେ ସାଧାରଣ ଜନତାଙ୍କ ମତାମତ ଗୁରୁତ୍ୱପୂର୍ଣ୍ଣ ଅଟେ | ସେମାନେ ସେମାନଙ୍କର ସୁବିଧା ଏବଂ କଲ୍ୟାଣକୁ ବହୁତ ଭଲ ଭାବରେ ଜାଣନ୍ତି; ତେଣୁ ସେମାନଙ୍କର ମତାମତର ଗୁରୁତ୍ୱ ରହିଛି | ସର୍ବସାଧାରଣ ଶୁଣାଣି ସମୟରେ ଏହିସବୁ ଅଭିବ୍ୟକ୍ତ କରିବାର ସୁଯୋଗ ସୃଷ୍ଟି ହୋଇଥାଏ | ନିୟମ ଅନୁଯାୟୀ ଜିଲ୍ଲା ପ୍ରଶାସନ ଜନ ଶୁଣାଣିର ଆୟୋଜନ କରିଥାନ୍ତି ।

### ୨.୭.୨ ଜନଶୁଣାଣୀର ଉଦ୍ଦେଶ୍ୟ

ଜନଶୁଣାଣୀ ଆୟୋଜନ କରିବାର ମୁଖ୍ୟ ଉଦ୍ଦେଶ୍ୟ ଗୁଡିକ ନିମ୍ନରେ ଦିଆଗଲା l

- ସାମାଜିକ ପ୍ରଭାବର ମୂଲ୍ୟ ନିର୍ଦ୍ଧାରଣ ଅଧ୍ୟୟନର ଫଳାଫଳକୁ ସ୍ୱଚ୍ଛ କରିବା ଏବଂ ଏହାକୁ ପ୍ରଭାବିତ ଲୋକଙ୍କ ମଧ୍ୟରେ ଜଣାଇବା |
- ପ୍ରଭାବିତ ଲୋକଙ୍କ ବିଭିନ୍ନ ପ୍ରତିକ୍ରିୟାକୁ ତଥା ଜମି ଅଧିଗ୍ରହଣ ବିଷୟରେ ସେମାନଙ୍କର ଅନ୍ୟ ମତାମତ ଗୁଡିକୁ ଏକାଠି କରି "ସାମାଜିକ ପ୍ରଭାବର ମୂଲ୍ୟ ନିର୍ଦ୍ଧାରଣ ଅଧ୍ୟୟନ" ର ମୁଖ୍ୟ ଅନୁସନ୍ଧାନରେ ସ୍ଥାନ ଦେବା |
- ପ୍ରଭାବିତ ଲୋକଙ୍କୁ ସ୍ୱଚ୍ଛତା ଅଧିକାର ଅଧିନିୟମ ଅନୁଯାୟୀ ୨୦୧୩ ଅନୁଯାୟୀ ଏବଂ ସରକାରଙ୍କ ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ଗୁଡିକ ଦ୍ୱାରା ସେମାନଙ୍କର ପ୍ରାପ୍ୟ ବିଷୟରେ ଅବଗତ କରାଇବା |
- ଜମି ଅଧିଗ୍ରହଣ ଉପରେ ପ୍ରଭାବିତ ପରିବାର ଏବଂ ଜନସାଧାରଣଙ୍କ ଭୁଲ ଧାରଣାକୁ ଦୂରୀକରଣ କରିବା |
- ଜନ ଶୁଣାଣି ସମୟରେ ପ୍ରକଳ୍ପ ପ୍ରଭାବିତ ଲୋକଙ୍କ ମତାମତକୁ ବିଶ୍ଳେଷଣ କରିବା ଏବଂ "ସାମାଜିକ ପ୍ରଭାବର ମୂଲ୍ୟ ନିର୍ଦ୍ଧାରଣ ଅଧ୍ୟୟନ" ର ଚୂଡାନ୍ତ ରିପୋର୍ଟରେ ଅନ୍ତର୍ଭୁକ୍ତ କରିବା |

### ୨.୭.୩ ଅନୁସୃତ ପ୍ରକ୍ରିୟା

ରିସର୍ଚ୍ଚ ଆଣ୍ଡ ଇନଫରମେସନ ସେଣ୍ଟର ଫର ଓଡିଶା (RICOR), ଭୁବନେଶ୍ୱର ର ଅଧ୍ୟୟନ ଦଳ ଦ୍ୱାରା ସୁନ୍ଦରଗଡ଼ ଜିଲ୍ଲାରେ ଡି.ଏମ.ଏଫ. ପାଣ୍ଠି ଅଧୀନରେ "୦/୦୦ କିଲୋମିଟରରୁ ୮/୦୦ କିଲୋମିଟର ପର୍ଯ୍ୟନ୍ତ କୋଇଡା ବାଇପାସ୍ ରାସ୍ତା ନିର୍ମାଣ ପ୍ରକଳ୍ପ ନିମନ୍ତେ ସାମାଜିକ ପ୍ରଭାବ ନିର୍ଦ୍ଧାରଣର ଡ୍ରାଫ୍ଟ ରିପୋର୍ଟ ପ୍ରସ୍ତୁତ କରିବା ପରେ, ତାହାକୁ ଉଭୟ ଇଂରାଜୀ ଏବଂ ଓଡିଆ ସଂସ୍କରଣରେ ରାଜ୍ୟ ସାମାଜିକ ପ୍ରଭାବ ନିର୍ଦ୍ଧାରଣ ୟୁନିଟ, ନବକୃଷ୍ଣ ଚୌଧୁରୀ ବିକାଶ ଅଧ୍ୟୟନ କେନ୍ଦ୍ର (NCDS), ଭୁବନେଶ୍ୱରରେ ଦାଖଲ କରାଯାଇଥିଲା | ଏହାପରେ ରାଜ୍ୟ ଏସଆଇ ୟୁନିଟ୍ ରିପୋର୍ଟର ନକଲଗୁଡ଼ିକୁ ଜିଲ୍ଲା ପ୍ରଶାସନଙ୍କ ଜରିଆରେ ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ (LAO) ସୁନ୍ଦରଗଡ଼କୁ ଦାଖଲ କରିଥିଲେ। ଉକ୍ତ "ଡ୍ରାଫ୍ଟ ସାମାଜିକ ପ୍ରଭାବ ନିର୍ଦ୍ଧାରଣ" ରିପୋର୍ଟର ଫଳାଫଳ ଉପରେ ପ୍ରଭାବିତ ଲୋକଙ୍କ ମତାମତ ଜାଣିବା ପାଇଁ ଏକ ଜନଶୁଣାଣି ଅନୁଷ୍ଠିତ ହୋଇଥିଲା l ଏ ସମ୍ପର୍କରେ ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନ ଓ ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ନୋଟିସ ଜରିଆରେ ପ୍ରଭାବିତ ଅଞ୍ଚଳ ଗୁଡିକୁ ଅବଗତ କରାଇଥିଲେ ।

ଜନଶୁଣାଣି ସମୟରେ ଲୋକଙ୍କୁ "ସାମାଜିକ ପ୍ରଭାବ ନିର୍ଦ୍ଧାରଣ ଅଧ୍ୟୟନ" ରିପୋର୍ଟର ଫଳାଫଳ, ସ୍ୱଚ୍ଛତା ଅଧିକାର ଅଧିନିୟମ (RFCTLARR), ୨୦୧୩ ରେ ଜମି ହରାଉଥିବା ବ୍ୟକ୍ତିଙ୍କ କ୍ଷତିପୂରଣ ଏବଂ ପ୍ରକଳ୍ପ ପ୍ରଭାବିତ ଅଞ୍ଚଳର ସାମଗ୍ରିକ ବିକାଶ ପାଇଁ ପ୍ରସ୍ତାବ ବିଷୟରେ ସୂଚନା ଦିଆଯାଇଥିଲା। ଏହା ପରେ, ଲୋକଙ୍କ ଦୃଷ୍ଟିକୋଣ ଏବଂ ଦାବିଗୁଡିକ ଉପସ୍ଥାପନା କରିବାପାଇଁ ଆମନ୍ତ୍ରଣ କରାଯାଇଥିଲା ଏବଂ ସେଗୁଡିକର ଭିଡିଓ ରେକର୍ଡ କରାଯାଇଥିଲା l

## ୨.୭.୪ ଜନାଶୁଣାଣୀ ର ବିବରଣୀ

| ତାରିଖ | ସମୟ | ସ୍ଥାନ | ଗ୍ରାମ ପଞ୍ଚାୟତ | ପ୍ରଭାବିତ ଗ୍ରାମ ଅନ୍ତର୍ଭୁକ୍ତ |
|---|---|---|---|---|
| ୧୪.୧୧.୨୦୨୫ | ୧୦.୩୦ (ସକାଳ) | କୋଇଡା ପଂଚାୟତ ହଲ, କୋଇଡା | କୋଇଡା | କୋଇଡା |

**ଅଂଶଗ୍ରହଣକାରୀଙ୍କ ତାଲିକା**

| କ୍ର. ସଂ. | ଅଂଶଗ୍ରହଣକାରୀଙ୍କ ନାମ | ପଦବୀ / ଅବସ୍ଥାନ |
|---|---|---|
| ୧ | ଶ୍ରୀ  ପ୍ରତୀକ ପ୍ରିୟଦର୍ଶୀ ଦାଶ | ନିର୍ବାହୀ ଯନ୍ତ୍ରୀ, ରାସ୍ତା ଓ ଗୃହନିର୍ମାଣ ସବଡ଼ିଭିଜନ, ବଣାଇ |
| ୨ | ଶ୍ରୀ ନିର୍ମଳ ବିଶ୍ୱାଳ | ତହସିଲଦାର, କୋଇଡା |
| ୩ | ଶ୍ରୀ ସନ୍ତୋଷ କୁମାର କର | ଓ ଆର.ଏସ., କୋଇଡା |
| ୪ | ଶ୍ରୀ ହୃଷିକେଶ ଦେହୁରୀ | ସରପଞ୍ଚ, କୋଇଡା |
| ୫ | ଶ୍ରୀ ଶ୍ରୀକାନ୍ତ ପୃଷ୍ଟି | ରେଭେନ୍ୟୁ ସୁପରଭାଇଜର, କୋଇଡା |
| ୬ | ଶ୍ରୀ ନିରାଜ କୁମାର ଗୁପ୍ତା | ରେଭେନ୍ୟୁ ସୁପରଭାଇଜର, ସୁନ୍ଦରଗଡ଼ |
| ୭ | ଶ୍ରୀ ତରନୀକାନ୍ତ ମହନ୍ତ | ସହକାରୀ ଯନ୍ତ୍ରୀ, ରାସ୍ତା ଓ ଗୃହନିର୍ମାଣ ସବଡ଼ିଭିଜନ, ରାଉରକେଲା |
| ୮ | ଶ୍ରୀ ଶମ୍ଭୁନାଥ ମୁଣ୍ଡା | ପି. ଇ. ଓ.,  କୋଇଡା |
| ୯ | ଶ୍ରୀ ରମାକାନ୍ତ ମିଶ୍ର | ପ୍ରତିନିଧି ରାଇକର (RICOR) |
| ୧୦ | କୋଇଡା ଗ୍ରାମର  ୧୪ ଜଣ ଗ୍ରାମବାସୀ | |

**ଜନଶୁଣାଣିର ଫଳାଫଳ**

ଏହି ଜନଶୁଣାଣି ସକାଳ ୧୦.୩୦ ରେ ଆରମ୍ଭ ହୋଇଥିଲା I ପ୍ରଥମେ ରାଇକର (RICOR)କୁ ପ୍ରତିନିଧିତ୍ୱ କରୁଥିବା ଶ୍ରୀ ରମାକାନ୍ତ ମିଶ୍ର ସ୍ୱାଗତ ବିବରଣୀ ପାଠ କରିବା ସହ ମଂଚାସୀନ ବ୍ୟକ୍ତି ମାନଙ୍କର ପରିଚୟ କରାଇଥିଲେ ଏବଂ "ସାମାଜିକ ପ୍ରଭାବ ନିର୍ଦ୍ଧାରଣ ଅଧ୍ୟୟନ" ରିପୋର୍ଟର ମୁଖ୍ୟ ଫଳାଫଳ ଉପସ୍ଥାପନ କରିଥିଲେ |

ଶ୍ରୀ ନିର୍ମଳ ବିଶ୍ୱାଳ, ତହସିଲଦାର, କୋଇଡା, ଜନଶୁଣାଣିର ଉଦ୍ଦେଶ୍ୟ ତଥା ଆବଶ୍ୟକତା ଉପରେ କହିଥିଲେ। ଜମି ଅଧିଗ୍ରହଣ ଆଇନ, ୨୦୧୩ ସମ୍ବନ୍ଧୀୟ ଆଇନଗତ ବ୍ୟବସ୍ଥା ଉପରେ ସେ ଆଲୋକପାତ କରିଥିଲେ।  ସେ ଲୋକମାନଙ୍କୁ ସେମାନଙ୍କର ଅଧିକାର ବିଷୟରେ ଅବଗତ କରାଇଥିଲେ ଏବଂ କ୍ଷତିପୂରଣ ପ୍ୟାକେଜ୍ ଏବଂ ଏହାର ପ୍ରକ୍ରିୟା ବିଷୟରେ ମଧ୍ୟ ଆଲୋଚନା କରିଥିଲେ | ତାପରେ ପ୍ରଶ୍ନ-ଉତ୍ତର ଅଧିବେଶନ ଆରମ୍ଭ ହୋଇଥିଲା |

**ପ୍ରଶ୍ନ ଉପସ୍ଥାପନା :**

| ପ୍ରଶ୍ନକର୍ତ୍ତାଙ୍କ ନାମ | ପ୍ରଶ୍ନ ଏବଂ ମତାମତ |
|---|---|
| ଶ୍ରୀ ସାଧୁ ନାୟକ, ଶ୍ରୀ ବସନ୍ତ ନାୟକ, ଶ୍ରୀମତୀ ପ୍ରତିମା ନାୟକ, ଶ୍ରୀମତୀ ସବିତା ଫାଡୁକା, ଶ୍ରୀମତୀ ଫୁଲମଣୀ ନାୟକ,  ଶ୍ରୀ ନାଥ ନାୟକ, | ଏମାନେ ସମସ୍ତେ ଗୋଟିଏ ମତ ରଖିଥିଲେ ଓ ଦାବୀ କରିଥିଲେ କି, ଜମି ଅଧିଗ୍ରହଣ ବାବଦରେ ଆମ୍ଭମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ଦିଆଯାଉ I |

**ଉତ୍ତର:**

ଶ୍ରୀ ନିରଜ କୁମାର ଗୁପ୍ତା, ରେଭେନ୍ୟୁ ସୁପରଭାଇଜର, ସୁନ୍ଦରଗଡ଼ : ଜନଶୁଣାଣିରେ ଉଠାଯାଇଥିବା ପ୍ରସଙ୍ଗର ଉତ୍ତରରେ ସେ କହିଛନ୍ତି ଯେ ଜମି ଅଧିଗ୍ରହଣ ଆଇନ,୨୦୧୩ ଅନୁଯାୟୀ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରାଯିବ। ଏଥିପାଇଁ ଅଧିନିୟମର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ପ୍ରକାଶ ପାଇବ । ସେ ମଧ୍ୟ କ୍ଷତିପୂରଣର ହିସାବ ପାଇଁ ନିୟମ ଗୁଡିକ ବିଷୟରେ ବୁଝାଇଥିଲେ। ଏହା ଜମିର ବଜାର ମୂଲ୍ୟ + ବଜାର ମୂଲ୍ୟର ୧୨% + ଟାଉନ୍ ଠାରୁ ଦୂରତା ଆଧାରରେ ଅତିରିକ୍ତ ମୂଲ୍ୟ + ଜମି ଉପରେ ଥିବା ସମ୍ପତ୍ତିର ମୂଲ୍ୟ + ପ୍ଲଟରେ ଥିବା ଗଛମୂଲ୍ୟ + ୧୦୦% କ୍ଷତିପୂରଣ ହେବ । ଭାଇମାନଙ୍କ ମଧ୍ୟରେ କ୍ଷତିପୂରଣର ପାରସ୍ପରିକ ବଣ୍ଟନକୁ ଗୁରୁତ୍ୱ ଦିଆଯିବ, କିନ୍ତୁ ଦସ୍ତାବିଜ ଉପରେ ସମସ୍ତ ଭାଇ ମାନଙ୍କର ଦସ୍ତଖତ ରହିବା ବାଧ୍ୟତା ମୂଳକ ଅଟେ । ଯଦି ଜମିର ମ୍ୟୁଟେସନ ହୋଇନଥିବ, ତେବେ ଜମି ପଟ୍ଟା ଅନୁପସ୍ଥିତିରେ ଜମି କବଲା ଆଧାରରେ ଓ ଜମି କିସମ୍ ଅନୁଯାୟୀ କ୍ଷତିପୂରଣ ଦିଆଯିବ । ସେ ପୁନର୍ବାର ପ୍ରକାଶ କରିଥିଲେ ଯେ ଅଧିନିୟମ, ୨୦୧୩ ଅନୁଯାୟୀ ଅଧିଗ୍ରହଣ ହେଉଥିବା ଜମି ବଦଳରେ ଜମି ଯୋଗାଇଦେବା ପାଇଁ କୌଣସି ବ୍ୟବସ୍ଥା ନାହିଁ ।





ସର୍ବଶେଷରେ "ରାଇକର"ରୁ ପ୍ରତିନିଧିତ୍ୱ କରୁଥିବା ଶ୍ରୀ ରମାକାନ୍ତ ମିଶ୍ର ଉପସ୍ଥିତ ବ୍ୟକ୍ତିମାନଙ୍କୁ ଧନ୍ୟବାଦ ଅର୍ପଣ କରିବା ସହିତ ସଭା ସମାପ୍ତ ହୋଇଥିଲା ।

**ଅଧ୍ୟାୟ – ୩**

# ଜମି ମୂଲ୍ୟାଙ୍କନ

## ୩.୧ ଉପକ୍ରମ

**ପ୍ରକଳ୍ପ ନିର୍ମାଣ ପାଇଁ ଜମି ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଉତ୍ସ । ପ୍ରସ୍ତାବିତ ପ୍ରକଳ୍ପ "କୋଇଡା ବାଇପାସ୍ ରାସ୍ତା ନିର୍ମାଣ" ରେ ସୁନ୍ଦରଗଡ଼ ଜିଲ୍ଲାର କୋଇଡା ତହସିଲ ଅନ୍ତର୍ଗତ କୋଇଡା ଗ୍ରାମରୁ ୦.୧୦୦୦ ଏକର ଘରୋଇ ଜମି ଅଧିଗ୍ରହଣ କରାଯିବ । ଏହି ଅଧ୍ୟାୟରେ ଅଧିଗ୍ରହଣ ହେବାକୁ ଥିବା ଜମିର ପରିସର, ପ୍ରକୃତି ଏବଂ ବୈଶିଷ୍ଟ୍ୟ, ସମ୍ଭାବ୍ୟ ବିକଳ୍ପ ଏବଂ ସମ୍ଭାବ୍ୟ ସାମାଜିକ ଏବଂ ପରିବେଶଗତ ପ୍ରଭାବକୁ ଅନ୍ତର୍ଭୁକ୍ତ କରି ଭୂମି ମୂଲ୍ୟାୟନର ରୂପରେଖା ଦିଆଯାଇଛି।**

## ୩.୨ ପ୍ରକଳ୍ପ ପ୍ରଭାବିତ କ୍ଷେତ୍ରର ମାନଚିତ୍ର:

ନିମ୍ନ ପ୍ରଦତ୍ତ ଚିତ୍ରଟି ପ୍ରକଳ୍ପ ପ୍ରଭାବିତ କ୍ଷେତ୍ରର ମାନଚିତ୍ର ଅଟେ




**ଚିତ୍ର-୩.୧ : ପ୍ରକଳ୍ପ ପ୍ରଭାବିତ କ୍ଷେତ୍ରର ମାନଚିତ୍ର**

କୌଣସି ଏକ ପ୍ରକଳ୍ପ ନିର୍ମାଣ ଦ୍ୱାରା ସ୍ଥାନୀୟ ଅଂଚଳରେ କେତେଗୁଡିଏ ସାମାଜିକ ପ୍ରଭାବ ସୃଷ୍ଟି ହୋଇଥାଏ ଯାହାର ପରିଣାମ ସମ୍ପ୍ରଦାୟୀକ ଗୋଷ୍ଠୀ କିମ୍ବା ବ୍ୟକ୍ତିବିଶେଷଙ୍କ ପାଇଁ ଏକ ପ୍ରବର୍ତ୍ତିତ ପରିବର୍ତ୍ତନର ଅନୁଭବ ହୋଇଥାଏ | ଏହି ପରିବର୍ତ୍ତନ ରୋଜଗାର, ଆୟ, ଉତ୍ପାଦନ, ଜୀବନଶୈଳୀ, ସଂସ୍କୃତି, ସମ୍ପ୍ରଦାୟ, ରାଜନୈତିକ ବ୍ୟବସ୍ଥା, ପରିବେଶ, ସ୍ୱାସ୍ଥ୍ୟ ଏବଂ ସୁସ୍ଥତା, ବ୍ୟକ୍ତିଗତ ଏବଂ ସମ୍ପତ୍ତି ଅଧିକାର, ଏବଂ ଭୟ ଓ ଆକାଂକ୍ଷାକୁ ପ୍ରଭାବିତ କରିବ | କେତେକଙ୍କ ପାଇଁ, ଏହି ପ୍ରଭାବ ସକରାତ୍ମକ କିମ୍ବା ନକାରାତ୍ମକ ହୋଇପାରେ, କିନ୍ତୁ ସାମଗ୍ରିକ ସାମାଜିକ ପ୍ରଭାବ, ଲୋକ ଏବଂ ସ୍ଥାନୀୟ ଅଂଚଳ ପାଇଁ ଦୀର୍ଘକାଳୀନ ଲାଭକୁ ବିଚାରକୁ ନେବା ଗୁରୁତ୍ୱପୂର୍ଣ୍ଣ ଅଟେ |

ଯେଉଁମାନେ ଜମି ଅଧିଗ୍ରହଣ ପ୍ରକ୍ରିୟାରେ ଜମି ହରାଇବାକୁ ଯାଉଛନ୍ତି ସେମାନଙ୍କର ନିଶ୍ଚିତ କଷ୍ଟ ଅନୁଭବ ହେବ ଏବଂ ଯଦି ଅଧିକରୁ ଅଧିକ ଚାଷଜମି ହରାଉଥାନ୍ତି, ତେବେ ଯନ୍ତ୍ରଣା ଅଧିକ ହେବ |

### ୩.୩ ଅଧିଗ୍ରହଣ ହେବାକୁ ଥିବା ଜମିର ପରିମାଣ ଓ ଅବସ୍ଥାନ

ପ୍ରସ୍ତାବିତ ପ୍ରକଳ୍ପ **"ସୁନ୍ଦରଗଡ଼ ଜିଲ୍ଲାରେ ଡି.ଏମ.ଏଫ. ପାଣ୍ଠି ଅଧୀନରେ "୦/୦୦ କିଲୋମିଟରରୁ ୮/୦୦ କିଲୋମିଟର ପର୍ଯ୍ୟନ୍ତ କୋଇଡା ବାଇପାସ୍ ରାସ୍ତା ନିର୍ମାଣ"**ପାଇଁ ସୁନ୍ଦରଗଡ଼ ଜିଲ୍ଲାର କୋଇଡା ତହସିଲ ଅନ୍ତର୍ଗତ କୋଇଡା ଗ୍ରାମରୁ ୦.୧୦୦୦ ଏକର ଘରୋଇ ଜମି ଅଧିଗ୍ରହଣ କରାଯିବ । ଜିଲ୍ଲା କର୍ତ୍ତୃପକ୍ଷଙ୍କବିଜ୍ଞପ୍ତି ଅନୁଯାୟୀ ଅଧିଗ୍ରହଣ ହେବାକୁ ଥିବା ଗ୍ରାମର ନାମ ଏବଂ ଜମିର ପରିମାଣ ଟେବୁଲ୍ - ୩.୧ ରେ ସୂଚିତ କରାଯାଇଛି |

**ସାରଣୀ - ୩.୧.: ଅଧିଗ୍ରହଣ ହେବାକୁ ଥିବା ଜମି ପରିମାଣ**

| ଗ୍ରାମ | ପଂଚାୟତ / ମୁନିସିପାଲିଟି | ତହସିଲ | ସମୁଦାୟ ପ୍ରକଳ୍ପ ପ୍ରଭାବିତ ପରିବାର | ସମୁଦାୟ ଜମିର ପରିମାଣ | ସମୁଦାୟ ପ୍ରଭାବିତ ଜମିର ପରିମାଣ | ଅଧିକୃତ ହେବାକୁ ଥିବା ଜମିର ପରିମାଣ (ଏକରରେ) |
|---|---|---|---|---|---|---|
| **କୋଇଡା** | **କୋଇଡା** | **କୋଇଡା** | ୦୬ | ୯.୩୨୦୦ | ୦.୧୦୦୦ | ୦.୧୦୦୦ |

*ଉତ୍ସ : ଓଡିଶା ସରକାରଙ୍କ ବିଜ୍ଞପ୍ତି ଓ ପ୍ରତ୍ୟକ୍ଷ କ୍ଷେତ୍ର ସର୍ବେକ୍ଷଣ*

### ୩.୪ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ସର୍ବନିମ୍ନ ଆବଶ୍ୟକତା

ଏକ କୃଷି ସମାଜରେ ଏକ ଘରର ଜମି ଧାରଣର ମହତ୍ତ୍ୱ ଏବଂ କୃଷକ ପରିବାର ଉପରେ ଜମି ହ୍ରାସର ପ୍ରତିକୂଳ ପ୍ରଭାବକୁ ଦୃଷ୍ଟିରେ ରଖି ପ୍ରସ୍ତାବିତ ଜମି ଅଧିଗ୍ରହଣ ପାଇଁ ସମସ୍ତ ପ୍ରୟାସ କରାଯାଇଛି ଯାହା ଏକ ପ୍ରସ୍ତାବିତ ପ୍ରକଳ୍ପ ନିର୍ମାଣ ପାଇଁ ସର୍ବନିମ୍ନ ଆବଶ୍ୟକତା ଅଟେ | କୋଇଡା ବାଇପାସ୍ ରାସ୍ତା ନିର୍ମାଣ ପାଇଁ ଆବଶ୍ୟକ ସର୍ବନିମ୍ନ ୦.୧୦୦୦ ଏକର ଜମି ଚିହ୍ନଟ କରାଯାଇଛି। ଅତ୍ୟାବଶ୍ୟକତା ବ୍ୟତୀତ କୌଣସି ଅତିରିକ୍ତ କିମ୍ବା ବଳକା ଜମି ଅଧିଗ୍ରହଣ କରାଯାଉ ନାହିଁ ।

ଓଡ଼ିଶା ସରକାରଙ୍କ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ଦ୍ୱାରା ଜାରି କରାଯାଇଥିବା ୪(୧) ବିଜ୍ଞପ୍ତି ଅନୁଯାୟୀ ଅଧିକ୍ଷକ ଇଞ୍ଜିନିଅର, ପୂର୍ତ୍ତ ବିଭାଗ, ଓଡିଶା ସରକାର, ରାଉରକେଲା ଦ୍ୱାରା ଏହି ପ୍ରକଳ୍ପର ନିର୍ମାଣ ଓ ପରିଚାଳନା ଦାୟୀତ୍ୱ ରହିବ । ଭାରତ ସରକାର ଏବଂ ଓଡିଶା ସରକାରଙ୍କ ପ୍ରଯୁଜ୍ୟ କାର୍ଯ୍ୟ ଅନୁଯାୟୀ ଧାର୍ଯ୍ୟ ମୂଲ୍ୟ ଆଧାରରେ ପ୍ରଭାବିତ ଜମି ମାଲିକଙ୍କଠାରୁ ବ୍ୟକ୍ତିଗତ ଜମି ସିଧାସଳଖ କ୍ରୟ କରିବାକୁ ପଡିବ | କ୍ଷେତ୍ର ସର୍ବେକ୍ଷଣରୁ ଜଣାପଡିଥିଲା ଯେ ଅଧିଗ୍ରହଣ ହେବାକୁ ଥିବା ଘରୋଇ ଜମି ମୁଖ୍ୟତଃ କୃଷିକାର୍ଯ୍ୟ ଉଦ୍ଦେଶ୍ୟରେ ବ୍ୟବହୃତ ହେଉଛି |

### ୩.୫ ପ୍ରକଳ୍ପ ପାଇଁ ସମ୍ଭାବ୍ୟ ବିକଳ୍ପ ସ୍ଥାନ

ବୈଷୟିକ ସମ୍ଭାବ୍ୟତା ଏବଂ ସର୍ବନିମ୍ନ ସାମାଜିକ ପ୍ରଭାବକୁ ବିଚାର କରିବା ପରେ ବାଇପାସ୍ ରାସ୍ତା ପ୍ରକଳ୍ପକୁ ଚୂଡ଼ାନ୍ତ କରାଯାଇଛି। ବିସ୍ଥାପନ ବୃଦ୍ଧି ନ କରି କିମ୍ବା ପ୍ରକଳ୍ପ ଦକ୍ଷତାକୁ ପ୍ରତିକୂଳ ଭାବରେ ପ୍ରଭାବିତ ନ କରି ଅନ୍ୟ କୌଣସି ବିକଳ୍ପ ସ୍ଥାନ ମିଳିଲା ସମ୍ଭବ ହୋଇ ନ ଥିଲା । ଏହି ଉଦ୍ଦେଶ୍ୟରେ ଆବଶ୍ୟକ ସରକାରୀ ଜମି ଉପଲବ୍ଧ ନ ଥିବାରୁ

କୋଇଡା ଗ୍ରାମରେ ଥିବା ଘରୋଇ ଜମିକୁ ଚିହ୍ନଟ କରାଯାଇଥିଲା ଯାହା ଶବ୍ଦ ଏବଂ ପରିବେଶ ପ୍ରଦୂଷଣ ଓ ବିସ୍ଥାପନ ପରି ପ୍ରତିକୂଳ ପ୍ରଭାବ ଯଥେଷ୍ଟ କମ୍ କାରଣ ପାଇଁ ସର୍ବୋତ୍ତମ ଉପଯୁକ୍ତ ବୋଲି ଜଣାପଡିଛି । ଏଣୁ, ପ୍ରକଳ୍ପ ପାଇଁ କୌଣସି ବିକଳ୍ପ ସ୍ଥାନ ଖୋଜିବା ଆବଶ୍ୟକ ହୋଇ ନ ଥିଲା ।

**୩.୬. ଶେଷ ଉପାୟ ଭାବରେ ଅନୁସୂଚିତ ଅଞ୍ଚଳରେ ଅଧିଗ୍ରହଣ**

ପ୍ରସ୍ତାବିତ ଜମି ଏକ ଅନୁସୂଚିତ ଅଞ୍ଚଳର ଅଂଶ । ପ୍ରକଳ୍ପ ପାଇଁ କୌଣସି ଉପଯୁକ୍ତ ସରକାରୀ କିମ୍ବା ଅବ୍ୟବହୃତ ଜମି ଉପଲବ୍ଧ ନ ଥିବା ନିଶ୍ଚିତ କରିବା ପରେ ଅଧିଗ୍ରହଣକୁ କେବଳ ଏକ ପ୍ରମାଣିତ ଶେଷ ଉପାୟ ଭାବରେ ବିବେଚନା କରାଯାଇଛି। ତେଣୁ, ଓଡିଶା ସରକାରଙ୍କ ଜମି ଅଧିଗ୍ରହଣ ନିୟମାନୁସାରେ ଜମି ଅଧିଗ୍ରହଣ କରାଯିବ ।

**୩.୭ ପୂର୍ବରୁ ଅଧିଗ୍ରହଣ କରାଯାଇଥିବା, ବିଚ୍ଛିନ୍ନ କରାଯାଇଥିବା, କିମ୍ବା ଲିଜ୍ ଦିଆଯାଇଥିବା ଜମି**

ଏହି ଅଧିଗ୍ରହଣ ଅଧୀନରେ ପ୍ରସ୍ତାବିତ କୌଣସି ଜମି ପୂର୍ବରୁ ଏହି ପ୍ରକଳ୍ପ ପାଇଁ କ୍ରୟ, ଭାଗ କିମ୍ବା ଲିଜ୍ ଦିଆଯାଇ ନାହିଁ। ଚିହ୍ନଟ ହୋଇଥିବା ଜମି ଖଣ୍ଡଟି ବିଶେଷ ଭାବରେ ବାଇପାସ୍ ନିର୍ମାଣ ପାଇଁ ଉଦ୍ଦିଷ୍ଟ ।

**୩.୮ ସାର୍ବଜନୀନ କିମ୍ବା ଅବ୍ୟବହୃତ ଜମି ବ୍ୟବହାରର ପରିସର**

କୌଣସି ଉପଯୁକ୍ତ ସାର୍ବଜନୀନ କିମ୍ବା ଅବ୍ୟବହୃତ ଜମି ଚିହ୍ନଟ କରିବା ପାଇଁ ଏକ ପ୍ରାରମ୍ଭିକ ଯାଞ୍ଚ କରାଯାଇଥିଲା। ତଥାପି, ଏପରି କୌଣସି ଜମି ଉପଲବ୍ଧ କିମ୍ବା ଦଖଲ ମୁକ୍ତ ନ ଥିଲା, ତେଣୁ ଘରୋଇ ଜମି ଅଧିଗ୍ରହଣ ଆବଶ୍ୟକ ହୋଇଗଲା ।

**୩.୯ ଅଧିଗ୍ରହଣ ହେବାକୁ ଥିବା ଜମିର ଶ୍ରେଣୀକରଣ, ପ୍ରକାର ଓ ବର୍ତ୍ତମାନର ବ୍ୟବହାର**

ଜମିକୁ ଘରୋଇ ଅନୁର୍ବର ଜମି ଭାବରେ ବର୍ଗୀକୃତ କରାଯାଇଛି । ଏହା କୃଷି କାର୍ଯ୍ୟରେ ବ୍ୟବହୃତ କରାଯାଏନାହିଁ ଏବଂ ଏହାର କୌଣସି ଜଳସେଚନ କଭରେଜ୍ କିମ୍ବା ଫସଲ ଉତ୍ପାଦନ ନାହିଁ । ତେଣୁ, ଏହି ଅଧିଗ୍ରହଣ ଖାଦ୍ୟ ଉତ୍ପାଦନ କିମ୍ବା କୃଷି ଉପରେ ଆଧାରିତ ଜୀବିକାକୁ ପ୍ରଭାବିତ କରେ ନାହିଁ। (ସାରଣୀ-୩.୨)

| **ସାରଣୀ-୩.୨ : ପ୍ରକଳ୍ପ ପ୍ରଭାବିତ ପରିବାରଙ୍କ ଜମି ବ୍ୟବହାର ଢାଞ୍ଚା (ଏକରରେ)** | |
|---|---|
| ଗ୍ରାମର ନାମ : କୋଇଡା | |
| **କୃଷି** | 9.0 (96.56) |
| **ବଗିଚା** | 0.00 (0.00) |
| **ଆବାସିକ** | 0.32 (3.44) |
| **ବାଣିଜ୍ୟିକ** | 0.00 (0.00) |
| **ଅନ୍ୟାନ୍ୟ (ଜଙ୍ଗଲ)** | 0 .00 (0.00) |
| **ପତିତ** | 0.00 (0.00) |
| **ମୋଟ** | **9.32 (100.00)** |

ଏହି ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ହେତୁ ଅନୁସୂଚିତ ଜନଜାତି ବର୍ଗର ଜମି ମାଲିକମାନଙ୍କୁ ପ୍ରଭାବିତ କରିବ, ଯେଉଁମାନେ ସାଧାରଣତଃ ନିଜ ଜମିକୁ କୃଷି ଉଦ୍ଦେଶ୍ୟରେ ବ୍ୟବହାର କରୁଛନ୍ତି । ଏହା ଜଣାପଡିଛି ଯେ ଉପରୋକ୍ତ କୃଷି ଜମିକୁ କୌଣସି ଜଳସେଚନ ସୁବିଧା ନାହିଁ |

## ୩.୧୦ ପ୍ରସ୍ତାବିତ ଜମି ଅଧିଗ୍ରହଣରେ ଖାଦ୍ୟ ନିରାପତ୍ତା ଆଇନର ବ୍ୟବସ୍ଥା

ଯେହେତୁ ଅଧିଗ୍ରହଣ ହେବାକୁ ଥିବା ଜମି ହେଉଛି ଏକ ବ୍ୟକ୍ତିଗତ ମାଲିକାନା ଥିବା ସମୁଦାୟ ଜମିର ଏକ ଛୋଟ ଅଂଶ, ତେଣୁ ସେମାନଙ୍କର କୃଷି କ୍ଷେତ୍ରରେ ଅଧିକ ପ୍ରଭାବିତ ହେବ ନାହିଁ | ତଥାପି, ସେମାନଙ୍କର ଖାଦ୍ୟ ନିରାପତ୍ତା ସୁନିଶ୍ଚିତ କରିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ ଏବଂ କୃଷି ଜମି ଉପରେ ଜମି ଅଧିଗ୍ରହଣର ପ୍ରତିକୂଳ ପ୍ରଭାବ ଏବଂ କୃଷକଙ୍କ ଜୀବିକା ନିର୍ବାହ ପାଇଁ ପଦକ୍ଷେପ ନିଆଯିବ |

ପ୍ରସ୍ତାବିତ ପ୍ରକଳ୍ପର ବିକାଶ ପାଇଁ ଜମି ଅଧିଗ୍ରହଣ କରିବା ପୂର୍ବରୁ କର୍ତ୍ତୃପକ୍ଷ ଏହାର ଉତ୍ପାଦନ, ଉତ୍ପାଦିତ ଫସଲ ଏବଂ ସ୍ଥାନୀୟ ଖାଦ୍ୟ ନିରାପତ୍ତାରେ ଏହାର ଅବଦାନ ନିର୍ଣ୍ଣୟ କରିବା ପାଇଁ କୃଷି ଜମିର ବିସ୍ତୃତ ଆକଳନ କରିଛନ୍ତି।

## ୩.୧୧ ଜମିର ଆକାର, ମାଲିକାନା ଢାଞ୍ଚା ଏବଂ ଭିତ୍ତିଭୂମି

ପ୍ରଭାବିତ ଜମିଟି ଏକକ ରେକର୍ଡ ହୋଇଥିବା ଏକ ଛୋଟ ଜମି ଯାହାର କି ୬ ଟି ପରିବାର ଅଂଶୀଦାର ଅଛନ୍ତି । ଅଧିଗ୍ରହଣ କ୍ଷେତ୍ର ମଧ୍ୟରେ କୌଣସି ଆବାସିକ ଘର, ବାସସ୍ଥାନ କିମ୍ବା ସାମୁଦାୟିକ ଭିତ୍ତିଭୂମି ଆସୁନାହିଁ ।

### ୩.୧୧.୧ ଜମି ମାଲିକାନା ପରିମାଣରେ ପରିବର୍ତ୍ତନ :

ପ୍ରସ୍ତାବିତ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ କୋଇଡା ଗ୍ରାମର ପ୍ରକଳ୍ପ ପ୍ରଭାବିତ ପରିବାର (PAFs) ମଧ୍ୟରେ ଜମିର ମାଲିକାନା ଏବଂ ବଣ୍ଟନକୁ ପରିବର୍ତ୍ତନ କରିବ ବୋଲି ଆଶା କରାଯାଉଛି। ସାରଣୀ ୩.୩ ରେ ଏହା ଦେଖାଯାଇଛି ଯେ, ସମସ୍ତ ୬ ଟି ପ୍ରଭାବିତ ପରିବାର ୫,୦୦୦ ରୁ ୯.୯୯୯ ଏକର ପର୍ଯ୍ୟନ୍ତ ଜମି ଆକାର ବର୍ଗରେ ଅଛନ୍ତି |

ଏଥିରୁ ଜଣାପଡେ ଯେ ସମସ୍ତ ୬ ଟି ପରିବାର ଏକ ସାଧାରଣ ପ୍ଲଟ୍ (ଖାତା ନମ୍ବର ୯୨, ପ୍ଲଟ୍ ନମ୍ବର ୧୫୨୮) ର ଅଂଶୀଦାର ଅଛନ୍ତି, ଯାହା ଏକ ଛୋଟ ଜମିର ଖଣ୍ଡିତ ମାଲିକାନା ସୂଚିତ କରେ । ଅଧିଗ୍ରହଣ ପରେ, ଜମି ଅଧିକାରର ପରିସ୍ଥିତି ସେହି ପୂର୍ବ ଜମି ଆକାର ବର୍ଗରେ ଅଛି ଯାହାକି ୫,୦୦୦ ରୁ ୯.୯୯୯ ଏକର ମଧ୍ୟରେ ରହିଛି ଯାହା ସୀମିତ ହୋଲ୍ଡିଂ ପ୍ରକୃତିକୁ ପ୍ରତିଫଳିତ କରେ । ତଥାପି, ଅଧିଗ୍ରହଣ ପରେ ସେମାନଙ୍କର ଜମି ନିଶ୍ଚିନ୍ତ ଭାବରେ ହ୍ରାସ ପାଇବା ହେତୁ ସେମାନଙ୍କର ଆର୍ଥିକ ଦୁର୍ବଳତାକୁ ବୃଦ୍ଧି ପାଇବାର ଆଶା କରାଯାଏ ।

**ସାରଣୀ - ୩.୩ : ଜମି ମାଲିକାନାରେ ଜମି ଅଧିଗ୍ରହଣ ପରବର୍ତ୍ତି ପରିବର୍ତ୍ତନ**

| ଗ୍ରାମ | _Kì _bìaZ cìf Kì^ìùe [aì Rcìe @ìKìe (GKe) | _Kì _aeì | | Rcì @]MjY_ùe | |
|---|---|---|---|---|---|
| | | ପ୍ରଭାବିତ ପରିବାରଙ୍କ ସଂଖ୍ୟା | ସମୁଦାୟର ଶତକଡା (%) | ପ୍ରଭାବିତ ପରିବାରଙ୍କ ସଂଖ୍ୟା | ସମୁଦାୟର ଶତକଡା (%) |
| କୋଇଡା | 0.001 ରୁ 0.499 | 0 | - | 0 | - |
| | 0.500 ରୁ 0.999 | 0 | - | 0 | - |
| | 1.000 ରୁ 1.999 | 0 | - | 0 | - |
| | 2.000 ରୁ 4.999 | 0 | - | 0 | - |
| | 5.000 ରୁ 9.999 | 6 | 100.00 | 6 | 100.00 |
| | 10.000 ରୁ ଉର୍ଦ୍ଧ | 0 | - | 0 | - |
| ମୋଟ | | 6 | 100.00 | 6 | 100.00 |

*(ଉତ୍ସ : କ୍ଷେତ୍ର ସର୍ବେକ୍ଷଣ ତଥ୍ୟ )*

### ୩.୧୧.୨ ଜମି ବଣ୍ଟନ :

ପ୍ରସ୍ତାବିତ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ଫଳରେ ସମସ୍ତ ୬ ଟି ଅନୁସୂଚିତ ଜାତି ବିଶିଷ୍ଟ ପରିବାର ପ୍ରଭାବିତ ହେବେ। ସେମାନଙ୍କର ସର୍ବମୋଟ ଜମିରୁ କେବଳ ୦.୧୦୦୦ ଏକର ଅଧିଗ୍ରହଣ କରାଯିବ, ଯାହା ସେମାନଙ୍କ ସମ୍ପୂର୍ଣ୍ଣ ଜମିର ଏକ ଅତ୍ୟନ୍ତ ଛୋଟ ଅଂଶ ଅଟେ । ଏହି କାରଣରୁ, ଏହି ଜମିର ହାନି ସେମାନଙ୍କର କୃଷି କାର୍ଯ୍ୟକଳାପ କିମ୍ବା ଜୀବିକା ଉପରେ ବିଶେଷ ପ୍ରଭାବ ପକାଇବ ନାହିଁ । କିନ୍ତୁ, ସେମାନଙ୍କର ଜମି ସଂପତ୍ତିର ହ୍ରାସତା, ସାମାଜିକ ସ୍ଥିତିକୁ ଦୁର୍ବଳ କରିପାରେ, କାରଣ ଜମିକୁ ସଂକଟ ସମୟରେ ଗୁରୁତ୍ୱପୂର୍ଣ୍ଣ ସଂପତ୍ତି ବୋଲି ଧରାଯାଏ। ପ୍ରଭାବିତ ପରିବାରମାନଙ୍କ ଜାତି ଅନୁସାରେ ଜମି ବଣ୍ଟନର ବିବରଣୀ ଟେବୁଲ-୩.୪ରେ ଦିଆଯାଇଛି ।

**iìeYì ୩.୪: RìZ j iìaùe ଜମି ବଣ୍ଟନ**

| ଗ୍ରାମ | RìZ | ùcìU _eaìe | ic\ìd Rc cìf Kì^ìe _ecìY (GKe) | ic\ìd Rc @]MjY _ecìY (GKe) | @]MjY ପରେ Rc cìf Kì^ìe _ecìY (GKe) | jìeìjìe Rc cìf Kì^ìe _ecìY (GKe) |
|---|---|---|---|---|---|---|
| କୋଇଡା | @^ i PìZ RìZ | 0 | - | - | - | - |
| | @^ i PìZ R^RìZ | 1 | 9.32 | 0.10 | 1.07 | 0.10 |
| | @^ýì^ý _Q@ìaM | 0 | - | - | - | - |
| | iì]ìeY aM | 0 | - | - | - | - |
| | ମୋଟ | 1 | 9.32 | 0.10 | 1.07 | 0.10 |

*(ଉତ୍ସ : କ୍ଷେତ୍ର ସର୍ବେକ୍ଷଣ ତଥ୍ୟ )*

### ୩.୧୧.୩ ଭିତ୍ତିଭୂମି ଏବଂ ସେବାଗୁଡିକର ସ୍ଥିତି

ପ୍ରସ୍ତାବିତ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ପ୍ରକଳ୍ପ କ୍ଷେତ୍ରରେ କିଛି ଭିତ୍ତିଭୂମି ସୁବିଧା ଉପରେ ପ୍ରଭାବ ପକାଇପାରେ | ପ୍ରକଳ୍ପ ପ୍ରଭାବିତ ଗ୍ରାମଗୁଡିକରେ ଉପଲବ୍ଧ ଭିତ୍ତିଭୂମିର ବିବରଣୀ ସାରଣୀ- **୩.୫** ରେ ଦିଆଯାଇଛି |

**i¡eYú - ୩.୫ : _Kì _b¡aZ M¡cùe [a¡ b୍ତ¡bc**

| M¡c | ଭିତ୍ତିଭୂମି | | ମୋଟ |
|---|---|---|---|
| କୋଇଡା | e¡É¡ | Kyi | 1 |
| | | _Ki | 6 |
| | | ùc¡ec | 1 |
| | Rke Ci | K@ | 0 |
| | | ^kK_ | 4 |
| | | j¡Z _µ | 0 |
| | | _¡A_ f¡A^ | 0 |
| | | ଗଭୀର ନଳକୂପ | 0 |
| | @^ý¡^ý | aRk | ଉପଲବ୍ଧ |
| | | ଶ୍ମଶାନ | 0 |
| | | AU¡b¡U | 0 |
| | | aR¡e | 0 |
| | | ùM¡e j¡U | 0 |
| | | M¡cýg ì | 0 |
| | | M¡c ùM¡Â Ne | 1 |
| | | _¡[ ^¡ ଗୃହ | 0 |

*ଉତ୍ସ : କ୍ଷେତ୍ର ସର୍ବେକ୍ଷଣ ତଥ୍ୟ*

### ୩.୧୧.୪ ଗ୍ରାମ ସ୍ତରୀୟ ଅନୁଷ୍ଠାନ

ପ୍ରକଳ୍ପ ପ୍ରଭାବିତ ଗ୍ରାମଗୁଡିକରେ ଅଙ୍ଗନବାଡି କେନ୍ଦ୍ର, ବ୍ୟାଙ୍କ, ଡାକଘର, ପଞ୍ଚାୟତ ଘର, ବିଦ୍ୟାଳୟ, କଲେଜ, ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଏବଂ ସୁଲଭ ମୂଲ୍ୟ ଦୋକାନ ଭଳି ବିଭିନ୍ନ ଗ୍ରାମ ସ୍ତରୀୟ ଅନୁଷ୍ଠାନ ଉପଲବ୍ଧ ଏବଂ ଏହିପରି ଅନୁଷ୍ଠାନ ସ୍ଥାନାନ୍ତର ହେବାର କୌଣସି ସମ୍ଭାବନା ନାହିଁ | ଅନୁଷ୍ଠାନଗୁଡିକର ଗ୍ରାମ ସ୍ତରର ଉପଲବ୍ଧତା ସାରଣୀ **୩.୬** ରେ ଦିଆଯାଇଛି |

**i¡eYú - ୩.୬ : _Kì @¡Pkùe [a¡ M¡cÉe¡d @^Â¡^**

| M¡c | @^Â¡^ | | ମୋଟ |
|---|---|---|---|
| କୋଇଡା | M¡cý @^Â¡^ | @w^a¡W ùK¦ | 1 |
| | | _¡PidZ ba^ | 0 |
| | | W¡KNe | 0 |
| | | ù_¡f i `¡S | 0 |
| | | ay¡u | 0 |
| | | i ca¡d icZ | 0 |
| | | i fb aKd ùK¦ | 0 |
| | gl¡^Â¡^ | ପ୍ରାଇମେରୀ ସ୍କୁଲ | 1 |
| | | ùa¡gdK/ cj¡a\ý¡kd | 0 |
| | Ê¡iý ùi¡a | ସର୍ବସାଧାରଣ ସ୍ୱାସ୍ଥ୍ୟ କେନ୍ଦ୍ର | 0 |
| | | ଉପ ସ୍ୱାସ୍ଥ୍ୟ କେନ୍ଦ୍ର | 0 |
| | | ସ୍ୱାସ୍ଥ୍ୟ ସାହାୟିକା | 0 |
| | | ଔଷଧାଳୟ | 0 |
| | | ପଶୁ ଚିକିତ୍ସାଳୟ | 0 |

*ଉତ୍ସ : କ୍ଷେତ୍ର ସର୍ବେକ୍ଷଣ ତଥ୍ୟ*

### ୩.୧୧.୫ ବିକ୍ରୟ ଏବଂ ସେବା କେନ୍ଦ୍ରଗୁଡିକ

ଗ୍ରାମବାସୀଙ୍କ ଚାହିଦା ପୂରଣ କରିବା ପାଇଁ ପ୍ରକଳ୍ପ ପ୍ରଭାବିତ ଗ୍ରାମଗୁଡିକରେ ଅନେକ ସେବା କେନ୍ଦ୍ର ଏବଂ ସେବା ବ୍ୟକ୍ତି ଉପଲବ୍ଧ | ସେଗୁଡିକର ବିବରଣୀ ସାରଣୀ-୩.୭ ରେ ଦର୍ଶାଯାଇଛି ।

**ସାରଣୀ- ୩.୭: ପ୍ରକଳ୍ପ ଅଂଚଳରେ ଥିବା ବିକ୍ରୟ ଏବଂ ସେବା କେନ୍ଦ୍ର**

| Mîc | ବିଭିନ୍ନ ସେବାକେନ୍ଦ୍ର | | ମୋଟ |
|---|---|---|---|
| କୋଇଡା | ଦୋକାନ | f Mîù \ îKî^ | 0 |
| | | ùZReîZ ù \ îKî^ | 1 |
| | | Jh] ù \ îKî^ | 0 |
| | | jîWù lîdîe ù \ îKî^ | 0 |
| | | ù jîùU f | 0 |
| | ସେବା କେନ୍ଦ୍ର | @UîKk | 0 |
| | | ଟ୍ରାକଟର ମରାମତି ଗ୍ୟାରେଜ | 0 |
| | | ସାଇକେଲ ମରାମତି ଦୋକାନ | 0 |
| | ସେବା ପ୍ରଦାନକାରୀ | aîeK | 0 |
| | | aùXA | 0 |
| | | Kcîe | 0 |
| | | aY@î | 0 |
| | | ଦର୍ଜୀ ଦୋକାନ | 1 |
| | | K¸îe / eîRcÈ | 3 |
| | | ଧୋବା | 0 |

*ଉତ୍ସ : କ୍ଷେତ୍ର ସର୍ବେକ୍ଷଣ ତଥ୍ୟ*

### ୩.୧୨ ଜମି ମୂଲ୍ୟ ଏବଂ ମାଲିକାନାର ପରିବର୍ତ୍ତନ

ଗତ ତିନି ବର୍ଷ ମଧ୍ୟରେ କୋଇଡାରେ ଜମିର ମୂଲ୍ୟ ସ୍ୱଳ୍ପ ବୃଦ୍ଧି ପାଇଛି, ଯାହା ମୁଖ୍ୟତଃ ଖଣି କାର୍ଯ୍ୟକଳାପ ଏବଂ ଭିତ୍ତିଭୂମି ବିକାଶ ଦ୍ୱାରା ପ୍ରଭାବିତ ହୋଇଛି। ତଥାପି, ସମ୍ପୃକ୍ତ ପ୍ଲଟ୍ ପାଇଁ ସମ୍ପ୍ରତି କୌଣସି ଗୁରୁତ୍ୱପୂର୍ଣ୍ଣ ସ୍ଥାନାନ୍ତର କିମ୍ବା ଅନୁମାନିକ ମାଲିକାନା ପରିବର୍ତ୍ତନ ପରିଲକ୍ଷିତ ହୋଇନାହିଁ ।

**ଅଧ୍ୟାୟ – ୪**

# ପ୍ରଭାବିତ ପରିବାର ଓ ସମ୍ପତ୍ତିର ଆକଳନ

## ୪.୧ ଉପକ୍ରମ

ଏକ ବିସ୍ତୃତ ସାମାଜିକ ପ୍ରଭାବ ମୂଲ୍ୟାଙ୍କନ (ଏସ.ଆଇ.ଏ.) ପରିଚାଳନାରେ, ପ୍ରଭାବିତ ପରିବାର ଏବଂ ସମ୍ପତ୍ତିର ଆକଳନ ଓ ଗଣନାକୁ ମୌଳିକ ଉପାଦାନ ଭାବରେ ବିଚାର କରାଯାଇଥାଏ | ମୂଲ୍ୟାଙ୍କନ ପ୍ରକ୍ରିୟାର ଏହି ଅଂଶ ବାସ୍ତବରେ ଗୁରୁତ୍ୱପୂର୍ଣ୍ଣ | ଆମେ ସମସ୍ତ ଘର ଏବଂ ଜିନିଷଗୁଡିକ ଯତ୍ନର ସହିତ ତାଲିକାଭୁକ୍ତ କରୁ ଯାହା ପ୍ରଭାବିତ ହୋଇପାରେ, ଯେପରିକି କୋଠା ଏବଂ ଲୋକଙ୍କ ଭାବନା କିମ୍ବା ପରମ୍ପରା | ପ୍ରକଳ୍ପ ନିର୍ମାଣ ପରବର୍ତ୍ତୀ ପରିବର୍ତ୍ତନଗୁଡିକ ସମ୍ପ୍ରଦାୟ ଏବଂ ଅର୍ଥନୀତି ଉପରେ କିପରି ପ୍ରଭାବ ପକାଇପାରେ ତାହା ବୁଝିବାରେ ସାହାଯ୍ୟ କରେ | ଅନେକ ତଥ୍ୟ ସଂଗ୍ରହ କରି ଏବଂ ଭଲ ବିଶ୍ଳେଷଣ ପଦ୍ଧତି ବ୍ୟବହାର କରି, ଆମେ ଉନ୍ନତ ନିଷ୍ପତ୍ତି ନେଇପାରିବା, ସମ୍ପ୍ରଦାୟକୁ ଜଡିତ କରିପାରିବା ଏବଂ ସୁନିଶ୍ଚିତ କରିପାରିବା ଯେ ଉତ୍ସଗୁଡିକ ଦୀର୍ଘକାଳୀନ ଅଭିବୃଦ୍ଧି ପାଇଁ ଯଥାର୍ଥ ହୋଇଛି |

## ୪.୨ ପରିବାରଗୁଡ଼ିକର ଗଣନା:

କୋଇଡା ଗ୍ରାମରେ ପରିବାର ମାନଙ୍କର ସର୍ଭେ, ପ୍ରମୁଖ ସୂଚନାଦାତାଙ୍କ ସାକ୍ଷାତକାର ଏବଂ ଅଧିଗ୍ରହଣ ଅନ୍ତର୍ଗତ ପ୍ରସ୍ତାବିତ ଅଞ୍ଚଳର ଗ୍ରାମ ରାଜସ୍ୱ ରେକର୍ଡ ସହିତ ଯାଞ୍ଚ ମାଧ୍ୟମରେ ପ୍ରଭାବିତ ପରିବାର ଗୁଡ଼ିକର ଗଣନା କରାଯାଇଛି। ଉଦ୍ଦେଶ୍ୟ ହେଉଛି ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହୋଇପାରୁଥିବା ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବରେ ପ୍ରଭାବିତ ପରିବାରଗୁଡ଼ିକର ବିଭିନ୍ନ ବର୍ଗ ଏବଂ ସମ୍ପତ୍ତିର ତାଲିକା ଚିହ୍ନଟ କରିବା ।

**କ) ଭଡାସୂତ୍ରରେ କିମ୍ବା ଭାଗରେ ଦିଆଯାଇଥିବା ଜମି**

କ୍ଷେତ୍ର ସର୍ବେକ୍ଷଣ ସମୟରେ ଏହା ଦେଖାଯାଇଛି ଯେ ପ୍ରସ୍ତାବିତ ପ୍ରକଳ୍ପ ପାଇଁ ଅଧିଗ୍ରହଣ ହେବାକୁ ଥିବା ସମସ୍ତ ଜମି ପ୍ରାୟତ ଚାଷ ଜମି ଏବଂ ସେପରି କୌଣସି ଜମି ଭଡାସୂତ୍ରରେ ଦିଆଯାଇ ନ ଥିଲା ।

**ଖ) ଜଙ୍ଗଲ ଅଧିକାର ହରାଉଥିବା ଅନୁସୂଚିତ ଜନଜାତିର ପରିବାର ଏବଂ ଅନ୍ୟାନ୍ୟ ଜଙ୍ଗଲ ଉପରେ ନିର୍ଭର କରୁଥିବା ବାସିନ୍ଦା**

ପ୍ରସ୍ତାବିତ ପ୍ରକଳ୍ପ ପାଇଁ ଅଧିଗ୍ରହଣ ହୋଇଥିବା ଜମିରେ କୌଣସି ଜଙ୍ଗଲ ଜମି ନାହିଁ, ତେଣୁ ଜଙ୍ଗଲ ଅଧିକାର ହରାଉଥିବା କୌଣସି ବ୍ୟକ୍ତିଙ୍କ ପ୍ରଶ୍ନ ଉଠୁନାହିଁ ।

**ଗ) କୃଷି ଶ୍ରମିକ, ଭାଗଚାଷୀ, ଅଂଶଧନକାରୀ କିମ୍ବା କାରିଗରଙ୍କ ପରିବାର ଯେଉଁମାନେ ଜମି ଅଧିଗ୍ରହଣ ପୂର୍ବରୁ ତିନି ବର୍ଷ ଧରି ପ୍ରଭାବିତ ଅଞ୍ଚଳରେ କାର୍ଯ୍ୟ କରି ଆସୁଛନ୍ତି |**

କ୍ଷେତ୍ର ସର୍ବେକ୍ଷଣ ସମୟରେ ସେପରି କୌଣସି ତଥ୍ୟ ମିଳିପାରି ନ ଥିଲା |

**ଘ) ଯେଉଁ ପରିବାରମାନଙ୍କୁ ରାଜ୍ୟ ସରକାର କିମ୍ବା କେନ୍ଦ୍ର ସରକାରଙ୍କ ଯୋଜନା ମାଧ୍ୟମରେ ଜମି ନ୍ୟସ୍ତ କରିଛନ୍ତି**

କ୍ଷେତ୍ର ସର୍ବେକ୍ଷଣ ସମୟରେ ସେପରି କୌଣସି ତଥ୍ୟ ମିଳିପାରି ନଥିଲା

**ଙ) ଯେଉଁ ପରିବାରମାନେ ଜମି ଅଧିଗ୍ରହଣ ପୂର୍ବରୁ ତିନି ବର୍ଷ କିମ୍ବା ତଦୁର୍ଦ୍ଧ ସହରାଞ୍ଚଳର ରହିଆସୁଛନ୍ତି।**

କ୍ଷେତ୍ର ସର୍ବେକ୍ଷଣ ସମୟରେ ସେପରି କୌଣସି ତଥ୍ୟ ମିଳିପାରି ନଥିଲା ।

**ଚ) ପ୍ରକଳ୍ପ ଦ୍ୱାରା ପରୋକ୍ଷରେ ପ୍ରଭାବିତ ପରିବାରଗୁଡିକ (ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହକାରୀ, ଶିକାରୀ, ମତ୍ସ୍ୟଜୀବୀ, ନାଉରି ଇତ୍ୟାଦି)**

କ୍ଷେତ୍ର ସର୍ବେକ୍ଷଣ ସମୟରେ ସେପରି କୌଣସି ତଥ୍ୟ ମିଳିପାରି ନଥିଲା ।

## ୪.୩ ପ୍ରକଳ୍ପ ପ୍ରଭାବିତ ଜମି ମାଲିକଙ୍କ ଉପରେ ପ୍ରଭାବ

### ୪.୩.୧ ଜମି ଅଧିଗ୍ରହଣ ପରେ ଜମି ମାଲିକାନା ଢାଞ୍ଚାରେ ପରିବର୍ତ୍ତନ

ଜମି ମାଲିକାନାରେ ଜମି ଅଧିଗ୍ରହଣ ପରବର୍ତ୍ତି ପରିବର୍ତ୍ତନ ଉପୋରକ୍ତ ସାରଣୀ – ୩.୩ ରେ ଦର୍ଶାଯାଇଛି

### ୪.୩.୨ **R|Z j i|aùe** ଅଧିଗ୍ରହଣ ପରବର୍ତ୍ତି ପରିବର୍ତ୍ତନ:

**R|Z j i|aùe** ଅଧିଗ୍ରହଣ ପରବର୍ତ୍ତି ପରିବର୍ତ୍ତନ ଅଧ୍ୟାୟ-୩ ର ସାରଣୀ - ୩. ୪ ରେ ଦର୍ଶାଯାଇଛି ।

ପ୍ରସ୍ତାବିତ ପ୍ରକଳ୍ପ ପାଇଁ ଅଧିଗ୍ରହଣ ହେବାକୁ ଥିବା ଜମିଗୁଡ଼ିକ ହେଉଛି ପ୍ରାୟତଃ କୃଷି ଏବଂ ପତିତ ଜମି | ନିୟମ ଅନୁଯାୟୀ କ୍ଷତିପୂରଣ ପ୍ରଦାନରେ ବ୍ୟକ୍ତିଗତ ଲୋକଙ୍କଠାରୁ ଜମି ଅଧିଗ୍ରହଣ କରାଯିବ। କ୍ଷତିପୂରଣ ଏହି ଅଞ୍ଚଳର ବଜାର ମୂଲ୍ୟଠାରୁ ବହୁତ ଅଧିକ | ଏହାଦ୍ୱାରା ଜମି ହରାଉଥିବା ବ୍ୟକ୍ତିମାନେ ସେମାନଙ୍କର ଜୀବିକା ଫେରାଇ ଆଣିବା ପାଇଁ ଅତିରିକ୍ତ ଜମି କ୍ରୟ କରିବାକୁ ସକ୍ଷମ ହେବେ ।

ଅଧିଗ୍ରହଣ କରାଯାଉଥିବା ସମୁଦାୟ ଜମିର ପରିମାଣ ମାତ୍ର ୦.୧୦୦୦ ଏକର ଏବଂ ଏହା ଏହି ଅଂଚଳରେ ଥିବା ସମୁଦାୟ ଜମିର ଏକ ଛୋଟ ଅଂଶ ମାତ୍ର । ସର୍ଭେ କରାଯାଇଥିବା ଲୋକମାନଙ୍କ ସହିତ ଆଲୋଚନା ଏବଂ କେନ୍ଦ୍ରୀଭୂତ ଗୋଷ୍ଠୀ ଆଲୋଚନାରୁ ଏହା ସୂଚନା ମିଳିଛି ଯେ, କ୍ଷତିପୂରଣ ରାଶି ଏହି ଅଞ୍ଚଳର ବଜାର ମୂଲ୍ୟଠାରୁ ବହୁତ ଅଧିକ | ଏହାଦ୍ୱାରା ଜମି ହରାଉଥିବା ବ୍ୟକ୍ତିମାନେ ସେମାନଙ୍କର ଜୀବିକା ଫେରାଇ ଆଣିବା ପାଇଁ ଅତିରିକ୍ତ ଜମି କ୍ରୟ କରିବାକୁ ସକ୍ଷମ ହେବେ ।

**ଅଧ୍ୟାୟ – ୫**

# ସାମାଜିକ-ଅର୍ଥନୈତିକ ଏବଂ ସାଂସ୍କୃତିକ ରୂପରେଖ

## ୫.୧ ଉପକ୍ରମ

ଆଧାର-ରେଖା ସର୍ବେକ୍ଷଣ (Baseline Survey), ଜନସଂଖ୍ୟା ଏବଂ ସାମାଜିକ-ଅର୍ଥନୈତିକ ଅବସ୍ଥା, ଜମି ବ୍ୟବହାର ଢାଞ୍ଚା ଏବଂ ପ୍ରକଳ୍ପ ପ୍ରଭାବିତ ଅଞ୍ଚଳର ସାମାଜିକ ତଥା ସାଂସ୍କୃତିକ ମୂଲ୍ୟବୋଧ ବିଷୟରେ ସୂଚନା ଦଲିଲ କରିବା ଇତ୍ୟାଦି ହେଉଛି ସାମାଜିକ-ଅର୍ଥନୈତିକ ଏବଂ ସାଂସ୍କୃତିକ ରୂପରେଖ | ବର୍ତ୍ତମାନର ସାମାଜିକ-ଅର୍ଥନୈତିକ ପରିସ୍ଥିତିର ମୂଲ୍ୟାଙ୍କନ କରିବା ପାଇଁ ଏହା କ୍ଷେତ୍ରର ବିଦ୍ୟମାନ ଅର୍ଥନୈତିକ, ଜୈବ-ଭୌତିକ, ପରିବେଶୀୟ ଏବଂ ସାମାଜିକ ପରିସ୍ଥିତି ସମ୍ବନ୍ଧୀୟ ସୂଚନାର ଆବଶ୍ୟକ ହୋଇଥାଏ | ଏହି ସର୍ଭେ ବିଦ୍ୟମାନ ପରିସ୍ଥିତି ଏବଂ ପରିବେଶର ପରିବର୍ତ୍ତନଗୁଡିକର ମୂଲ୍ୟାଙ୍କନ କରିବାରେ ସାହାଯ୍ୟ କରେ | ଏହି ଉଦ୍ଦେଶ୍ୟ ପାଇଁ, ଅତ୍ୟାଧୁନିକ ଜନସଂଖ୍ୟା ରୂପରେଖ ଏବଂ ଏହି ଅଞ୍ଚଳର ସାମଗ୍ରିକ ସମ୍ପ୍ରଦାୟର ଉନ୍ନତି ଅଧ୍ୟୟନ କରିବା ଜରୁରୀ |

ଜନଗଣନା ଆଧାରରେ ପ୍ରକଳ୍ପ ପ୍ରଭାବିତ କୋଇଡା ଗ୍ରାମରେ ସାମାଜିକ-ଅର୍ଥନୈତିକ ସର୍ଭେ କରାଯାଇଥିଲା | ଜନସଂଖ୍ୟା, ସାମାଜିକ ଏବଂ ଅର୍ଥନୈତିକ ବୈଶିଷ୍ଟ୍ୟ, ଭିତ୍ତିଭୂମି, ରୋଜଗାର ପରିସ୍ଥିତି, ସମ୍ପ୍ରଦାୟର ସମ୍ବଳ ଏବଂ ଅନ୍ୟାନ୍ୟ ଦିଗ ଯଥା ପ୍ରକଳ୍ପ ବିଷୟରେ ସଚେତନତା ଏବଂ ଧାରଣା ଇତ୍ୟାଦି ସମ୍ବନ୍ଧୀୟ ତଥ୍ୟ ସଂଗ୍ରହ କରାଯାଇଥିଲା | ଓଡିଶା ସରକାରଙ୍କ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗର ୪(୧) ବିଜ୍ଞପ୍ତି ଅନୁଯାୟୀ, କୋଇଡା ତହସିଲର କୋଇଡା ଗ୍ରାମରେ ୧ଟି ପରିବାରକୁ ସର୍ବେକ୍ଷଣ କରିବାକୁ ଥିବାବେଳେ ପ୍ରକୃତରେ ୬ଟି ପ୍ରଭାବିତ ପରିବାରଙ୍କୁ ସଂଖ୍ୟାନୁସାରେ ସର୍ବେକ୍ଷଣ କରାଯାଇପାରିଥିଲା । ଏଥିସହ ଉପରୋକ୍ତ ଗ୍ରାମର ୧୦ ଟି ଅଣ-ପ୍ରଭାବିତ ପରିବାରକୁ ନମୁନା ଆଧାରରେ ମଧ୍ୟ ସର୍ଭେ କରାଯାଇଥିଲା । ସର୍ବେକ୍ଷଣ କରାଯାଇଥିବା ପରିବାରଗୁଡିକର ସାମାଜିକ-ଅର୍ଥନୈତିକ ରୂପରେଖ ଏହି ଅଧ୍ୟାୟରେ ଉପସ୍ଥାପିତ ହୋଇଛି |

## ୫.୨ ପ୍ରକଳ୍ପ ପ୍ରଭାବିତ ଗ୍ରାମର ଜନ ସାଂଖ୍ୟିକ ସ୍ଥିତି

ଜନସାଂଖ୍ୟିକ ବିଶେଷତା ଯଥା ବୟସ ବର୍ଗ, ଏବଂ ଲିଙ୍ଗ ସଂଯୋଜନା ଇତ୍ୟାଦି ବୈଶିଷ୍ଟ୍ୟ ଗୁଡିକ ଏକ ଗୋଷ୍ଠୀସମାଜର ବିକାଶ ସ୍ତର ଏବଂ ଜୀବନ ପ୍ରତି ଏହାର ମନୋଭାବର ଗୁରୁତ୍ୱପୂର୍ଣ୍ଣ ସୂଚକ ଅଟେ | ଲିଙ୍ଗ ଅନୁପାତ ଏକ ସମାଜର ସାମାଜିକ ସ୍ଥିତି ବିଷୟରେ କହିଥାଏ | ଏକ ସମାଜରେ ମହିଳା ମାନଙ୍କ ପ୍ରତି ବ୍ୟବହାର ସମ୍ବନ୍ଧୀୟ ତଥ୍ୟ ଏହାର ଲିଂଗାନୁପାତ ତଥ୍ୟରୁ ସ୍ପଷ୍ଟ ହୋଇଥାଏ ।

ପ୍ରସ୍ତାବିତ ପ୍ରକଳ୍ପ ନିମନ୍ତେ କୋଇଡା ତହସିଲର କୋଇଡା ଗ୍ରାମରୁ ଘରୋଇ ଜମି ଅଧିଗ୍ରହଣ ଆବଶ୍ୟକ | ଜମି ହରାଉଥିବା ପରିବାର ଗୁଡିକ ଉପରେ ସିଧାସଳଖ ପ୍ରଭାବ ପକାଇବା ବ୍ୟତୀତ ଗ୍ରାମବାସୀଙ୍କ ଜୀବନରେ ବାଧା ସୃଷ୍ଟି କରିବ | ପ୍ରକଳ୍ପ ପ୍ରଭାବିତ ତହସିଲର ଜନ ସାଂଖ୍ୟିକ ସ୍ଥିତି ସାରଣୀ – ୫.୧ ରେ ସୂଚିତ କରାଯାଇଛି |

| ସାରଣୀ - ୫.୧ : ସୁନ୍ଦରଗଡ଼ ଜିଲ୍ଲାର କୋଇଡା ତହସିଲର ଜନସାଂଖ୍ୟିକ ସ୍ଥିତି | |
|---|---|
| ବର୍ଣ୍ଣନା | ତହସିଲ : କୋଇଡା |
| ବର୍ଷ | ୨୦୧୧ |
| ଜନସଂଖ୍ୟା | ୪୦୮୨୪ |
| ପୁରୁଷ | ୨୦୮୧୦ |
| ମହିଳା | ୨୦୦୧୪ |
| ସମୁଦାୟ କ୍ଷେତ୍ର | ୩୪୩.୬୪ ବର୍ଗ କି: |
| ଲିଙ୍ଗ ଅନୁପାତ (ପ୍ରତି ୧୦୦୦ ରେ) | ୯୬୧ |
| ସମୁଦାୟ ଶିଶୁ ସଂଖ୍ୟା (୦-୬ ବର୍ଷ) | ୭,୬୬୨ |
| ପୁରୁଷ ଶିଶୁ (୦-୬ ବର୍ଷ) | ୩,୭୮୭ |
| ମହିଳା ଶିଶୁ (୦-୬ ବର୍ଷ) | ୩,୮୭୫ |
| ହାରାହାରି ସାକ୍ଷରତା | ୪୬.୧୩ |
| ସମୁଦାୟ ସାକ୍ଷରତା | ୧୮,୮୩୨ |
| ପୁରୁଷ ସାକ୍ଷରତା | ୧୧,୮୦୨ |
| ମହିଳା ସାକ୍ଷରତା | ୭୦୨୯ |

***ଉତ୍ସ : ଜନଗଣନା ୨୦୧୧***

୨୦୧୧ ର ଜନଗଣନା ଅନୁସାରେ, ସୁନ୍ଦରଗଡ଼ ଜିଲ୍ଲାର କୋଇଡା ତହସିଲର ମୋଟ ଜନସଂଖ୍ୟା ୪୦,୮୨୪, ଯେଉଁଥିରୁ ୨୦,୮୧୦ ପୁରୁଷ ଏବଂ ୨୦,୦୧୪ ମହିଳା ଅଟନ୍ତି । ଏହି ତହସିଲର ଭୌଗୋଳିକ କ୍ଷେତ୍ରଫଳ ୩୪୩.୬୪ ବର୍ଗ କି.ମି.। ଲିଙ୍ଗ ଅନୁପାତ ୯୬୧ (ପ୍ରତି ୧୦୦୦ ପୁରୁଷଙ୍କୁ ୯୬୧ ମହିଳା), ଯାହା ରାଜ୍ୟ ହାର ଠାରୁ କିଛି କମ୍ ।

ଶିଶୁ ଜନସଂଖ୍ୟା (୦–୬ ବର୍ଷ) ୭,୬୬୨, ଯେଉଁଥିରୁ ୩୭୮୭ ପୁରୁଷ ଶିଶୁ ଏବଂ ୩୮୭୫ ମହିଳା ଶିଶୁ । ଏଥିରୁ ସ୍ପଷ୍ଟ ଯେ ଶିଶୁ ଲିଙ୍ଗ ଅନୁପାତ ସାଧାରଣ ଲିଙ୍ଗ ଅନୁପାତ ଠାରୁ କିଛି ଅଧିକ, ଯାହା ନୂଆ ପିଢ଼ୀରେ ଲିଙ୍ଗ ସମତାର ସୂଚନା କରେ।

ଶିକ୍ଷା ସ୍ଥିତି ଦୃଷ୍ଟିରୁ, ତହସିଲରେ ମୋଟ ସାକ୍ଷର ୧୮୮୩୧ ମଧ୍ୟରୁ ୧୧୮୦୨ ପୁରୁଷ ସାକ୍ଷର ଏବଂ ୭୦୨୯ ମହିଳା ସାକ୍ଷର । ଏହା ମାଧ୍ୟମରେ ସାଧାରଣ ସାକ୍ଷରତା ହାର ୪୬.୧୩%, ଯାହା ରାଜ୍ୟ ଓ ଜାତୀୟ ହାର ଠାରୁ କମ୍ । ପୁରୁଷ ଓ ମହିଳା ସାକ୍ଷରତାରେ ସ୍ପଷ୍ଟ ଅସମତୁଳନ ରହିଛି, ଯାହା ନାରୀ ଶିକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ଲକ୍ଷ୍ୟଭିତ୍ତିକ କାର୍ଯ୍ୟକ୍ରମ ଆବଶ୍ୟକତାକୁ ଆହ୍ୱାନ କରୁଛି ।

ସାମଗ୍ରିକ ଭାବରେ, କୋଇଡା ତହସିଲର ଜନ ସାଂଖ୍ୟିକ ସ୍ଥିତିରୁ ଏହା ସ୍ପଷ୍ଟ ଯେ ଏଠାର ଜନସଂଖ୍ୟାରେ ନୂତନ ପିଢ଼ୀର ପ୍ରାଧାନ୍ୟ, ସାଧାରଣ ଲିଙ୍ଗ ସମତୁଳନ ଓ କମ୍ ସାକ୍ଷରତା ହାର ରହିଛି ଏବଂ ବିଶେଷକରି ମହିଳା ମାନଙ୍କର ଶିକ୍ଷାସ୍ଥିତି ପଛୁଆ । ତେଣୁ ଏହି ଅଞ୍ଚଳରେ ଜୀବିକା, ବିକାଶ ଓ ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମ ପ୍ରସ୍ତୁତି ସମୟରେ ଏହାକୁ ଗୁରୁତ୍ୱର ସହିତ ବିବେଚନା କରାଯିବା ଆବଶ୍ୟକ ।

କୋଇଡା ତହସିଲର ଜନସଂଖ୍ୟାଗତ ତଥ୍ୟ ଦର୍ଶାଏ ଯେ ଏଠାରେ କମ୍ ବୟସ ଗୋଷ୍ଠୀର ଜନସଂଖ୍ୟା, ମଧ୍ୟମ ଲିଙ୍ଗ ସନ୍ତୁଳନ, କିନ୍ତୁ ପୁରୁଷ ଏବଂ ମହିଳାଙ୍କ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ପାର୍ଥକ୍ୟ ସହିତ ସାକ୍ଷରତା ସ୍ତର କମ୍ । ଏହି ଅଞ୍ଚଳରେ ପ୍ରକଳ୍ପ ବିକାଶ, ଜୀବିକା ନିର୍ବାହ ରଣନୀତି ଏବଂ କଲ୍ୟାଣକାରୀ ହସ୍ତକ୍ଷେପ ଯୋଜନା କରିବା ସମୟରେ ଏହି ସାମାଜିକ-ଅର୍ଥନୈତିକ ପୃଷ୍ଠଭୂମିକୁ ସତର୍କତାର ସହ ବିଚାର କରାଯିବା ଆବଶ୍ୟକ ।-

୫.୨.୧ ପ୍ରକଳ୍ପ ପ୍ରଭାବିତ ପରିବାର ଏବଂ ଜନସଂଖ୍ୟା

କୋଇଡା ତହସିଲର ପ୍ରଭାବିତ ଗ୍ରାମ କୋଇଡାରେ ମୋଟ ୨୭ ଜଣ ପରିବାର ସଦସ୍ୟଙ୍କ ସହିତ ମୋଟ ୬ଟି ପ୍ରକଳ୍ପ ପ୍ରଭାବିତ ପରିବାରର ସର୍ଭେ କରାଯାଇଛି। ଏହି ପରିବାରଗୁଡ଼ିକ ସେମାନଙ୍କର ଜମିବାଡ଼ି ଏବଂ ଅନ୍ୟାନ୍ୟ ସମ୍ପତ୍ତିର ଏକ ଅଂଶ ହରାଇବାକୁ ଯାଉଛନ୍ତି ।

### ୫.୨.୨ ପ୍ରକଳ୍ପ ପ୍ରଭାବିତ ପରିବାର ଗୁଡିକର ଆକାର ଏବଂ ଲିଙ୍ଗ ଅନୁପାତ

କୋଇଡା ଗ୍ରାମରେ ପ୍ରକଳ୍ପ ପ୍ରଭାବିତ ପରିବାରର ଆକାର ଏବଂ ଲିଙ୍ଗ ଅନୁପାତ ସାରଣୀ ୫.୨ ରେ ଦିଆଯାଇଛି। ଗ୍ରାମରେ ଜନସଂଖ୍ୟାଗତ ଗଠନର ଢାଞ୍ଚା ପ୍ରାୟ ସମାନ । ପ୍ରକଳ୍ପ ପ୍ରଭାବିତ ପରିବାରଗୁଡିକର ଲିଙ୍ଗ ଅନୁପାତ ୮୦୦, ଯାହା ଜିଲ୍ଲା ହାରାହାରି ୯୬୧ ସଂଖ୍ୟା ଅପେକ୍ଷା କମ୍ । ପ୍ରକଳ୍ପ ପ୍ରଭାବିତ ପରିବାରର ହାରାହାରି ଆକାର ୪.୫ ।

**ileYi ୫.୨ : _KÌ _biaZ _eaie @iKie I fwi^_iZ**

| Mic | K.ii | ବିବରଣୀ | *ସର୍ବେକ୍ଷଣ ଅନୁଯାୟୀ ତଥ୍ୟ* |
|---|---|---|---|
| କୋଇଡା | 1 | iùb ùjiA[ai _KÌ _biaZ _eaie iiLýi | 6 |
| | 2 | iùb ùjiA[ai _eaiee ibý iiLýi | 27 |
| | 3 | _eh | 12 |
| | 4 | cjki | 15 |
| | 5 | fw @^_iZ | 800 |
| | 6 | _eaiee jieiji e @iKie | 4.5 |

*(ଉତ୍ସ : କ୍ଷେତ୍ର ସର୍ବେକ୍ଷଣ)*

### ୫.୨.୩ ପ୍ରକଳ୍ପ ପ୍ରଭାବିତ ବ୍ୟକ୍ତି ମାନଙ୍କର ବୟସ ଓ ବୈବାହିକ ସ୍ଥିତି

ଲୋକଙ୍କ ବୟସ ଗଠନର ତଥ୍ୟ ଅଧ୍ୟୟନ ପାଇଁ ସହାୟକ ହୋଇଥାଏ ଙ୍କ କାରଣ ଏହା ମୋଟ ଜନସଂଖ୍ୟାରେ ସମ୍ଭାବ୍ୟ ଶ୍ରମିକଙ୍କ ଅନୁପାତ ବିଷୟରେ ଏକ ଧାରଣା ଦେଇଥାଏ । ୨୦୧୧ ଜନଗଣନା ଅନୁଯାୟୀ, ୧୮-୬୦ ବର୍ଷ ବୟସର ଲୋକମାନେ କର୍ମଜୀବୀ ଜନସଂଖ୍ୟା ଏବଂ ଅନ୍ୟମାନେ, ପିଲା ଏବଂ ବୃଦ୍ଧ ବ୍ୟକ୍ତିଙ୍କୁ ନିର୍ଭରଶୀଳ ବୋଲି

ବିବେଚନା କରାଯାଏ । କର୍ମଜୀବୀ ଜନସଂଖ୍ୟା ଏକ ପରିବାରର ଆର୍ଥିକ ସ୍ଥିତିର ସୂଚକ । ପରିବାର ସଦସ୍ୟଙ୍କ ବୟସ ଅନୁଯାୟୀ ଲିଙ୍ଗ ବଣ୍ଟନ ଏବଂ ସେମାନଙ୍କର ବୈବାହିକସ୍ଥିତି ସାରଣୀ- ୫.୩ ରେ ଉପସ୍ଥାପିତ ହୋଇଛି ।

**ସାରଣୀ ୫.୩: ପ୍ରକଳ୍ପ ପ୍ରଭାବିତ ବ୍ୟକ୍ତିଙ୍କ ବୟସ ଅନୁଯାୟୀ ଲିଙ୍ଗଭିତ୍ତିକ ଓ ବୈବାହିକସ୍ଥିତି**

| ଗ୍ରାମ | _Kì _bìaZ ùcìU R^ìiLýì | ବୟସ ଓ ଲିଙ୍ଗ ଭିତ୍ତିରେ ବଣ୍ଟନ | | | | | | | | ବୈବାହିକସ୍ଥିତି | |
|---|---|---|---|---|---|---|---|---|---|---|---|
| | | ୦ ରୁ ୬ ବର୍ଷ | | ୭ ରୁ ୧୭ ବର୍ଷ | | ୧୮ ରୁ ୬୦ ବର୍ଷ | | ୬୦ ରୁ ଉର୍ଦ୍ଧ | | ବିବାହିତ | ଅବିବାହିତ |
| | | ପୁ | ମ | ପୁ | ମ | ପୁ | ମ | ପୁ | ମ | | |
| କୋଇଡା | 27 | 1 | 2 | 2 | 6 | 8 | 7 | 1 | 0 | 11 | 16 |

*(ଉତ୍ସ : କ୍ଷେତ୍ର ସର୍ବେକ୍ଷଣ)*

ଉପରୋକ୍ତ ସାରଣୀରୁ ଏହା ଜଣାପଡିଛି ଯେ ୧୮ ରୁ ୬୦ ବର୍ଷ ବୟସ୍କ ବ୍ୟକ୍ତିମାନଙ୍କୁ କାର୍ଯ୍ୟ ବୟସ ବର୍ଗର ବୋଲି ବିବେଚନା କରାଯାଇଥାଏ ଏବଂ ସେମାନଙ୍କର ସଂଖ୍ୟା ୧୫ (୫୫.୫୫%) ଅଟେ | ସର୍ବେକ୍ଷଣ ହୋଇଥିବା ଗ୍ରାମର ବିବାହିତ ବ୍ୟକ୍ତିମାନେ ଅବିବାହିତ ବ୍ୟକ୍ତିଙ୍କ ତୁଳନାରେ କମ ଅଟନ୍ତି, କାରଣ ସେମାନଙ୍କ ସଂଖ୍ୟା ମୋଟ ପ୍ରଭାବିତ ଲୋକଙ୍କ ସଂଖ୍ୟା ଅନୁସାରେ ୪୦.୭୪% ଅଟେ |

### ୫.୩ ପ୍ରକଳ୍ପ ପ୍ରଭାବିତ ବ୍ୟକ୍ତି ମାନଙ୍କ ଧର୍ମ

ଜଣେ ବ୍ୟକ୍ତିର ଧାର୍ମିକ ବିଶ୍ୱାସ ତାର ସାମାଜିକ-ସାଂସ୍କୃତିକ ଆଚରଣକୁ ପ୍ରଭାବିତ କରିଥାଏ | ଏହା ଜୀବନ, କାର୍ଯ୍ୟ ଏବଂ ଅଭିଳାଷ ପ୍ରତି ତାଙ୍କର ମନୋଭାବ ନିର୍ଣ୍ଣୟ କରେ | ଏହା ମଧ୍ୟ ତାଙ୍କର ପସନ୍ଦକୁ ବୁଝିବାରେ ସାହାଯ୍ୟ କରେ, ଯାହାକି ପ୍ରକଳ୍ପ ପ୍ରଭାବିତ ଲୋକଙ୍କୁ ଏବଂ ସେମାନଙ୍କ ପରିବାରକୁ ପୁନଃ ଥଇଥାନ ପାଇଁ ଏକ ପୂର୍ବ ସର୍ତ୍ତ | ଘରୋଇ ସର୍ବେକ୍ଷଣରୁ ଜଣାପଡିଛି ଯେ ସମସ୍ତ ପ୍ରଭାବିତ ପରିବାର (୧୦୦.୦୦%) ହିନ୍ଦୁ ଅଟନ୍ତି )ସାରଣୀ - ୫.୪) |

**ସାରଣୀ - ୫.୪: _Kì _bìaZ aýqcì^ue ]cì^iìue ùgYìKeY**

| ଗ୍ରାମ | K.iì. | ଧର୍ମ | ମୋଟ (ସଂଖ୍ୟାରେ) |
|---|---|---|---|
| କୋଇଡା | 1 | j¦ | 6 (100.00) |
| | 2 | cìfcì^ | 0 (0.00) |
| | 3 | LìÁ@ì^ | 0 (0.00) |
| | 4 | @^ýì^ý | 0 (0.00) |
| ମୋଟ | | | 6 (100.00) |

*(ଉତ୍ସ : କ୍ଷେତ୍ର ସର୍ବେକ୍ଷଣ)*

### ୫.୪ ପ୍ରକଳ୍ପ ପ୍ରଭାବିତ ବ୍ୟକ୍ତି ମାନଙ୍କ ଜାତି

ଏକ ପାରମ୍ପରିକ ସମାଜ ବିଭିନ୍ନ ଜାତିରେ ବିଭକ୍ତ | ଜାତି ଏକ ପ୍ରମୁଖ ଭୂମିକା ଭାବେ ଜଣେ ବ୍ୟକ୍ତିର ଧାର୍ମିକ ବିଶ୍ୱାସ ତାଙ୍କ ସାମାଜିକ-ସାଂସ୍କୃତିକ ଆଚରଣକୁ ପ୍ରଭାବିତ କରିଥାଏ | ଉଚ୍ଚ ଜାତିର ଲୋକମାନେ ସାଧାରଣତଃ ସୁସ୍ଥ ଅଟନ୍ତି ଏବଂ ଅନ୍ୟ ଜାତିର ଲୋକଙ୍କୁ ଶୋଷଣ କରି ସେମାନେ ସର୍ବାଧିକ ସାମାଜିକ ଲାଭ ହାସଲ କରନ୍ତି | ଅପରପକ୍ଷେ,

ଅନୁସୂଚିତ ଜାତି ଏବଂ ଜନଜାତି ଦୁର୍ବଳ, ଅସୁରକ୍ଷିତ ଏବଂ ବଞ୍ଚିତ | ସେମାନେ ସେମାନଙ୍କର ଅଧିକାରକୁ ଦୃଢ କରିବାରେ ବିଫଳ ହୁଅନ୍ତି ଏବଂ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ସୁବିଧାଗୁଡ଼ିକୁ ଉପଲବ୍ଧ କରିବାରେ ବିଫଳ ହୁଅନ୍ତି | ପ୍ରକଳ୍ପର ପ୍ରଭାବ ହ୍ରାସ କାର୍ଯ୍ୟକ୍ରମରେ ସେମାନେ ବିଶେଷ ଧ୍ୟାନ ପାଇବାକୁ ଯୋଗ୍ୟ | ଏହା ଉଲ୍ଲେଖଯୋଗ୍ୟ ଯେ ଏହି ଗ୍ରାମର ସମସ୍ତ ପ୍ରଭାବିତ ଅନୁସୂଚିତ ଜନଜାତି ବର୍ଗର ଅଟନ୍ତି । ସର୍ବେକ୍ଷଣ କରାଯାଇଥିବା ପରିବାରଗୁଡିକ ମଧ୍ୟରେ ଜାତି ଗଠନର ବିବରଣୀ ସାରଣୀ ୫.୫ ରେ ଦିଆଯାଇଛି |

**ସାରଣୀ - ୫.୫: ପ୍ରଭାବିତ ପରିବାରଗୁଡିକ ମଧ୍ୟରେ ଜାତି ଗଠନର ବିବରଣୀ**

| ଗ୍ରାମ | K.i. | ଜାତି | ମୋଟ(ସଂଖ୍ୟାରେ) |
|---|---|---|---|
| କୋଇଡା | 1 | ଅନୁସୂଚିତ ଜାତି | 0 (0.00) |
| | 2 | ଅନୁସୂଚିତ ଜନଜାତି | 6 (100.00) |
| | 3 | ଅନ୍ୟାନ୍ୟ ପଛୁଆ ବର୍ଗ | 0 (0.00) |
| | 4 | ସାଧାରଣ ବର୍ଗ | 0 (0.00) |
| ମୋଟ | | ମୋଟ | 6 (100.00) |

*(ବନ୍ଧନୀ ମଧ୍ୟରେ ଥିବା ସଂଖ୍ୟା ପ୍ରତିଶତକୁ ବୁଝାଏ)* *(ଉତ୍ସ : କ୍ଷେତ୍ର ସର୍ବେକ୍ଷଣ )*




### ୫.୫ ପରିବାର ଗୁଡ଼ିକର ବୈଶିଷ୍ଟ୍ୟ

ପରିବାରର ପ୍ରକାର ଏବଂ ଆକାର ପରିବାର ସଦସ୍ୟଙ୍କ ମଧ୍ୟରେ ଥିବା ଭାବପୂର୍ଣ୍ଣ ସ୍ତର ନିର୍ଣ୍ଣୟ କରିଥାଏ |ଏଥି ସହିତ ଏହା ମଧ୍ୟ ପ୍ରତିଫଳିତ କରେ ଯେ ପରିବାରର ଅର୍ଥନୈତିକ ଗଠନ କିପରି ଆନ୍ତଃ ବୁଝାବଣା ମାଧ୍ୟମରେ ହେଉଛି |ପ୍ରକଳ୍ପ ପ୍ରଭାବିତ ପରିବାର ଗୁଡ଼ିକର ବୈଶିଷ୍ଟ୍ୟ ଗୁଡିକ ନିମ୍ନରେ ଆଲୋଚନା କରାଯାଇଛି |

### ୫. ୫.୧ ପରିବାରର ଆକାର

ପ୍ରକଳ୍ପ ପ୍ରଭାବିତ ପରିବାରଗୁଡିକର ହାରାହାରି ପରିବାର ଆକାର ୪.୫ ଅଟେ ଯାହା ପୂର୍ବରୁ ସୂଚିତ କରାଯାଇଛି | ସର୍ବେକ୍ଷଣ କରାଯାଇଥିବା ପରିବାର ଗୁଡ଼ିକର ଆକାର ୨ ରୁ ୧୫ ସଦସ୍ୟଙ୍କ ମଧ୍ୟରେ ଥିଲା (ସାରଣୀ ୫.୬) | ସେମାନଙ୍କ ମଧ୍ୟରେ ପ୍ରାୟ ୫୦.୦୦% ପରିବାରର ସଦସ୍ୟ ସଂଖ୍ୟା ୪ ରୁ ୬ ମଧ୍ୟରେ ରହିଛି। ତା ପରେ ୧ ରୁ ୩ ସଦସ୍ୟ ବିଶିଷ୍ଟ ପରିବାର ମଧ୍ୟରେ ୩୩.୩୩%, ୭ ରୁ ୯ ସଦସ୍ୟ ବିଶିଷ୍ଟ ପରିବାର ୧୬.୬୭% ଏବଂ କୌଣସି ୧୦ ସଦସ୍ୟ ବିଶିଷ୍ଟ ପରିବାର ନାହାନ୍ତି ।

**ସାରଣୀ ୫.୬: ପ୍ରକଳ୍ପ ପ୍ରଭାବିତ ପରିବାରଗୁଡିକର ପରିବାର ଆକାର**

| ଗ୍ରାମ | କ୍ରମିକ ନ. | ପରିବାର ଆକାର | ମୋଟ |
|---|---|---|---|
| କୋଇଡା | **1** | **1-3** | 2 (33.33) |
| | **2** | **4-6** | 3 (50.00) |
| | **3** | **7-9** | 1 (16.67) |
| | **4** | **10** କିମ୍ବା ତହିଁରୁ ଉର୍ଦ୍ଧ | 0 (0.00) |
| ମୋଟ | | | **6(100.00)** |

**(ବନ୍ଧନୀ ମଧ୍ୟରେ ଥିବା ସଂଖ୍ୟା ପ୍ରତିଶତକୁ ବୁଝାଏ)** **(ଉତ୍ସ : କ୍ଷେତ୍ର ସର୍ବେକ୍ଷଣ )**

ପ୍ରକଳ୍ପ ପ୍ରଭାବିତ ଅଞ୍ଚଳରେ ତିନି ପ୍ରକାରର ପରିବାର ଚିହ୍ନଟ କରାଯାଇଥିଲା, ଯଥା, ବ୍ୟକ୍ତିଗତ ବା ଏକାକୀ ପରିବାର, ଅଣୁ ଏବଂ ଯୌଥ ପରିବାର | ୭ ରୁ ଅଧିକ ସଦସ୍ୟ ଥିବା ଘରଗୁଡ଼ିକ ମିଳିତ ଏବଂ ବିସ୍ତାରିତ ପରିବାର ହୋଇଥାଏ | ଏହି ପରିବାରରେ ଦୁଇ କିମ୍ବା ଅଧିକ ଭାଇ ଅଛନ୍ତି ଏବଂ ବିବାହ ପରେ ମଧ ସେମାନେ ଏକାଠି ଗୋଟିଏ ରୋଷେଇଶାଳ ବ୍ୟବହାର କରିଥାନ୍ତି | ସେମାନେ ପିତାମାତା, ଭାଇଭଉଣୀ ଏବଂ ଅନ୍ୟ ନିର୍ଭରଶୀଳମାନଙ୍କ ସହିତ ଘରେ ରୁହନ୍ତି |

ପ୍ରକଳ୍ପ ପ୍ରଭାବିତ ପରିବାର ଗୁଡ଼ିକର ପାରିବାରିକ ପ୍ରକାର ଗୁଡିକ ସାରଣୀ- ୫.୭ ରେ ଦିଆଯାଇଛି | ସାରଣୀରୁ ଏହା ଦେଖାଯାଇଛି ଯେ ସର୍ବେକ୍ଷଣ କରାଯାଇଥିବା ଅଧିକାଂଶ ଯୌଥ ପରିବାର ୧(୧୬.୬୭%) ଏବଂ ତା ପଛକୁ ଅଣୁ ପରିବାର ୫ (୮୩.୩୩%) ରହିଥିବା ବେଳେ କୌଣସି ଏକାକୀ ପରିବାର ନ ଥିଲା ।

**ସାରଣୀ ୫.୭: ପରିବାରର ପ୍ରକାର**

| ଗ୍ରାମ | ମୋଟ ପ୍ରଭାବିତ ପରିବାର ସଂଖ୍ୟା | ପରିବାରର ପ୍ରକାର (ସଂଖ୍ୟାରେ) | | |
|---|---|---|---|---|
| | | ଯୌଥ | ଅଣୁ ମୂଳ | ଏକାକୀ |
| କୋଇଡା | **6** | **1(16.67)** | **5(83.33)** | **0** |

**(ବନ୍ଧନୀ ମଧ୍ୟରେ ଥିବା ସଂଖ୍ୟା ପ୍ରତିଶତକୁ ବୁଝାଏ)** **(ଉତ୍ସ : କ୍ଷେତ୍ର ସର୍ବେକ୍ଷଣ )**

### ୫.୫.୨ ପ୍ରକଳ୍ପ ପ୍ରଭାବିତ ପରିବାରର ମୁଖ୍ୟ

କୋଇଡା ଗ୍ରାମର ପ୍ରକଳ୍ପ ପ୍ରଭାବିତ ଗୃହସ୍ଥମାନଙ୍କର ମୁଖ୍ୟଙ୍କୁ ବୟସ ଭିତ୍ତିକ ତିନୋଟି ଶ୍ରେଣୀରେ ବିଭକ୍ତ କରାଯାଇଛି ଯଥା, ୪୫ ବର୍ଷରୁ କମ୍, ୪୫-୬୦ ବର୍ଷ ଓ ୬୦ ବର୍ଷରୁ ଅଧିକ । ଏହା ସହିତ, ମହିଳା ମୁଖ୍ୟ (WH) ଓ ପୁରୁଷ ମୁଖ୍ୟ (MH) ଭିନ୍ନ ଭାବରେ ଦର୍ଶାଯାଇଛି।

୪୫ ବର୍ଷରୁ କମ୍ ବୟସ ଶ୍ରେଣୀରେ କେବଳ ୧ଟି ପୁରୁଷମୁଖ୍ୟ ଥିବା ଗୃହସ୍ଥ ରହିଛି ଯେଉଁଠାରେ କି କୌଣସି ମହିଳାମୁଖ୍ୟ ନାହାନ୍ତି । ଏହାରୁ ସ୍ପଷ୍ଟ ହୁଏ ଯେ, ଯୁବ ବୟସରେ ଗୃହସ୍ଥମାନଙ୍କର ମୁଖ୍ୟତ୍ୱ ଅତ୍ୟନ୍ତ ସୀମିତ ।

୪୫-୬୦ ବର୍ଷ ଶ୍ରେଣୀ, ଯାହା ସାଧାରଣତଃ ଅର୍ଥନୈତିକ ଭାବରେ ସକ୍ରିୟ ଓ ସାମାଜିକ ଭାବରେ ଦାୟିତ୍ୱଶୀଳ ବୟସରୂପେ ଗଣ୍ୟ ଏବଂ ସେହି ଶ୍ରେଣୀରେ ୪ ଟି ପୁରୁଷମୁଖ୍ୟ ଥିବା ଗୃହସ୍ଥ ରହିଛନ୍ତି । ଏହି ବୟସରେ କୌଣସି ମହିଳାମୁଖ୍ୟ ଚିହ୍ନଟ ହୋଇନାହାନ୍ତି । ଏହା ପ୍ରମାଣ କରେ ଯେ, ମଧ୍ୟବୟସର ପୁରୁଷମାନେ ପ୍ରାଧାନ୍ୟର ସହିତ ଗୃହସ୍ଥମାନଙ୍କୁ ଚଳାଉଛନ୍ତି ।

୬୦ ବର୍ଷରୁ ଅଧିକ ବୟସ ଶ୍ରେଣୀରେ ଏକ ପୁରୁଷମୁଖ୍ୟ ଗୃହସ୍ଥ ରହିଛନ୍ତି ଯେଉଁଠାରେ କୌଣସି ମହିଳାମୁଖ୍ୟ ନାହାନ୍ତି । ଏଥିରୁ ଦେଖାଯାଏ ଯେ, ବୃଦ୍ଧ ପୁରୁଷମୁଖ୍ୟ ମାନଙ୍କର ମଧ୍ୟରୁ କିଛି ଗୃହସ୍ଥ ପ୍ରଭାବିତ ହୋଇଛନ୍ତି, ଯେଉଁମାନେ ବୟସ ହେତୁ ଜୀବିକା ନିର୍ବାହ ଏବଂ ଆର୍ଥିକ ସ୍ଥିରତା ଦୃଷ୍ଟିରୁ ଅଧିକ ଦୁର୍ବଳ ହୋଇଥାନ୍ତି ।

ସାମଗ୍ରିକ ଭାବାରେ, କୋଇଡା ଗ୍ରାମର ସମସ୍ତ ପ୍ରଭାବିତ ଗୃହସ୍ଥମାନଙ୍କ ମଧ୍ୟରୁ ୬ଟି ପୁରୁଷମୁଖ୍ୟ ଓ କୌଣସି ମହିଳାମୁଖ୍ୟ ନାହାନ୍ତି। ଏଥିରୁ ସ୍ପଷ୍ଟ ଯେ, ପ୍ରଭାବିତ ଗୃହସ୍ଥମାନଙ୍କରେ ପୁରୁଷମୁଖ୍ୟମାନଙ୍କର ପ୍ରାଧାନ୍ୟ ରହିଛି ଓ ମୁଖ୍ୟତଃ ମଧ୍ୟବୟସ୍କ ପୁରୁଷମାନେ ଗୃହସ୍ଥକୁ ପରିଚାଳନା କରୁଛନ୍ତି ।

**i¦eYí ୫.୮ : _Kì _b¦aZ _ea¦e cLý**

| ଗ୍ରାମ | ପରିବାର ମୁଖ୍ୟ | | | | | | | | |
|---|---|---|---|---|---|---|---|---|---|
| | cjk¦ cLý | | | _eh cLý | | | ùc¦U | | |
| | cjk¦ cLý | _eh cLý | ùc¦U | cjk¦ cLý | _eh cLý | ùc¦U | cjk¦ cLý | _eh cLý | ùc¦U |
| କୋଇଡା | 0 | 1 | 1 | 0 | 4 | 4 | 0 | 1 | 1 |

*(ଉତ୍ସ : କ୍ଷେତ୍ର ସର୍ବେକ୍ଷଣ)*

### ୫.୬ ଶିକ୍ଷା ସ୍ଥିତି

ଶିକ୍ଷା, ଦକ୍ଷତା ଗଠନ ମାଧ୍ୟମରେ ବ୍ୟକ୍ତିର ସାମର୍ଥ୍ୟକୁ ବୃଦ୍ଧି କରିଥାଏ ଏବଂ ତାଙ୍କର ନିଯୁକ୍ତି ପସନ୍ଦକୁ ବଢ଼ାଇଥାଏ | ଏହା ମାନବ ପୁଞ୍ଜିର ମୂଳଦୁଆ ଅଟେ | ଏହା ଜଣେ ବ୍ୟକ୍ତିଙ୍କୁ ଅର୍ଥନୈତିକ ଅଭିବୃଦ୍ଧି ପ୍ରକ୍ରିୟାରେ ଭାଗ ନେବାକୁ ସକ୍ଷମ କରେ | ଏକ ଆଧୁନିକ ସମାଜରେ ଏହା ଏକ ମୌଳିକ ଆବଶ୍ୟକତା ପାଲଟିଛି | ପ୍ରକଳ୍ପ ପାଇଁ ପ୍ରଭାବିତ ଜନସଂଖ୍ୟାର ଶିକ୍ଷା ସ୍ତର ବିଷୟରେ ସୂଚନା ସେମାନଙ୍କ ପାଇଁ ଅର୍ଥନୈତିକ ପୁନର୍ବାସ ଯୋଜନା ପ୍ରସ୍ତୁତ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ | ପ୍ରକଳ୍ପ ପ୍ରଭାବିତ ବ୍ୟକ୍ତି ମାନଙ୍କ ଶିକ୍ଷାଗତ ଯୋଗ୍ୟତା ସାରଣୀ ୫.୮ ରେ ଦିଆଯାଇଛି |

**ସାରଣୀ- ୫.୯: ପ୍ରକଳ୍ପ ପ୍ରଭାବିତ ପରିବାର ଗୁଡିକର ଶିକ୍ଷା ସ୍ଥିତି**

| କ୍ର. ସଂ. | ଶିକ୍ଷା ସ୍ତର | ପୁରୁଷ | ମହିଳା | ùcÿU |
|---|---|---|---|---|
| 1 | ନିରକ୍ଷର | 01 | 02 | 3 (15.00) |
| 2 | ପ୍ରାଥମିକ ପର୍ଯ୍ୟନ୍ତ | 04 | 05 | 9 (45.00) |
| 3 | ମାଧ୍ୟମିକ | 02 | 01 | 3 (15.00) |
| 4 | ଯୁକ୍ତ (+)୨ / ମଧ୍ୟମ | 02 | 02 | 4 (20.00) |
| 5 | ସ୍ନାତକ ଓ ତଦୁର୍ଦ୍ଧ | 0 | 0 | 0 (0.00) |
| 6 | ବୈଷୟିକ ଡିଗ୍ରୀ / ଡିପ୍ଲୋମା | 0 | 0 | 0 (0.00) |
| 7 | ଆଇ.ଟି.ଆଇ. / ବୃତ୍ତିଗତ ଡିଗ୍ରୀ | 01 | 0 | 01 (5.00) |
| ùcÿU | | 10 (50.00) | 10 (50.00) | 20 |

**(ବନ୍ଧନୀ ମଧ୍ୟରେ ଥିବା ସଂଖ୍ୟା ପ୍ରତିଶତକୁ ବୁଝାଏ)** **(ଉତ୍ସ : କ୍ଷେତ୍ର ସର୍ବେକ୍ଷଣ )**

ଉପରୋକ୍ତ ସାରଣୀ ସୂଚାଇ ଦେଉଛି ଯେ ପ୍ରକଳ୍ପ ପ୍ରଭାବିତ ମୋଟ ୨୭ ଜଣ ଲୋକଙ୍କ ମଧ୍ୟରୁ ୩ ଜଣ (୧୫.୦୦%) ନିରକ୍ଷର ଥିଲେ। ୮୫.୦୦% ସାକ୍ଷରଙ୍କ ମଧ୍ୟରୁ ୯ ଜଣ (୪୫.୦୦%) ପ୍ରାଥମିକ ଶ୍ରେଣୀ ପର୍ଯ୍ୟନ୍ତ, ୩ ଜଣ (୧୫.୦୦%) ମାଧ୍ୟମିକ ସ୍ତର ପର୍ଯ୍ୟନ୍ତ, ୪ ଜଣ (୨୦.୦୦%) ମାଧ୍ୟମିକ ଶ୍ରେଣୀ ପର୍ଯ୍ୟନ୍ତ ଏବଂ ଜଣେ ବ୍ୟକ୍ତି (୫.୦୦%) ଆଇ.ଟି.ଆଇ / ବୃତ୍ତିଗତ ଡିଗ୍ରୀ ହାସଲ କରିଛନ୍ତି । ପ୍ରକଳ୍ପ ପ୍ରଭାବିତ ପରିବାରର ଶିକ୍ଷାଗତ ସ୍ତର ସମଗ୍ର ଜିଲ୍ଲାର ସାମଗ୍ରିକ ଶିକ୍ଷାଗତ ସ୍ତର ଅପେକ୍ଷା ଉତ୍ତମ ଅଟେ ।

### ୫.୭ ଆୟ ଏବଂ ଦାରିଦ୍ର୍ୟ ସ୍ତର

### ୫.୭.୧ ବୃତ୍ତିଗତ ଢାଞ୍ଚା

ପ୍ରଭାବିତ ଜନସଂଖ୍ୟାର ସର୍ବାଧିକ ଅଂଶ (୩୭.୯୩%) କୃଷି ଶ୍ରମିକ ଭାବରେ ନିୟୋଜିତ ଯାହା ଜୀବିକା ନିର୍ବାହ ପାଇଁ ମଜୁରୀ-ଭିତ୍ତିକ କୃଷି କାର୍ଯ୍ୟକଳାପ ଉପରେ ଉଚ୍ଚ ନିର୍ଭରଶୀଳତାକୁ ସୂଚିତ କରେ।

ପ୍ରାୟ ୨୦.୬୮% ପ୍ରଭାବିତ ପରିବାର ଚାଷ/କୃଷି କାର୍ଯ୍ୟରେ ନିୟୋଜିତ ଯାହା ଜୀବିକା ନିର୍ବାହର ଏକ ଉତ୍ସ ଭାବରେ କୃଷିର ନିରନ୍ତର ଗୁରୁତ୍ୱକୁ ପ୍ରତିଫଳିତ କରେ । ୧୭.୨୪% ବେତନଭୋଗୀ କର୍ମଚାରୀ ରହିଛନ୍ତି ଯାହା ଗୋଟିଏ ସ୍ଥିର ଆୟର ସୂଚକ । ୧୦.୩୪% ବ୍ୟକ୍ତି, ଦୈନିକ ମଜୁରୀ ରୋଜଗାର ଉପରେ ନିର୍ଭରଶୀଳ, ଯାହା ଆକସ୍ମିକ ଏବଂ ଅସଂଗଠିତ ଶ୍ରମ ଉପରେ ନିର୍ଭରଶୀଳତା ଦର୍ଶାଏ । ଉଲ୍ଲେଖନୀୟ ଯେ, କୌଣସି ପ୍ରଭାବିତ ବ୍ୟକ୍ତି ହସ୍ତଶିଳ୍ପ/କାରୀଗର କାର୍ଯ୍ୟ, ବାଣିଜ୍ୟ-ବ୍ୟବସାୟ, କିମ୍ବା ପୂଜାରୀ ପରି ବୃତ୍ତିଗତ କାର୍ଯ୍ୟକଳାପରେ ନିୟୋଜିତ ନୁହଁନ୍ତି ।

ଏହା ସହିତ, ୧୩.୭୯% "ଅନ୍ୟ" ବର୍ଗରେ ଆସେ, ଯେଉଁଥିରେ ମୁଖ୍ୟତଃ ବୃଦ୍ଧାବସ୍ଥା ପେନସନଭୋଗୀ ଏବଂ ସାମାଜିକ ସୁରକ୍ଷା ଯୋଜନା ଉପରେ ନିର୍ଭରଶୀଳ ବିଧବାମାନେ ଅନ୍ତର୍ଭୁକ୍ତ

ମୋଟାମୋଟି ଭାବରେ, ବୃତ୍ତିଗତ ଢାଞ୍ଚା କୃଷି ଏବଂ କୃଷି ଶ୍ରମିକ ଉପରେ ଏକ ପ୍ରମୁଖ ନିର୍ଭରଶୀଳତାକୁ ଦର୍ଶାଏ, ଯାହା ସହିତ ବେତନଭୋଗୀ ନିଯୁକ୍ତି, ଦୈନିକ ମଜୁରୀ ଶ୍ରମ ଏବଂ ସାମାଜିକ ପେନସନ ମଧ୍ୟ ଅନ୍ତର୍ଭୁକ୍ତ ବ୍ୟବସାୟ, ହସ୍ତଶିଳ୍ପ ଏବଂ ବୃତ୍ତିଗତ କାର୍ଯ୍ୟର ଅନୁପସ୍ଥିତି ପ୍ରଭାବିତ ପରିବାରଗୁଡ଼ିକରେ ଜୀବିକାର ସୀମିତ ବିବିଧତା ଆଡ଼କୁ ସୂଚିତ କରେ (ସାରଣୀ ୫.୧୦) ।

**ସାରଣୀ ୫.୧୦ : ପ୍ରକଳ୍ପ ପ୍ରଭାବିତ ପରିବାରଗୁଡିକର ମୁଖ୍ୟ ବୃତ୍ତି**

| କ୍ର. ସଂ. | ବୃତ୍ତି | ମୋଟ (ସଂଖ୍ୟାରେ) |
|---|---|---|
| 1 | କୃଷି | 06 (20.68) |
| 2 | କୃଷି ଶ୍ରମିକ | 11(37.93) |
| 3 | ଦିନ ମଜୁରିଆ | 03 (10.34) |
| 4 | ବେତନ ଭୋଗୀ | 05(17.24) |
| 5 | ହସ୍ତଶିଳ୍ପ କାରିଗର | 0 (0.00) |
| 6 | ବ୍ୟବସାୟ | 0 (0.00) |
| 7. | ବୃତ୍ତିଗତ (ପୂଜାରୀ,ରୋଷେୟା ଇତ୍ୟାଦି) | 0 (0.00) |
| | ଅନ୍ୟାନ୍ୟ (ବାର୍ଦ୍ଧକ୍ୟ ଭତ୍ତା ଓ ବିଧବା ଭତ୍ତା ଭୋଗୀ) | 4 (13.79) |

**(ବନ୍ଧନୀ ମଧ୍ୟରେ ଥିବା ସଂଖ୍ୟା ପ୍ରତିଶତକୁ ବୁଝାଏ)** **(ଉତ୍ସ : କ୍ଷେତ୍ର ସର୍ବେକ୍ଷଣ )**

**ଚିତ୍ର ୫.୨ : ପ୍ରଭାବିତ ବ୍ୟକ୍ତିଙ୍କର ମୁଖ୍ୟ ବୃତ୍ତିର ବିବରଣୀ**




### ୫.୭.୨ ପାରିବାରିକ ଆୟ

ଆୟ ହେଉଛି ପରିବାରର ସାମାଜିକ-ଆର୍ଥିକ ସ୍ଥିତିର ପ୍ରମୁଖ ସୂଚକ ଏବଂ ପରିବାରର ସାମଗ୍ରିକ ଜୀବନଶୈଳୀ ଏହା ଉପରେ ନିର୍ଭର କରେ । ସର୍ଭେର ଫଳାଫଳ ସୂଚିତ କରେ (ସାରଣୀ ୫.୧୧) ଯେ ପ୍ରକଳ୍ପ ପ୍ରଭାବିତ ପରିବାରର ହାରାହାରି ମାସିକ ଏବଂ ବାର୍ଷିକ ଆୟ ଯଥାକ୍ରମେ ୧୨୫୮୩.୩୩ ଟଙ୍କା ଏବଂ ୧୫୧୦୦୦.୦୦ ଟଙ୍କା।

**ସାରଣୀ- ୫.୧୧ : - ପ୍ରକଳ୍ପ ପ୍ରଭାବିତ ପରିବାର ଗୁଡିକର ଆୟର ବିବରଣୀ**

| ଗ୍ରାମ | ମୋଟ ପରିବାର (ସଂଖ୍ୟାରେ) | ପରିବାର ଗୁଡିକର ସମୁଦାୟ ମାସିକ ଆୟ (ଟଙ୍କା) | ପରିବାର ପିଛା ହାରାହାରି ମାସିକ ଆୟ (ଟଙ୍କା) | ପରିବାର ଗୁଡିକର ସମୁଦାୟ ବାର୍ଷିକ ଆୟ (ଟଙ୍କା) | ପରିବାର ପିଛା ହାରାହାରି ବାର୍ଷିକ ଆୟ (ଟଙ୍କା) |
|---|---|---|---|---|---|
| କୋଇଡା | 38 | 1089700.00 | 5236.06 | 13076400.00 | 62865.38 |

*(ଉତ୍ସ : କ୍ଷେତ୍ର ସର୍ବେକ୍ଷଣ)*

### ୫.୮ ପରିସମ୍ପତ୍ତି ଏବଂ ସ୍ଥାୟୀ ବ୍ୟବହାର୍ଯ୍ୟ ସାମଗ୍ରୀ

ସମ୍ପତ୍ତି ଧାରଣ ଗୋଟିଏ ଘରର ଉତ୍ତମ ଚଳଣିର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ସୂଚକ | ବୃହତ ସମ୍ପତ୍ତି ଆଧାର ଏକ ଘରକୁ ସ୍ଥାୟୀ ଭିତ୍ତିରେ ଏକ ଉନ୍ନତ ମାନର ଜୀବନ ଉପଭୋଗ କରିବାକୁ ସକ୍ଷମ କରେ | ନିତିଦିନିଆ ସ୍ଥାୟୀ ବ୍ୟବହାର୍ଯ୍ୟ ସାମଗ୍ରୀ ଗୁଡିକ ସହିତ ଘରଗୁଡିକର ମାଲିକାନା ସମ୍ପତ୍ତି ଏହାର ଜୀବନଧାରଣ ଏବଂ ଅର୍ଥନୈତିକ ସ୍ଥିତିକୁ ପ୍ରତିଫଳିତ କରେ |

ଭୌତିକ ସମ୍ପତ୍ତିରେ ଜମି, ଉତ୍ପାଦନକାରୀ ପ୍ରାଣୀ, ଗଛ ଇତ୍ୟାଦି ଅନ୍ତର୍ଭୁକ୍ତ ଯାହା ଆୟକାରୀ ଅଟେ | ଏଥିରେ ସନ୍ଦେହ ନାହିଁ ଯେ ବ୍ୟବହାର୍ଯ୍ୟ ସାମଗ୍ରୀ ଗୁଡିକ ଆୟ ସୃଷ୍ଟି କରିବାରେ ସାହାଯ୍ୟ କରେ ନାହିଁ, କିନ୍ତୁ ପୁନଃ ବିକ୍ରୟ ମୂଲ୍ୟ ରହିଥିବାରୁ ଏଗୁଡ଼ିକୁ ବର୍ତ୍ତମାନର ଅଧ୍ୟୟନରେ ସମ୍ପତ୍ତି ଭାବରେ ବିବେଚନା କରାଯାଇଛି | ଦୀର୍ଘକାଳୀନ ବ୍ୟବହାର୍ଯ୍ୟ ସାମଗ୍ରୀ ଏବଂ ପଶୁପାଳନ ଏହି ପ୍ରକଳ୍ପର ପ୍ରଭାବିତ ପରିବାରଗୁଡିକର ଗୁରୁତ୍ୱପୂର୍ଣ୍ଣ ସମ୍ପତ୍ତି ଅଟେ | ପ୍ରକଳ୍ପ ପ୍ରଭାବିତ ପରିବାର ମାନଙ୍କର ଦୀର୍ଘକାଳୀନ ବ୍ୟବହାର୍ଯ୍ୟ ସାମଗ୍ରୀ ଏବଂ ପଶୁ ସମ୍ପଦର ମାଲିକାନା ସମ୍ବନ୍ଧୀୟ ସୂଚନା ସାରଣୀ ୫.୧୨ ରେ ଦିଆଯାଇଛି |

**ସାରଣୀ- ୫.୧୨: ପ୍ରକଳ୍ପ ପ୍ରଭାବିତ ପରିବାର ଗୁଡିକର ପରିସମ୍ପତ୍ତି ଏବଂ ସ୍ଥାୟୀ ବ୍ୟବହାର୍ଯ୍ୟ ସାମଗ୍ରୀ**

| K.iì | ପ୍ରକାର | ମୋଟ ପରିମାଣ | ଆନୁମାନିକ ମୂଲ୍ୟ (ଟଙ୍କା) | ମୋଟ ମୂଲ୍ୟ (ଟଙ୍କା) |
|---|---|---|---|---|
| 1 | ùUfbR^ | 4 | 4750 | 19000 |
| 2 | ùU_ ùeKWe | 0 | 0 | 0 |
| 3 | ùeWI | 1 | 1000 | 1000 |
| 4 | ùe`RùeUe | 1 | 5000 | 5000 |
| 5 | ଟେଲିଫୋନ / ମୋବାଇଲ ଫୋନ | 10 | 5400 | 54000 |
| 6 | Gi | 0 | 0 | 0 |
| 7 | iìAùKf | 9 | 2000 | 19000 |
| 8 | Z^ PK@ì | 0 | 0 | 0 |
| 9 | ùcìUe iìAùKf | 4 | 35000 | 140000 |
| 10 | ·ePK@ì | 0 | 0 | 0 |
| 11 | ai / UK | 0 | 0 | 0 |
| 12 | ଏଲ.ପି.ଜି. | 4 | 3250 | 13000 |
| 13 | aìi^Ki^ | 490 | 35 | 17500 |
| 14 | @kuìe | 21 | 16190 | 340000 |
| 15 | ପ୍ରାଣୀ ସମ୍ପଦ (ଗାଈ, ମଇଁଷି, ଛେଳି, ମେଣ୍ଢା, କୁକୁଡ଼ା ଇତ୍ୟାଦି | 8 | 3700 | 37000 |

*(ଉତ୍ସ : କ୍ଷେତ୍ର ସର୍ବେକ୍ଷଣ)*

### ୫.୯ ପରିବାରର ଆର୍ଥିକ ସ୍ଥିତି

ଯେ କୌଣସି ସାମାଜିକ-ଅର୍ଥନୈତିକ ବିଶ୍ଳେଷଣ କରିବା ନିମନ୍ତେ ଘର ହେଉଛି ଗୋଟିଏ ମୌଳିକ ଏକକ, କାରଣ ଏହାର ଅର୍ଥନୀତି, ଆୟ, ବ୍ୟୟ, ସଞ୍ଚୟ ଓ ଋଣ ଇତ୍ୟାଦି ବିଷୟରେ ପରିବାର ସ୍ତରରେ ସ୍ଥିର କରାଯାଏ | ଘରର ଖର୍ଚ୍ଚ ଏବଂ ଉତ୍ତରଦାତାଙ୍କ ଋଣ ସମ୍ବନ୍ଧୀୟ ସୂଚନା ନିମ୍ନରେ ଉପସ୍ଥାପିତ ହୋଇଛି |

#### ୫.୯.୧ ପରିବାରର ଖର୍ଚ୍ଚ

ଖାଦ୍ୟ, ପୋଷାକ, ଗୃହ, ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ଅନ୍ୟାନ୍ୟ ଉପଯୋଗୀ ସାମଗ୍ରୀ ଉପରେ ଏକ ଘରର ଖର୍ଚ୍ଚ ଏହାର ଆୟ ଦ୍ୱାରା ସୀମିତ |ଗୋଟିଏ ଘରର ଜୀବନଧାରଣର ମୂଲ୍ୟାଙ୍କନ ପାଇଁ ଆୟ-ତଥ୍ୟ ପରି ଖର୍ଚ୍ଚ-ତଥ୍ୟ ମଧ୍ୟ ସମାନ ଗୁରୁତ୍ୱପୂର୍ଣ୍ଣ | ଆୟ-ତଥ୍ୟ ଦେବା ଏକ ନ୍ୟୁନତା ବୋଲି ଅନୁଭବ କରାଯାଉଥିଲା କାରଣ ଉତ୍ତରଦାତାମାନେ ଏହା ଅନୁଭବ କଲେ ଏହା ସେମାନଙ୍କର ଆର୍ଥିକ ସ୍ଥିତିକୁ ପ୍ରଭାବିତ କରିପାରେ | ଖର୍ଚ୍ଚ-ତଥ୍ୟ ଏକ ଘରର ଆୟ ତଥ୍ୟର ବୈଧତାକୁ ସାହାଯ୍ୟ କରିବ |କିନ୍ତୁ ଖର୍ଚ୍ଚ-ତଥ୍ୟର ବିଶ୍ୱସନୀୟତା ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି କାରଣ ପ୍ରକଳ୍ପ ପ୍ରଭାବିତ ପରିବାର ଗୁଡିକ ଦ୍ୱାରା ଖର୍ଚ୍ଚର କୌଣସି ଲିଖିତ ଆକାରରେ ରିପୋର୍ଟ କରାଯାଇ ନାହିଁ | ଲୋକମାନେ ବାରମ୍ବାର ଖର୍ଚ୍ଚ କରୁଥିବାରୁ ହିସାବ ଭୁଲ କରିବା ଏବଂ ବିବାରୀ ଲିପିବଦ୍ଧ ନ କରିବା ଏକ ସାଧାରଣ ଘଟଣା ଏହି ଦୁର୍ବଳତାକୁ ଛାଡିଦେଲେ ପ୍ରକଳ୍ପ ପ୍ରଭାବିତ ପରିବାରର ଖର୍ଚ୍ଚର ଆକଳନ କରାଯାଇଛି |

ପ୍ରକଳ୍ପ ପ୍ରଭାବିତ ଗ୍ରାମଗୁଡିକରେ ପରିବାର ଗୁଡ଼ିକର ମାସିକ ହାରାହାରି ଖର୍ଚ୍ଚର ବିବରଣୀ ସାରଣୀ ୫.୧୩ ଏବଂ ଚିତ୍ର - ୫.୧୩ ରେ ଉପସ୍ଥାପିତ ହୋଇଛି, ଯାହା ଦର୍ଶାଏ ଯେ ଗୋଟିଏ ପରିବାରର ହାରାହାରି ମାସିକ ଖର୍ଚ୍ଚ ହେଉଛି ୮୧୬୧.୬୧ ଟଙ୍କା ।

**ସାରଣୀ - ୫.୧୩: ପ୍ରକଳ୍ପ ପ୍ରଭାବିତ ପରିବାର ଗୁଡିକର ମାସିକ ହାରାହାରି ବ୍ୟୟ**

| କ୍ର. ସଂ. | ପ୍ରକାର | ପରିବାରର ମୋଟ ମାସିକ ଖର୍ଚ୍ଚ | ପରିବାରର ହାରାହାରି ମାସିକ ଖର୍ଚ୍ଚ |
|---|---|---|---|
| 1 | Lû\ý | **23500.00** | **3916.66 (47.98)** |
| 2 | Kh | **1450.00** | **241.66 (2.97)** |
| 3 | aû i Mj | **2100.00** | **350.00 (4.28)** |
| 4 | E§^ RûùkYú | **3350.00** | **558.33 (6.85)** |
| 5 | ù_ûhûK | **2650.00** | **441.66 (5.42)** |
| 6 | Êû i ý | **2450.00** | **408.33 (5.00)** |
| 7 | g l û | **1100.00** | **183.33 (2.25)** |
| 8 | Mc^ûMc^ | **2560.00** | **426.66 (5.22)** |
| 9 | i P^û _ \û^ | **2440.00** | **406.66 (4.98)** |
| 10 | i ûcûRK C i a | **3310.00** | **551.66 (6.75)** |
| 11 | @^ýû^ý | **4060.00** | **676.66 (8.30)** |
| ମୋଟ | | **48970.00** | **8161.61 (100.00)** |

*(ବନ୍ଧନୀ ମଧ୍ୟରେ ଥିବା ସୂଚନା ପ୍ରତିଶତକୁ ଦର୍ଶାଉଛି)* *(ଉତ୍ସ : କ୍ଷେତ୍ର ସର୍ବେକ୍ଷଣ)*

**ଚିତ୍ର-୫.୩: ପରିବାରର ହାରାହାରି ମାସିକ ବ୍ୟୟ ଢାଞ୍ଚା**




ଟେବୁଲ-୫.୧୩ ରୁ ଏହା ଦେଖାଯାଇଛି ଯେ, ଏକ ପ୍ରଭାବିତ ପରିବାରର ସାଧାରଣ ମାସିକ ଘରୋଇ ବ୍ୟୟ ହେଉଛି ୮,୧୬୧.୬୧ଟଙ୍କା, ଯାହାର ବାର୍ଷିକ ବ୍ୟୟ ପ୍ରାୟ ୯୭,୯୩୯.୩୨ ଟଙ୍କାପର୍ଯ୍ୟନ୍ତ ପହଞ୍ଚୁଛି । ଶ୍ରେଣୀଭିତ୍ତିକ ଖର୍ଚ୍ଚ ଢ଼ାଞ୍ଚାରୁ ଏହା ଜଣାପଡୁଛି କି, ଖାଦ୍ୟ-ବ୍ୟୟ ବାବଦ ଖର୍ଚ୍ଚ ଭାଗ ବହୁତ ଅଧିକ ରହିଛି। ପରିବାରଗୁଡିକ ଖାଦ୍ୟରେ ରୁ. ୩,୯୧୬.୬୬ ଟଙ୍କା(୪୭.୯୮%) ବ୍ୟୟ କରୁଛନ୍ତି । ଏହା ପରେ ଅନ୍ୟାନ୍ୟ ଖର୍ଚ୍ଚ ଵାବାର ପ୍ରାୟ ୬୭୬.୬୬ ଟଙ୍କା (୮.୩୦%), ରନ୍ଧନ ଜାଳେଣି ବାବଦରେ ୫୫୮.୩୩ ଟଙ୍କା (୬.୮୫%), ଏବଂ ସାମାଜିକ ପର୍ବପର୍ବାଣି ବାବଦରେ ୫୫୧.୬୬ (୬.୭୫%) ଖର୍ଚ୍ଚ କରାଯାଉଛି ।

ମଧ୍ୟମ ସ୍ତରର ବସ୍ତୁମାନଙ୍କ ମଧ୍ୟରେ ପୋଷାକ ୪୪୧.୬୬ ଟଙ୍କା (୫.୪୨%), ଗମନାଗମନ ବାବଦରେ ୪୨୬.୬୬ ଟଙ୍କା (୫.୨୨%), ସ୍ୱାସ୍ଥ୍ୟ ବାବଦରେ ୪୦୮.୩୩ ଟଙ୍କା(୫.୦୦%), ଯୋଗାଯୋଗ ବାବଦରେ ୪୦୬.୬୬ ଟଙ୍କା (୪.୯୮%), ଏବଂ ଘରୋଇ ବ୍ୟୟ ୩୫୦.୦୦ ଟଙ୍କା(୪.୨୮%) ରହିଛି।

ତୁଳନାମୂଳକ ଛୋଟ ଅଂଶରେ କୃଷି ବାବଦରେ ୨୪୧.୬୬ ଟଙ୍କା (୨.୯୭%) ଏବଂ ଶିକ୍ଷା ୧୮୩.୩୩ ଟଙ୍କା(୨.୨୫%) ରହିଛି।

**୫.୯.୨ ପରିବାରଗୁଡିକର ଋଣ ସମ୍ବନ୍ଧୀୟ ତଥ୍ୟ**

